# ଯୋଗ ଓ ଜୀବନ

## (ପ୍ରଶ୍ନୋତ୍ତର – ପ୍ରଥମ ଭାଗ)

# ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ପ୍ରଥମ ଭାଗ)

## (୧)

## ଜୀବନ-ସମସ୍ୟାର ସମାଧାନ

ପ୍ରଶ୍ନ : ବ୍ୟକ୍ତିଗତ ଜୀବନ ଯେପରି ଦୁଃଖଦ୍ୱନ୍ଦ୍ୱରେ ପୂର୍ଣ୍ଣ ସେହିପରି ସମସ୍ତ ସଂସାରରେ ଅନ୍ୟାୟ, ମିଥ୍ୟାଚାରର ରାଜତ୍ୱ । ଜଗତର ସକଳ କ୍ଷେତ୍ରରେ ଏହାର ବୃଦ୍ଧି ହେଉଅଛି । ଏହାର ସମାଧାନ କ'ଣ ? ଏହାର କାରଣ କ'ଣ ?

ଉତ୍ତର : ମନୁଷ୍ୟର ବ୍ୟକ୍ତିଗତ ଜୀବନର ଜଟିଳ ସମସ୍ୟାର ସମାଧାନ ହେଲା ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣି ପ୍ରଯତ୍ନ କରିବା ଏବଂ ତାହାକୁ ପ୍ରାପ୍ତ ହେବା । ଏହାର ନାମ ଯୋଗ । ଏଥିରେହିଁ ଜଗତ-ସମସ୍ୟାର ସମାଧାନ ହେବ । ଅନ୍ୟାୟ ଓ ଅସତ୍ୟ ବୃଦ୍ଧିର କାରଣ ହେଲା ଯୁଗ-ପରିବର୍ତ୍ତନର ସନ୍ଧିକ୍ଷଣ । ଅର୍ଥାତ୍ ପୁରାତନ ଯୁଗର ନୈତିକତା ଓ ସାମାଜିକତାର ପତନ, ନୂତନ ସତ୍ୟର ଆଗମନ ।

*

ପ୍ରଶ୍ନ : ଏହି ଉତ୍ତର ଅସମ୍ଭବ ପ୍ରତୀତ ହେଉଅଛି । ବର୍ତ୍ତମାନ ସଂସାରରେ ଘୋର ଅନ୍ୟାୟ, ଅତ୍ୟାଚାର ଚାଲିଛି । ବ୍ୟକ୍ତି ମିଥ୍ୟା ଛଡ଼ା ସତ୍ୟକୁ ସ୍ପର୍ଶ କରୁ ନାହାନ୍ତି; କେବଳ ଗୋଟିଏ କ୍ଷେତ୍ରରେ ନୁହେଁ, ସକଳ କ୍ଷେତ୍ରରେ, ସକଳ ସଂସ୍ଥାରେ । ଏପରି ଅବସ୍ଥାରେ ବ୍ୟକ୍ତି ଯୋଗ-ଅବଲମ୍ବନରେ ସତ୍ୟ, ନ୍ୟାୟ ଗ୍ରହଣ କରିବ କିପରି, ପୃଥିବୀରେ ବା ସତ୍ୟ ସ୍ଥାପିତ ହେବ କିପରି ? ବୋଧହୁଏ ବର୍ତ୍ତମାନ ସଂସାରର ପରିସ୍ଥିତିରେ ତୁମେ ଅନଭିଜ୍ଞ ଅଛ, ସେଥିପାଇଁ ଏପରି ଉଚ୍ଚ ଆଦର୍ଶର କଥା କହୁଛ ।

ବର୍ତ୍ତମାନ କୁଳୀନ ପରିବାରରେ ସ୍ତ୍ରୀ ପତିକୁ ତିରସ୍କାର କରି ସ୍ୱେଚ୍ଛାଚାରିତା ଆଚରଣ କରୁଛି, ପତି ମଧ୍ୟ ଅନ୍ୟାୟରେ ଧନୋପାର୍ଜନ କରି ମଦ୍ୟପାନରେ ରତ ରହି ଧର୍ମକୁ କୁସଂସ୍କାର କହି ନିଜ ପତ୍ନୀକୁ ପରିତ୍ୟାଗ କରି ଇନ୍ଦ୍ରିୟ-ବାସନା-ତୃପ୍ତିକୁ ଜୀବନର ଲକ୍ଷ୍ୟ ମାନି ନେଇଛି । ପିତାମାତାଙ୍କର କନ୍ୟା ଉପରେ କୌଣସି ଅଧିକାର ନାହିଁ । ସେ ପୂର୍ଣ୍ଣ ରୂପେ ସ୍ୱତନ୍ତ୍ରା । ଏହା ହେଉଛି ନୈତିକତାର ଘୋର ଅଧଃପତନ । ଏବେ ଅନ୍ୟାୟର କଥା ଶୁଣ ।

ଆମ ସରକାର ଦେଶର ଉନ୍ନତି ସକାଶେ ବହୁତ ପ୍ରଯତ୍ନ କରୁଅଛନ୍ତି । କୌଣସି କାର୍ଯ୍ୟ ସକାଶେ କୌଣସି ବସ୍ତୁର ଆବଶ୍ୟକ ହେଲେ ଉଚ୍ଚପଦସ୍ଥ ଅଫିସରମାନେ କମ୍ପାନୀ ସହିତ ଦାମ୍ ନିର୍ଦ୍ଧାରଣ କରିବା ସକାଶେ ପଚାରୁଛନ୍ତି, ''ଏ ବସ୍ତୁର ଦାମ୍ କେତେ ?'' ଉତ୍ତର ମିଳେ 'ଅଠର', ଅଫିସର କହନ୍ତି, ''ବିଲ୍ କରିବ 'ଅଠେଇଶ', ପାଇବ କୋଡ଼ିଏ ।'' ଆଠ ରହିଲା ଅଫିସରଙ୍କ ପକେଟରେ, କମ୍ପାନୀ ପାଇଲା ଅଠର ଜାଗାରେ କୋଡ଼ିଏ । ସଡ଼କ ତିଆରି ସକାଶେ ହଜାରେ ଗାଡ଼ି ପଥର ଆସିଲେ ବିଲ୍ ହେଉଛି ତିନି ହଜାର । କୌଣସି କାର୍ଯ୍ୟରେ ଯଦି ଏକ କୋଟି ଖର୍ଚ୍ଚ ହେଲା ତେବେ ବିଲ୍ ହେଲା ତିନି କୋଟି । ସରକାରଙ୍କ ମହଲରେ ବହୁତ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍ ଦେଲେ ଉପରୁ ତଳ ପର୍ଯ୍ୟନ୍ତ ଏହି ହାଲ୍ । ବଜାରରେ ଖାଣ୍ଟି ମାଲ୍‌ର ନାମ ନାହିଁ । ଦୁଧ, ଘିଅ, ତେଲ, ଅଟା, ଚାଉଳ, ମସଲା ଇତ୍ୟାଦି ସବୁଥିରେ ଭେଜାଲ । ଏପରିକି ବିଷରେ ମଧ୍ୟ ଚିନି ମିଶୁଛି । ସ୍କୁଲ କଲେଜ କଥା ଛାଡ଼ । ଶିକ୍ଷକମାନେ ସ୍କୁଲକଲେଜରେ ଆଗ୍ରହ ବିନା କାର୍ଯ୍ୟ କରୁଛନ୍ତି । ତାଙ୍କର ଲକ୍ଷ୍ୟ ରହୁଛି

ଟ୍ୟୁସନ୍ କରି ପଇସା ରୋଜଗାର କରିବାରେ । ଛାତ୍ରମାନଙ୍କର ଗୁରୁ-ଭକ୍ତିର ନାମ ନାହିଁ । ଅଧିକାଂଶ ଛାତ୍ର ପଢ଼ାପଢ଼ି ଛାଡ଼ି ସଂଘବଦ୍ଧ ହୋଇ ରାଜନୀତି କରୁଛନ୍ତି ଏବଂ ଶିକ୍ଷକମାନଙ୍କୁ ଧମକ ଦେଇ ପରୀକ୍ଷା ବେଳେ ଖାତା ନକଲ କରି କିଂବା ବହି ଦେଖି ଲେଖି ପାସ୍‌ଟା କରିବା ଲକ୍ଷ୍ୟ ରଖିଅଛନ୍ତି । ଚାକିରି କ୍ଷେତ୍ରରେ ଯୋଗ୍ୟତା ଅଯୋଗ୍ୟତାର ପ୍ରଶ୍ନ ନାହିଁ । ବଡ଼ ଅଫିସରଙ୍କ ସ୍ୱାର୍ଥରେ ସାହାଯ୍ୟ କରିପାରିଲେ ଉନ୍ନତି ନିଶ୍ଚିତ । ବର୍ତ୍ତମାନ ସଂସାରରେ ଅନ୍ୟାୟ, ଅସତ୍ୟର ପୂର୍ଣ୍ଣ ରାଜତ୍ୱ । ଏଥିରେ ସତ୍ୟ ଆଚରଣ କଲେ ଗଲା,– ବ୍ୟବସାୟରେ ଦେବାଳିଆ ହେବ, ଚାକିରିରେ ଅବନତି ଘଟିବ, ରାଜନୀତିରେ ଅଯୋଗ୍ୟ ସାବ୍ୟସ୍ତ ହେବ, ପରିବାରର ଦାବି ପୂରା ନ କଲେ ସେମାନଙ୍କର ହେବ ଚକ୍ଷୁଶୂଳ । ଶେଷରେ ଅସତ୍ୟ, ଅନ୍ୟାୟ ଆଚରଣ କରିବାକୁ ବ୍ୟକ୍ତି ବାଧ୍ୟ ହେବ ଅଥବା କବାଟ କୋଣରେ ଉପାସଭୋକରେ ପଡ଼ିରହିବ । ଏପରି ଅବସ୍ଥାରେ ତୁମେ କହୁଛ – ''ପୃଥିବୀରେ ସତ୍ୟ, ନ୍ୟାୟ ପ୍ରତିଷ୍ଠା ହେବାର ସମୟ ଆସିଛି, ପ୍ରତ୍ୟେକଙ୍କୁ ଏହା ଗ୍ରହଣ କରିବାକୁ ହେବ ।'' ତୁମ ବକ୍ତବ୍ୟ କେବଳ ଶବ୍ଦ ଓ ସିଦ୍ଧାନ୍ତରେ ରହିବ ନା କାର୍ଯ୍ୟକାରୀ ହେବ ?

ଉତ୍ତର : ପ୍ରଶ୍ନ ବେଶ୍ ଯୁକ୍ତିଯୁକ୍ତ ମନେ ହେଉଥିଲେ ମଧ୍ୟ ଏହା କେବଳ ବାହ୍ୟ ଦୃଷ୍ଟିରୁ ବିଚାର କରାଯାଇଛି । ଯେତେବେଳେ ହିରଣ୍ୟକଶିପୁ ସତ୍ୟର ଘୋର ବିରୋଧାଚରଣ କରୁଥିଲା, ଏପରିକି ଭଗବତ୍ ନାମ ସ୍ମରଣ କରିବା ବ୍ୟକ୍ତି ରାଜଦ୍ରୋହରେ ପ୍ରାଣଦଣ୍ଡ ଭୋଗ କରୁଥିଲା, ସେତେବେଳେ ଯଦି ପ୍ରହ୍ଲାଦ ପ୍ରକଟ ହୋଇ ପୃଥିବୀରେ ଭଗବତ୍ ଭକ୍ତି ସ୍ଥାପନା କରିଥିଲେ, ବର୍ତ୍ତମାନ ସତ୍ୟ, ନ୍ୟାୟ ଆଚରଣ କରିବା ଅସମ୍ଭବ କାହିଁକି ହେବ ? ଏହା କେବଳ ଶବ୍ଦରେ କିଂବା ସିଦ୍ଧାନ୍ତରେ ସୀମାବଦ୍ଧ ହୋଇ ରହିବ ନାହିଁ, ପ୍ରତ୍ୟକ୍ଷ ରୂପେ କାର୍ଯ୍ୟରେ ପରିଣତ ହେବ । କୌଣସି ପୁରାତନ ଅବସ୍ଥା ପୂର୍ଣ୍ଣ ନ ହେଲେ ନୂତନ ଅବସ୍ଥା ଆସେ ନାହିଁ । ଅମାବାସ୍ୟା ରାତ୍ରିରେ ସମ୍ପୂର୍ଣ୍ଣ ଅନ୍ଧକାର ନ ହେଲେ ପ୍ରତିପଦରେ ଚନ୍ଦ୍ରମାର ପ୍ରକାଶ ହୁଏ ନାହିଁ । ବର୍ତ୍ତମାନ ଅନ୍ୟାୟ, ମିଥ୍ୟାଚାରର ପୂର୍ଣ୍ଣ ପରିଣତି ଅବସ୍ଥା ହୋଇଅଛି, ଠିକ୍ ଏହି ସମୟହିଁ ପରିବର୍ତ୍ତନର ଅବସ୍ଥା । କଳିଯୁଗ ପରେ ସତ୍ୟଯୁଗର ସ୍ଥାପନା ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ଘୋର ଅନ୍ୟାୟ, ଅସତ୍ୟ ଅବସ୍ଥାରେ ସତ୍ୟ, ନ୍ୟାୟ ସଂସାରରେ ପ୍ରତିଷ୍ଠା କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ରୂପାନ୍ତରକାରୀ ମହାଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଅଛନ୍ତି । ବ୍ୟକ୍ତି ଏହା ଦ୍ୱାରା ରୂପାନ୍ତରିତ ହେବା ସକାଶେ ପଥପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କଲେ ଏହି ଘୋର ଅନ୍ୟାୟ, ଅସତ୍ୟ ମଧ୍ୟରେ ସତ୍ୟ ଆଚରଣ କରିପାରିବ । ସେ ପୂର୍ଣ୍ଣତଃ ଭାଗବତୀ ଶକ୍ତିର ସାହାଯ୍ୟ ପାଇବ ।

*

ପ୍ରଶ୍ନ : ତୁମେ କହୁଛ ଯେ ମା'ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ଏହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀରର ରୂପାନ୍ତର ହେବ, ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । କିନ୍ତୁ ପରିଣାମରେ ଏହାର ବିପରୀତ ଦୃଷ୍ଟି ଗୋଚର ହେଉଛି । ଯେଉଁ ଶକ୍ତି ମନୁଷ୍ୟର ମନ, ପ୍ରାଣ, ଶରୀରକୁ ରୂପାନ୍ତର କରି ଅମରତ୍ୱ ପ୍ରଦାନ କରିପାରେ, ଦୁଃଖ-ଯାତନାମୟ ମୃତ୍ୟୁପୁରୀକୁ ଦିବ୍ୟ ରୂପ ଦେଇପାରେ, ସେହି ଶକ୍ତି ଏହି ପୃଥିବୀରେ ଅବତୀର୍ଣ୍ଣ ହେବା ପରେ ଅନ୍ୟାୟ, ଅସତ୍ୟର ହ୍ରାସ ହେବା ଉଚିତ ଥିଲା, ମାତ୍ର ଏହା ନ ହୋଇ କ୍ରମଶଃ ବୃଦ୍ଧି ହେଉଛି । ଅତଏବ ଏହି ଶକ୍ତିର ଆଶ୍ରୟରେ ନୂତନ ସତ୍ୟଯୁଗର ପ୍ରତିଷ୍ଠା ହେବ ବୋଲି କିପରି ବିଶ୍ୱାସ କରିବୁ ?

ଉତ୍ତର : ସକଳ ଘଟଣା ତୁମ ବିଶ୍ୱାସ ଉପରେ ନିର୍ଭର କରେ ନାହିଁ । ଯେଉଁ ସତ୍ୟ ତୁମ ମନ-ବୁଦ୍ଧିର ଅତୀତ, ତାକୁ ଯଦି ତୁମେ ବିଶ୍ୱାସ ନ କର, ତେବେ ତାହା ତୁମ ବିଶ୍ୱାସକୁ ଅପେକ୍ଷା ନ କରି ଅବଶ୍ୟ ଘଟିବ । ସୃଷ୍ଟିର ବିଧାନ ଚାଲେ ନିଜ ମାର୍ଗରେ, ତୁମର ସୀମିତ ବୁଦ୍ଧି ଗ୍ରହଣ କରିବା ଅନୁସାରେ ଭଗବାନ୍ ନିଜ ବ୍ୟବସ୍ଥାର ପରିବର୍ତ୍ତନ କରନ୍ତି ନାହିଁ । ଭଗବାନଙ୍କ ବ୍ୟବସ୍ଥା ବୁଝିବାକୁ ହେଲେ ତୁମ ସୀମିତ ବୁଦ୍ଧିକୁ ବିଶାଳ କରିବାକୁ ହେବ । ଉଚ୍ଚତର ସତ୍ୟ ନିମ୍ନତର ସତ୍ୟର ଅନୁଗାମୀ ହୁଏ ନାହିଁ, ନିମ୍ନତର ସତ୍ୟ ସର୍ବଥା ଅନୁଗାମୀ ହୁଏ ଉଚ୍ଚତର ସତ୍ୟର ।

ଯେବେ ଯେବେ ଯୁଗ-ପରିବର୍ତ୍ତନ ହୁଏ ପୁରାତନର ସମସ୍ତ ବିଧିବିଧାନ ଭାଙ୍ଗି ଚୂରମାର୍ ହୋଇଯାଏ, ତେବେ ଆସେ ନୂତନ ସତ୍ୟ । ନୂତନ ସତ୍ୟର ପଥରୋଧ ବରାବର କରେ ଅସତ୍ୟ । ଯେଉଁ ସମୟରେ ରାବଣ ଦ୍ୱାରା ପୃଥିବୀରେ ଅନ୍ୟାୟ, ଅସତ୍ୟ ଅଧିକ ବୃଦ୍ଧି ହେଲା ସେହି ସମୟରେ ଅବତାର ନେଲେ ସ୍ୱୟଂ ଭଗବାନ୍ ଶ୍ରୀରାମଚନ୍ଦ୍ର । ଶ୍ରୀରାମଚନ୍ଦ୍ର ଅବତାର ନେବା ସଙ୍ଗେ ସଙ୍ଗେ ପୃଥିବୀରୁ ଅସତ୍ୟ ଦୂର ନ ହୋଇ ପ୍ରବଳ ବେଗରେ ବୃଦ୍ଧି ହେବାକୁ ଲାଗିଥିଲା । ରାବଣ ଦଣ୍ଡକାରଣ୍ୟରେ ମାରୀଚ, ସୁବାହୁଙ୍କୁ ନିଯୁକ୍ତ କରିଥିଲା । ତାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ରାକ୍ଷସ ଅନ୍ୟାୟ କର୍ମାଚରଣରେ ଆଗଭର ହୋଇ ଯଜ୍ଞାଦି ଧ୍ୱଂସ କରି ଋଷିମାନଙ୍କୁ ଭକ୍ଷଣ କରୁଥିଲେ । ସେହି ଭୟରେ ବିଶ୍ୱାମିତ୍ରଙ୍କ ପରି ମହା ତପୋନିଷ୍ଠ ଋଷି ବି ଯଜ୍ଞ କରିପାରୁ ନ ଥିଲେ । ଯଜ୍ଞରକ୍ଷା ସକାଶେ ଶ୍ରୀରାମଙ୍କୁ ଅଯୋଧ୍ୟାରୁ ନେବା ପରେ ତାଙ୍କର ସୁରକ୍ଷା ଦ୍ୱାରା ଋଷିଙ୍କର ଯଜ୍ଞ ସଂପୂର୍ଣ୍ଣ ହୋଇଥିଲା । ଶ୍ରୀରାମଙ୍କର ବନଗମନ ସମୟରେ ଦଣ୍ଡକାରଣ୍ୟର ବହୁ ସ୍ଥାନରେ ଅସୁରଙ୍କ ଦ୍ୱାରା ଭକ୍ଷଣ କରା ହୋଇଥିବା ଋଷିମାନଙ୍କର ବହୁ ଅସ୍ଥି ସେ ଦେଖିବାକୁ ପାଇଥିଲେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କ ଅବତାର ସମୟରେ ମଧ୍ୟ ଠିକ୍ ସେହିପରି । ଶ୍ରୀକୃଷ୍ଣ ଅବତାର ନେବା ପୂର୍ବରୁ କଂସ ଅଧିକ ଅତ୍ୟାଚାର କରିବାକୁ ଲାଗିଲା । ଶ୍ରୀକୃଷ୍ଣ ଅବତାର ନେବା ସଙ୍ଗେ ସଙ୍ଗେ କେତେ ନବଜାତ ଶିଶୁଙ୍କୁ ପୁତନା ଦ୍ୱାରା ବଧ କରାଇଥିଲା । ଭଗବାନ୍ ଅବତାର ନେଇ ଅସୁରକୁ ମାରିବାକୁ ଯାଆନ୍ତି ନାହିଁ, ଅସୁରମାନେ ସ୍ୱୟଂ ଥୟ ନ ହୋଇ ଭଗବାନଙ୍କ ସଙ୍ଗେ ବିରୋଧ କରନ୍ତି, କାରଣ ସତ୍ୟର ପ୍ରତାପକୁ ଅସତ୍ୟ ବରଦାସ୍ତ କରିପାରେ ନାହିଁ କିଂବା ତା' ସହିତ ସାମଞ୍ଜସ୍ୟ ସ୍ଥାପନ କରିପାରେ ନାହିଁ । ସତ୍ୟର ଆବିର୍ଭାବ ସଙ୍ଗେ ସଙ୍ଗେ ଅସତ୍ୟ, ଅନ୍ୟାୟଙ୍କର ଆସନ ସ୍ଥିର ହୋଇ ରହିପାରେ ନାହିଁ; ସମସ୍ତ ଶକ୍ତି ସହ ସତ୍ୟର ବିରୋଧରେ ଯୁଦ୍ଧ କରନ୍ତି ଏବଂ ଶେଷରେ ନାଶ ହୁଅନ୍ତି । ବର୍ତ୍ତମାନ ଠିକ୍ ସେହିପରି ଅବସ୍ଥା । ଅତିମାନସ ମହା ସତ୍ୟ ପୃଥିବୀରେ ରୂପାନ୍ତର କାର୍ଯ୍ୟ କରିବା ସକାଶେ ଅବତୀର୍ଣ୍ଣ ହୋଇଥିବାରୁ ଅନ୍ଧକାର ଶକ୍ତି ସ୍ୱୟଂ ନାଶ ହେବା ଭୟରେ ପୂର୍ଣ୍ଣ ପରାକ୍ରମ ସହ ତା'ର ପଥରୋଧ କରିବାକୁ ଚେଷ୍ଟା କରୁଅଛି । ସେହି କାରଣରୁ ଅଧିକ ମାତ୍ରାରେ ଅସତ୍ୟ, ଅନ୍ୟାୟର କ୍ରିୟା ଦୃଷ୍ଟିଗୋଚର ହେଉଅଛି । ସତ୍ୟ-ପ୍ରତିଷ୍ଠାର ଏହାହିଁ ଯୁକ୍ତିଯୁକ୍ତ ସୂଚନା । ପୃଥିବୀର ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା ହେବାର ଅନ୍ୟ କାରଣ ହେଉଛି ବର୍ତ୍ତମାନ ପ୍ରତ୍ୟେକ ସ୍ତରର ବ୍ୟକ୍ତି, ପ୍ରତ୍ୟେକ ସ୍ୱଭାବର ବ୍ୟକ୍ତି ଗୋଟାଏ ଅଭାବ ଅସ୍ପଷ୍ଟ ରୂପେ ଅନୁଭବ କରୁଅଛନ୍ତି । କୌଣସି ବ୍ୟକ୍ତି ସୁଖଶାନ୍ତିରେ ରହିପାରୁ ନାହାନ୍ତି । ଏହି ପରିସ୍ଥିତି ହୁଏ ଯୁଗ-ପରିବର୍ତ୍ତନର ସମୟରେ । ଯେତେବେଳେ ଅନ୍ୟାୟର ପ୍ରଭୁତ୍ୱ ଥାଏ ସେତେବେଳେ ବ୍ୟକ୍ତି ଅନ୍ୟାୟ ଆଚରଣ କରି ଅଜ୍ଞାନବଶରେ ସେଥିରେ ସନ୍ତୁଷ୍ଟ ରହେ । କିନ୍ତୁ ଯୁଗ-ପରିବର୍ତ୍ତନର ସମୟରେ ନୂତନ ଶକ୍ତି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେଲେ ଅଜ୍ଞାତରୂପେ ବ୍ୟକ୍ତିର ଗଭୀରତାରେ ତାହାର ପ୍ରଭାବ ପଡ଼େ । ବ୍ୟକ୍ତିର ଅଜ୍ଞାନାବରଣକୁ ଭେଦ କରି ତା' ମନରେ ଆଲୋକପାତ ନ କରି ପାରିଥିବାରୁ ବ୍ୟକ୍ତି ସେହି ସତ୍ୟକୁ ସ୍ପଷ୍ଟରୂପେ ଜାଣିପାରେ ନାହିଁ । କିନ୍ତୁ ତା' ମଧ୍ୟରେ ଗୋଟାଏ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ବର୍ତ୍ତମାନ ଠିକ୍ ସେହି ସମୟ । ଏହି କାରଣରୁ ଯେଉଁମାନେ ଅନ୍ୟାୟରେ ଧପ୍‌ପାବାଜି କରି ଜନତାର ଧନ ଆତ୍ମସାତ୍ କରୁଅଛନ୍ତି, ସେମାନେ କଦାପି ସୁଖ-ଶାନ୍ତିରେ ରହିପାରୁ ନାହାନ୍ତି । ସେମାନେ ମହାନ୍ ଦୁଃଖକଷ୍ଟ ଓ ଅଶାନ୍ତିରେ କାଳାତିପାତ କରୁଅଛନ୍ତି । ଅନ୍ୟାୟ, ଅସତ୍ୟ ଆଚରଣରେ ବ୍ୟକ୍ତି କେବେ ବି ସୁଖ-ଶାନ୍ତି ପାଇପାରେ ନାହିଁ, କେବଳ ସୁଖଶାନ୍ତି ପାଇବାର ଏକମାତ୍ର ଉପାୟ ହେଲା ସତ୍ୟ ଆଚରଣ । ଯେଉଁ ବ୍ୟକ୍ତି ସତ୍ୟବାଦୀ ଓ ନ୍ୟାୟନିଷ୍ଠ ସେ ଯଥାର୍ଥରେ ନିର୍ଭୀକ । ଯେଉଁ ବ୍ୟକ୍ତି ତିନି ଶହ ଟଙ୍କା ବେତନ ପାଏ, ଯଦି ସେ ଏକ ହଜାର ଟଙ୍କା ଆତ୍ମସାତ୍ କରେ, ତେବେ ଜନତାର କ୍ଷତି ହୁଏ ଏକ ଲକ୍ଷ ଟଙ୍କା । ଏହି ଏକ ଲକ୍ଷ ଟଙ୍କା ଆସେ ଗରିବ, ଦିବାରାତ୍ରି ପରିଶ୍ରମ କରୁଥିବା ବ୍ୟକ୍ତିଙ୍କଠାରୁ । ତିନିଶହ ଟଙ୍କା ପାଉଥିବା ବ୍ୟକ୍ତି ଏକ ହଜାର ଟଙ୍କା ହଜମ କରିପାରେ ନାହିଁ, ତାହାର ଅପବ୍ୟୟ କରେ ଭୋଗ-ବିଳାସରେ । ଯେଉଁମାନଙ୍କ ପେଟରୁ କଟା ହୋଇ ଏହି ଧନ ଆସିଥାଏ, ସେମାନଙ୍କ ପେଟ ଭୋକଉପାସରେ ଜଳେ, ସେମାନଙ୍କ ଦୁଃଖ ଶତଗୁଣ ହୋଇ ଟଙ୍କା ଆତ୍ମସାତ୍ କରିଥିବା ବ୍ୟକ୍ତିକୁ ଆକ୍ରମଣ କରେ । ସେଥିରୁ ରକ୍ଷା ପାଇବା ସକାଶେ ପୋଡ଼ା ଘା'ରେ ଚୂନ ଦେବା ସଦୃଶ ସେ ଶାନ୍ତି ଖୋଜେ ମଦ୍ୟପାନ ଏବଂ ସିନେମାରେ । ସେଥିରୁ ରକ୍ଷା ନ ପାଇ ସର୍ପକୁ ଦୁଗ୍ଧ ପାନ କରାଇବାରେ ବିଷ ପ୍ରବଳ ହେବା ସଦୃଶ

ଦୁଃଖକଷ୍ଟର ବୃଦ୍ଧି ହୁଏ । ବ୍ୟକ୍ତି ଯେଉଁପରି ଆଚରଣ କରେ, ତାହାର ପ୍ରଭାବ ପଡ଼େ ସ୍ତ୍ରୀ ଓ ସନ୍ତାନମାନଙ୍କ ଉପରେ । ପାପାର୍ଜିତ ଧନ ଭୋଗ କରିଥିବା ଯୋଗୁଁ ସେମାନଙ୍କର ମଧ୍ଯ ବୁଦ୍ଧି ଭ୍ରଷ୍ଟ ହୁଏ । ନିଜେ ଯେପରି ଅସତ୍ ଆଚରଣ କରି ଦୁଃଖ ପାଉଥାଏ, ତା'ଠାରୁ ଅଧିକ ଅସତ୍ ଆଚରଣ କରନ୍ତି ସ୍ତ୍ରୀ ଏବଂ ସନ୍ତାନ । ସେମାନଙ୍କ ଆଚରଣରେ ତା'ର ହୃଦୟ ଜଳୁଥାଏ, ମାତ୍ର କିଂକର୍ତ୍ତବ୍ୟବିମୂଢ଼ ହୋଇ ସେସବୁକୁ ସହିବାକୁ ହୁଏ । ଅସତ୍ୟ, ଅନ୍ୟାୟରେ ବ୍ୟକ୍ତି କେବେ ବି ସୁଖ-ଶାନ୍ତି ପାଇ ପାରେ ନାହିଁ, ବରଂ ସର୍ବଦା ଦୁଃଖାଗ୍ନିରେ ଜଳିପୋଡ଼ି ହୋଇ ହାହାକାରମୟ ଜୀବନ ଯାପନ କରୁଥାଏ । ସତ୍ୟ, ନ୍ୟାୟରେ ଉପାର୍ଜିତ ଶାଗଭାତ ଉତ୍ତମ, ଅନ୍ୟାୟରେ ଉପାର୍ଜିତ ମିଷ୍ଟାନ୍ନ ଦୁଃଖଦାୟକ ।

*

ପ୍ରଶ୍ନ : ସତ୍ୟ ଏବଂ ନ୍ୟାୟ ଆଚରଣ କରିବାକୁ ଶାସ୍ତ୍ରରେ କୁହାହୋଇଅଛି, ଦେଶର ନେତାମାନେ ମଧ୍ଯ ସଭାସମିତିରେ ଏହାହିଁ କହୁଛନ୍ତି, ସାଧୁସନ୍ଥମାନଙ୍କର ମଧ୍ଯ ସେହି ନିର୍ଦ୍ଦେଶ; କିନ୍ତୁ ଫଳରେ କିଛି ଦେଖାଯାଉ ନାହିଁ । ଯେଉଁମାନେ ସତ୍ୟ-ନ୍ୟାୟର କଥା କହୁଛନ୍ତି ସେହିମାନେ ଯଦି ସଭାରେ ପଣ୍ଡିତଙ୍କ ବାଇଗଣ ନ ଖାଇବା କଥା ସଦୃଶ ସ୍ୱାର୍ଥବଶତଃ ଅନ୍ୟାୟ, ଅସତ୍ୟ ଆଚରଣ କରୁଛନ୍ତି, ତେବେ ଶୁଣିବା ଲୋକ କ'ଣ କରିବେ ? ଏପରିସ୍ଥଳେ ବ୍ୟକ୍ତି ସତ୍ୟ, ନ୍ୟାୟ ଆଚରଣ କରିବ କିପରି, ସଂସାରରେ ବା ସତ୍ୟ-ପ୍ରତିଷ୍ଠା ହେବ କିପରି ?

ଉତ୍ତର : ନେତାମାନଙ୍କ ଭାଷଣରେ, ଶାସ୍ତ୍ରର ନିର୍ଦ୍ଦେଶରେ ଏବଂ ସନ୍ଥମହାତ୍ମାଙ୍କ ଉପଦେଶରେ ପୃଥିବୀରେ ସତ୍ୟ-ପ୍ରତିଷ୍ଠା ହୁଏ ନାହିଁ । କାରଣ ସେମାନଙ୍କ ବାକ୍ୟ ବା ଉପଦେଶ ପଶ୍ଚାତରେ ପ୍ରବଳ ଶକ୍ତି ନ ଥାଏ । ଏହା କେବଳ ସମ୍ଭବ ହୁଏ ମହାପୁରୁଷ ବା ଅବତାରଙ୍କ ଦ୍ୱାରା, ଯେଉଁମାନେ ଏହି ସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରିବାକୁ ଆସିଥାଆନ୍ତି । ସେହିମାନେହିଁ ମହାନ୍ ଶକ୍ତିକୁ ଧାରଣ କରିଥାଆନ୍ତି, ସେମାନେ ସ୍ୱୟଂ ସତ୍ୟ ଆଚରଣ କରି ବ୍ୟକ୍ତି ସମ୍ମୁଖରେ ଆଦର୍ଶ ସ୍ଥାପନା କରନ୍ତି । ତାଙ୍କରି ଆଚରଣରେ, ତାଙ୍କରି ବାକ୍ୟରେ, ଲେଖାରେ ଥାଏ ଶକ୍ତି । ସେହି ଶକ୍ତି ଆମୋଘଭାବେ କାର୍ଯ୍ୟ କରେ ଏବଂ ଅସତ୍ୟର ସକଳ ଦୁର୍ବାର ଦାବିକୁ ବିଦୂରିତ କରି ପୃଥିବୀରେ ସତ୍ୟରାଜ୍ୟ ପ୍ରତିଷ୍ଠା କରେ । ସେହି ସମୟରେ ତାଙ୍କରି ନିର୍ଦ୍ଦେଶର ବାହକ ହୁଅନ୍ତି ଶାସ୍ତ୍ର, ରାଜନୈତିକ ନେତା ଏବଂ ସନ୍ଥ ମହାତ୍ମା । ସେହି ସମୟରେ ଏମାନେ ଯାହା କହନ୍ତି ସେହି ବାକ୍ୟର ପଶ୍ଚାତରେ ଥାଏ ସତ୍ୟ-ପ୍ରତିଷ୍ଠ ମହାପୁରୁଷଙ୍କର ଅବ୍ୟର୍ଥ ଶକ୍ତି ।

ସଂସାରରେ ସତ୍ୟ-ନ୍ୟାୟ ପ୍ରତିଷ୍ଠା କରିବା ସକାଶେ, ଏହି ପୃଥିବୀକୁ ଆସିଛନ୍ତି ଶ୍ରୀଅରବିନ୍ଦ ଏବଂ ମା' । ସେମାନେ ସ୍ୱୀୟ ତପସ୍ୟାରେ ଉତାରି ଆଣିଛନ୍ତି ଅତିମାନସ ମହାଶକ୍ତିକୁ । ତାହାରି ଦ୍ୱାରା ସାଧକମାନଙ୍କର ମନ, ପ୍ରାଣ, ଶରୀରର ଦିବ୍ୟତତ୍ତ୍ୱରେ ରୂପାନ୍ତର କର୍ମ କରାଉ ଅଛନ୍ତି । ସେହି ସାଧକମାନେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହେବେ; ସେହିମାନେ ହେବେ ନୂତନ ଯୁଗର ଅତିମାନବ । ଏହାଫଳରେ ସଂସାର ହେବ ସ୍ୱର୍ଗ ।

ଏହା ନୂଆ କଥା ନୁହେଁ; ଯେବେ ଯେବେ ପୁରାତନ ସତ୍ୟର ହ୍ରାସ ହୋଇଛି ସେତେବେଳେ ଅବତାର ଅଥବା ମହାପୁରୁଷ ଏହି ପୃଥିବୀକୁ ଆସି ସତ୍ୟ ପ୍ରତିଷ୍ଠା କରିଅଛନ୍ତି । ସତ୍ୟଯୁଗରେ ହିରଣ୍ୟକଶିପୁ ଦ୍ୱାରା ଅସତ୍ୟର ବୃଦ୍ଧି ହେବାରୁ ପ୍ରହ୍ଲାଦ ଆବିର୍ଭୂତ ହୋଇଥିଲେ । ତାଙ୍କ ସତ୍ୟ ଏବଂ ଭଗବତ୍ ଭକ୍ତିର ପ୍ରଭାବରେ ନୃସିଂହ ଅବତାର ନେଲେ ଏବଂ ହିରଣ୍ୟକଶିପୁକୁ ବଧ କଲେ । ପୃଥିବୀରେ ସତ୍ୟ ପ୍ରତିଷ୍ଠିତ ହେଲା ।

ତ୍ରେତୟାରେ ରାବଣର ଅସତ୍ୟ, ଦୁରାଚାରିତାରେ ପୃଥିବୀ ଭାରାକ୍ରାନ୍ତ ହୋଇ ପଡ଼ିବାରୁ ଆଦ୍ୟାଶକ୍ତି ଜଗଜ୍ଜନନୀ ମିଥିଳା ରାଜ-ନନ୍ଦିନୀ ସୀତା ପୃଥିବୀରୁ ଆବିର୍ଭୂତା ହୋଇ ରାବଣକୁ ବଧ କରାଇଥିଲେ । ନାରୀମାନଙ୍କର ଆଦର୍ଶ ହୋଇଥିଲେ ଆଦ୍ୟାଶକ୍ତି ପତିବ୍ରତା-ଶିରୋମଣି ସୀତା; ପୁରୁଷମାନଙ୍କର ଆଦର୍ଶ ହୋଇଥିଲେ ଭଗବାନ୍ ଶ୍ରୀରାମଚନ୍ଦ୍ର । ଆଦ୍ୟାଶକ୍ତି ଜଗଜ୍ଜନନୀ ସୀତା ଏବଂ ପରମପିତା ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ସତ୍ୟ, ନ୍ୟାୟ ଆଚରଣ ଥିଲା ଅତୁଳନୀୟ ଆଦର୍ଶ ।

ଦ୍ୱାପରରେ କଂସ, ଜରାସନ୍ଧ, କୌରବାଦିଙ୍କର ଅସତ୍ୟ, ଅନ୍ୟାୟକୁ ପୃଥିବୀ ସହ୍ୟ କରି ନ ପାରିବାରୁ ଅବତାର ନେଲେ ଭଗବାନ୍ ଶ୍ରୀକୃଷ୍ଣ । ସେ ସେମାନଙ୍କୁ ବଧ କରି 'ଗୀତା' ଉପଦେଶ ଦେଇ ପୃଥିବୀରେ ପ୍ରତିଷ୍ଠା କଲେ ଅଧ୍ୟାତ୍ମ ସତ୍ୟ ।

କଳିରେ ଅନ୍ୟାୟ-ଅସତ୍ୟର ବୃଦ୍ଧି ଯୋଗୁଁ ଭଗବାନ୍ ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ ଏବଂ ଆଚାର୍ଯ୍ୟ ରାମାନନ୍ଦ ଆଦି ମହାପୁରୁଷ ଅବତାର ନେଇ ନିଜ ଆଚରଣ ତଥା ଉପଦେଶ ଦ୍ୱାରା ପୃଥିବୀରେ ବୃଦ୍ଧି କରାଇଲେ ସତ୍ୟ ଏବଂ ନ୍ୟାୟ । ଏହିସବୁ ମହାପୁରୁଷ ଏବଂ ଅବତାର ଆସିବା ସମୟରେ ସେମାନଙ୍କର ଥିଲା ମହାନ୍ ଶକ୍ତି । ସେମାନେ ନିଜ ଶକ୍ତିବଳରେ ଅସତ୍ୟର ହ୍ରାସ ଘଟାଇ ସତ୍ୟର ବୃଦ୍ଧି କରିଥିଲେ । କିନ୍ତୁ ଅସତ୍ୟକୁ ରୂପାନ୍ତର କରି ନ ଥିଲେ । ତା'ର ମଧ୍ୟ ସମୟ ଆସି ନ ଥିଲା । ସେମାନେ ସଂସାରରୁ ଚାଲିଯିବା ପରେ ଅରୂପାନ୍ତରିତ ଅସତ୍ୟ ପୁନରାୟ କ୍ରମଶଃ ସଂସାରରେ ବିସ୍ତାର ଲାଭ କଲା । ସେହି ମହାପୁରୁଷମାନଙ୍କ ଶିକ୍ଷା ପୃଥିବୀରେ ବିଦ୍ୟମାନ ଥିବା ସତ୍ତ୍ୱେ କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା । କାରଣ ସେହି ଶିକ୍ଷା ପଶ୍ଚାତ୍‌ରେ କୌଣସି ଶକ୍ତି ନ ଥିବାରୁ ସଭାରେ ପଣ୍ଡିତଙ୍କ ବାଇଗଣ ନ ଖାଇବା ଉପଦେଶ ସଦୃଶ କାର୍ଯ୍ୟ ହେଉଥିଲା ।

ଜଣେ ପଣ୍ଡିତ ପୁରାଣ କହିବା ସମୟରେ କହିଲେ, ''ବାଇଗଣ ମାଂସ ସଦୃଶ । ଅତଏବ ନିରାମିଷାଶୀ ବ୍ୟକ୍ତି ବାଇଗଣ ଭକ୍ଷଣ କରିବା ଉଚିତ ନୁହେଁ ।'' ପଣ୍ଡିତଙ୍କ ସ୍ତ୍ରୀ ସେ କଥା ଶୁଣି ଘରକୁ ଆସି ରୋଷେଇ କଲେ । ଭୋଜନ ସମୟରେ ଆସିଲେ ପଣ୍ଡିତ ମହାଶୟ । ପଣ୍ଡିତଙ୍କ ସ୍ତ୍ରୀ ଭୋଜନ ପରଷିଲେ । ପଣ୍ଡିତଜି ଅପେକ୍ଷା କଲେ ତରକାରି ସକାଶେ । ଅଧିକ ବିଳମ୍ବ ହେବାରୁ ପଣ୍ଡିତଜି ଉତ୍ତେଜିତ ହୋଇ କହିଲେ, ''ତରକାରି ନେଇଆ ।'' ଉତ୍ତର ମିଳିଲା, ''ଆଜି ଘରେ ପରିବା ନ ଥିବାରୁ ତରକାରି ହୋଇ ନାହିଁ ।'' ପଣ୍ଡିତଜି ଅଧିକ ଉତ୍ତେଜିତ ସ୍ୱରରେ କହିଲେ, ''ମୁଁ ଯେଉଁ ବାଇଗଣ ଆଣିଥିଲି କ'ଣ ହେଲା ?'' ''ବାଇଗଣ ମାଂସ ସଦୃଶ, ତୁମେ ଖାଇବ କିପରି ?'' – ପଣ୍ଡିତାଣୀ ଉତ୍ତର ଦେଲେ । ପଣ୍ଡିତଜି ଦାନ୍ତ କଡ଼ମଡ଼ କରି ରାଗରେ କହିଲେ, ''ଆଲୋ, ବାଇଗଣ ନ ଖାଇବା କଥା ଥିଲା ସଭା ସକାଶେ ନା ନିଜ ଘର ସକାଶେ ?'' ନୂତନ ସତ୍ୟ ସ୍ଥାପନା କରିବା ସକାଶେ ଯେଉଁ ସମୟରେ କୌଣସି ମହାପୁରୁଷ ଆସି ନ ଥା'ନ୍ତି ସେ ସମୟରେ ଉପଦେଷ୍ଟାମାନେ ଠିକ୍ ପଣ୍ଡିତଜିଙ୍କ ସଦୃଶ ଆଚରଣ କରନ୍ତି । ସେସମୟରେ ସେମାନେ ଯେଉଁ ଉପଦେଶ ଦିଅନ୍ତି ସ୍ୱୟଂ ପାଳନ କରନ୍ତି ନାହିଁ କିଂବା ତା' ପଶ୍ଚାତ୍‌ରେ କୌଣସି ଶକ୍ତି ନ ଥାଏ । ଏହି କାରଣରୁ ସେମାନଙ୍କ ବାକ୍ୟର କୌଣସି ମୂଲ୍ୟ ନ ଥାଏ । ସେମାନଙ୍କ ଦ୍ୱାରା କୌଣସି ସତ୍ୟ ପୃଥିବୀରେ ପ୍ରତିଷ୍ଠିତ ହୁଏ ନାହିଁ ।

*

ପ୍ରଶ୍ନ : ତୁମେ କହିଲ ଯେଉଁମାନେ ସତ୍ୟ ଆଚରଣ କରି ନ ଥା'ନ୍ତି କିଂବା ତାହାକୁ ଧାରଣ କରି ନ ଥା'ନ୍ତି ସେମାନଙ୍କ ବାକ୍ୟର, ଉପଦେଶର କୌଣସି ଫଳ ହୁଏ ନାହିଁ । ତୁମେ ଯେଉଁ ସତ୍ୟ ଆଚରଣ ଏବଂ ମନ, ପ୍ରାଣ, ଶରୀରର ରୂପାନ୍ତର କଥା କହୁଛ ତୁମେ ତାହା ପ୍ରାପ୍ତ କରିଅଛ କି ? ଯଦି ତୁମେ ସ୍ୱୟଂ ଆଚରଣ ନ କରୁଛ, ତେବେ ତୁମ କଥାର ପ୍ରଭାବ କ'ଣ ହେବ ?

ଉତ୍ତର : ସରକାର ଯେଉଁ ନିର୍ଦ୍ଦେଶ ରେଡ଼ିଓ ଦ୍ୱାରା ଦିଅନ୍ତି ତାହା ରେଡ଼ିଓ ଆଚରଣ କରେ ନାହିଁ, କିଂବା ତା'ର କୌଣସି ଶକ୍ତି ନ ଥାଏ । ସେ କେବଳ ଶବ୍ଦ ବାହକ ଯନ୍ତ୍ର । କିନ୍ତୁ ସେହି ଶବ୍ଦର ପଶ୍ଚାତରେ ଥାଏ ସରକାରଙ୍କର ଶକ୍ତି । ସେହି ସକାଶେ ତାହା କାର୍ଯ୍ୟକାରୀ ହୁଏ । ଗଧ ଚନ୍ଦନଭାର ବହନ କରେ, ସେ ଚନ୍ଦନର ପ୍ରଭାବ ଜାଣେ ନାହିଁ କିଂବା ଉପଯୋଗ କରେ ନାହିଁ । ଚନ୍ଦନ ଉପଯୋଗ କରିବା ବ୍ୟକ୍ତି କ'ଣ ଗଧ ଚନ୍ଦନର ପ୍ରଭାବ ଜାଣି ନ ଥିବା କିଂବା ତାହା ଉପଯୋଗ କରି ନ ଥିବା ପ୍ରଶ୍ନ କେବେ କରନ୍ତି ? ଠିକ୍ ସେହିପରି କହୁଥିବା ବା ଲେଖୁଥିବା ବ୍ୟକ୍ତିଙ୍କୁ ମାନିନେଲେ କ୍ଷତି କ'ଣ ? ମା'ଶ୍ରୀଅରବିନ୍ଦ ଅମୋଘ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି କେବଳ ରେଡ଼ିଓ ସଦୃଶ ଶବ୍ଦବାହକ କିଂବା ଗଧ ସଦୃଶ ଚନ୍ଦନକାଷ୍ଠର ବାହକ ହୋଇପାରେ, ବାହକର ଶକ୍ତିର କୌଣସି ଆବଶ୍ୟକତା ନ ଥାଏ । କାରଣ ଶବ୍ଦ ପଶ୍ଚାତରେ ରହିଥାଏ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କର ଅସାଧାରଣ ଶକ୍ତି । ତାଙ୍କ ଆଦେଶକୁ ଗ୍ରହଣ କରି ତାଙ୍କରି ପ୍ରଦର୍ଶିତ ମାର୍ଗରେ ଚାଲିଲେ ବ୍ୟକ୍ତି ତାଙ୍କଠାରୁ ପୂର୍ଣ୍ଣରୂପେ ସାହାଯ୍ୟ ପାଇବ ଏବଂ ସତ୍ୟ ଉଦ୍ଦେଶ୍ୟ ସିଦ୍ଧ କରିପାରିବ ।

## (୨)

## ଲକ୍ଷ୍ୟ

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ ମନେହେଉଛି ଏବଂ ସେଥିରେ ବିଶ୍ୱାସ ମଧ୍ୟ ହେଉଛି, କିନ୍ତୁ ବର୍ତ୍ତମାନ ଏହି ଯୁଗ-ପରିବର୍ତ୍ତନ ସମୟରେ ମନୁଷ୍ୟକୁ କ'ଣ କରିବାକୁ ହେବ ?

ଉତ୍ତର : ପ୍ରଥମରେ ବ୍ୟକ୍ତିକୁ ନିଜ ଜୀବନର ଲକ୍ଷ୍ୟ ଜାଣିବାକୁ ହେବ ଏବଂ ସେହି ଅନୁସାରେ ପ୍ରଯତ୍ନ କରିବାକୁ ହେବ ।

*

ପ୍ରଶ୍ନ : ମନୁଷ୍ୟର ଲକ୍ଷ୍ୟ କ'ଣ ?

ଉତ୍ତର : ମନୁଷ୍ୟର ଲକ୍ଷ୍ୟ ସତ୍-ଚିତ୍-ଆନନ୍ଦ ପରମାତ୍ମାଙ୍କୁ ଏହି ମନ, ପ୍ରାଣ, ଶରୀର ତଥା ସମସ୍ତ କର୍ମରେ ପ୍ରକଟ କରିବା, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଯୁକ୍ତ ହୋଇ ଭାଗବତୀ ଶକ୍ତିଙ୍କ ପରିଚାଳନାରେ କର୍ମ କରିବା, ଅର୍ଦ୍ଧଜ୍ଞାନ, ଅଦୀପ୍ତ ମନ-ବୁଦ୍ଧିକୁ ଅତିକ୍ରମ କରି ଅତିମାନସ-ବିଜ୍ଞାନ, ପରମାନନ୍ଦରେ ନିବାସ କରିବା । ଏହା ହେବ ବ୍ୟକ୍ତିର ମନ-ପ୍ରାଣ ପୂର୍ଣ୍ଣରୂପେ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ମନ-ପ୍ରାଣ-ରୂପାନ୍ତରିତ ବ୍ୟକ୍ତି ହେବ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ତା' ଶରୀର ହେବ ଦିବ୍ୟ, ଚିନ୍ମୟ; କୌଣସି ଅସ୍ତ୍ର ଦ୍ୱାରା ଶରୀର ଆଘାତପ୍ରାପ୍ତ ହେବ ନାହିଁ, କୌଣସି ସ୍ଥୂଳବସ୍ତୁ ତା'ର ଗତିରୋଧ କରିପାରିବ ନାହିଁ । ସାକେତ, ଗୋଲୋକ, ବୈକୁଣ୍ଠ ତଥା ଏହି ମୃତ୍ୟୁପୁରୀରେ ତା'ର ଅବାଧ ଗତି ହେବ; ସେ ପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱପ୍ରାପ୍ତ କରିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ହେବ ଏବଂ ତାଙ୍କ ସଂକଳ୍ପ ତା' ମଧ୍ୟରେ କ୍ରିୟାଶୀଳ ହେବ । ସାଧକମାନଙ୍କୁ ଏହି ଅବସ୍ଥା ପ୍ରାପ୍ତ ହେବାରେ ସଂସାର ସ୍ୱର୍ଗରେ ପରିଣତ ହେବ ।

*

ପ୍ରଶ୍ନ : ଏହା ଏକେବାରେ ଅସମ୍ଭବ । ଏହି ମୃତ୍ୟୁପୁରୀରେ ଅମରତ୍ୱ ? ଭଗବାନ୍ ସ୍ୱୟଂ ଅବତାର ନେଇ ମନୁଷ୍ୟ-ଶରୀର ଧାରଣ କଲେ ତାଙ୍କୁ ବି ମୃତ୍ୟୁର ନିୟମ ମାନିବାକୁ ହୁଏ, ଫେର୍ ମନୁଷ୍ୟର ମୃତ୍ୟୁ ଉପରେ ବିଜୟ !

ଉତ୍ତର : ଅର୍ଦ୍ଧଦୀପ୍ତ ମନ-ବୁଦ୍ଧିରେ ଅସମ୍ଭବ ପ୍ରତୀତ ହେବା ସତ୍ତ୍ୱେ ଭଗବାନଙ୍କ ନିର୍ଦ୍ଧାରିତ ଘଟଣା ଅବଶ୍ୟମ୍ଭାବୀ ରୂପେ ଘଟେ । ରାମାୟଣର ପୁଷ୍ପକ ବିମାନ, ଶ୍ରୀରାମଙ୍କର ବ୍ରହ୍ମ-ଅସ୍ତ୍ର, ଅର୍ଜୁନଙ୍କର ସମୁଦ୍ରରେ ଶରବନ୍ଧ ଅସମ୍ଭବ ଏବଂ କବିକଳ୍ପନା ଥିଲା । ଆଜି ସେସବୁ କବିର କଳ୍ପନା ବା ଅସମ୍ଭବ ହୋଇ ରହି ନାହିଁ; ଆମ୍ଭେମାନେ ବାୟୁଯାନ ଏବଂ ଆଟମିକ୍ ବମ୍ ପ୍ରତ୍ୟକ୍ଷ ରୂପେ ଦେଖୁଅଛୁ । ସେହିପରି ତୁମ୍ଭର ଅସମ୍ଭବ ଦିନେ ସମ୍ଭବରେ ପରିଣତ ହେବ ଏବଂ ଏହି ସ୍ଥୂଳ ଦୃଷ୍ଟିରେ ମଧ୍ୟ ଦେଖାଯିବ ।

ତୁମେ ଯେଉଁ ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ ଅବଶ୍ୟମ୍ଭାବୀ ବୋଲି ମନେ କରୁଛ ତାହା ପ୍ରକୃତରେ ଅବଶ୍ୟମ୍ଭାବୀ ନୁହେଁ କିଂବା ଭଗବାନଙ୍କର ଅକାଟ୍ୟ ବିଧାନ ନୁହେଁ । ମୃତ୍ୟୁ କେବଳ ପ୍ରାଣୀର ଅଜ୍ଞାନ ଅବସ୍ଥାରେ ବିକାଶର ଗୋଟାଏ ଉପାୟ ମାତ୍ର । ହଠଯୋଗୀମାନେ ରୋଗରୁ ମୁକ୍ତ ହୁଅନ୍ତି, ବୃଦ୍ଧତ୍ୱର ସୀମାବନ୍ଧନ ସେମାନଙ୍କୁ ବାନ୍ଧି ପାରେ ନାହିଁ, ମୃତ୍ୟୁକବଳରୁ ପୂର୍ଣ୍ଣ ମୁକ୍ତ ନ ହେଲେ ବି ତା'ର ନିୟମ ଉଲ୍ଲଙ୍ଘନ କରି କେହି କେହି ହଜାର ବର୍ଷ ପର୍ଯ୍ୟନ୍ତ ଶରୀର ଧାରଣ କରିପାରନ୍ତି । ତୁମ କହିବା ଅନୁସାରେ ଯଦି ମୃତ୍ୟୁ, ରୋଗ, ବୃଦ୍ଧତ୍ୱର ନିୟମ ଅକାଟ୍ୟ ହୋଇଥା'ନ୍ତା, ତେବେ ହଠଯୋଗୀ ଏହିସବୁକୁ ଅତିକ୍ରମ କରିପାରି ନ ଥାଆନ୍ତେ ।

ତୁମ୍ଭର ଅନ୍ୟ ଅସମ୍ଭବ କଥା ହେଲା ଯେଉଁ ଭଗବାନଙ୍କୁ ବେଦ ବର୍ଣ୍ଣନ କରିପାରେ ନାହିଁ ତାଙ୍କୁ ଏହି ଶରୀରରେ ଉପଲବ୍ଧ କରିବା । ଏହା ବି ଯୁକ୍ତିଯୁକ୍ତ ନୁହେଁ । କାରଣ ବ୍ୟକ୍ତି ସୀମିତ ମନରେ ଭଗବାନଙ୍କୁ ଉପଲବ୍ଧ କରିପାରେ ନାହିଁ, କିଂବା ବେଦବାକ୍ୟ ବୁଝିପାରେ ନାହିଁ । ଭଗବାନ୍ ଉପଲବ୍ଧ ହୁଅନ୍ତି ମନର ଊର୍ଦ୍ଧ୍ୱ ସ୍ତରରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ

ଯୋଗରେ ସୀମିତ ମନକୁ ଅଧିକାର କରିବ ଅତିମାନସ । ବ୍ୟକ୍ତି ମନରେ ବାସ ନ କରି ବିଜ୍ଞାନମୟ ଅତିମାନସ ଚେତନାରେ ବାସ କରିବ । ସେଠାରେ ଭଗବାନ୍ ଅପ୍ରକାଶ ହେବାର କୌଣସି କାରଣ ରହିବ ନାହିଁ । ଅନ୍ୟ କାରଣ ହେଲା ସଂସାର ସଚ୍ଚିଦାନନ୍ଦଙ୍କ ଏକ ବିକୃତ ରୂପ । ସଂସାରରେ ଯାହାକିଛି ଦୃଶ୍ୟ ଓ ଅଦୃଶ୍ୟ ବସ୍ତୁ ସବୁ ହେଲେ ସେହି ଭଗବାନ୍ । ସେହି ଏକହି ଭଗବାନ୍ ଭିନ୍ନ ଭିନ୍ନ ବସ୍ତୁ, ଭିନ୍ନ ଭିନ୍ନ ପ୍ରାଣୀରୂପେ ପ୍ରଘଟ ହୋଇଅଛନ୍ତି । ସଂସାର ଯଦିଓ ଭଗବାନଙ୍କର ବିକୃତ ରୂପ, ତଥାପି ଏହି ସମସ୍ତ ବିକୃତରୂପ ମଧ୍ୟରେ ଭଗବାନ୍ ସଚ୍ଚିଦାନନ୍ଦ ସ୍ୱରୂପରେ ଓତପ୍ରୋତ ରହିଅଛନ୍ତି । ଭଗବାନଙ୍କ ଛଡ଼ା କିଛି ନାହିଁ । ଯଦି ଭଗବାନଙ୍କଠାରୁ ସମସ୍ତ ତତ୍ତ୍ୱ ଆସିଅଛି, ତେବେ ତା'ର ମୂଳସ୍ୱରୂପ ହେଉଛି ଦିବ୍ୟ । ଅତଏବ ସେହି ଦିବ୍ୟ ତତ୍ତ୍ୱରେ ତାହା ଦିନେ ପରିଣତ ହେବ । ଏହାକୁ ସମର୍ଥନ କରୁଛି ଉପନିଷଦର ଏକ ସିଦ୍ଧାନ୍ତ,– ପ୍ରାଣୀ ମଧ୍ୟରେ ପଞ୍ଚକୋଷ ବିଦ୍ୟମାନ – ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ । ଯାହାକିଛି ଦୃଶ୍ୟ ଏବଂ ସ୍ଥୂଳବସ୍ତୁ ତାହାସବୁ ଅନ୍ନମୟ କୋଷ, ଯଥା – କାଷ୍ଠ, ପାଷାଣ, ତରୁ, ତୃଣ, ପଶୁ ଓ ମନୁଷ୍ୟ-ଶରୀର ଇତ୍ୟାଦି । ଏହି ଅନ୍ନମୟ କୋଷ ସ୍ଥୂଳ ରୂପେ ପ୍ରଥମରେ ପ୍ରକାଶ ହେଲା । ଏହାପରେ ପ୍ରାଣମୟ କୋଷର ବିକାଶ ହେଲା । ପୃଥିବୀରେ ବୃକ୍ଷଲତା, ସରୀସୃପ, ପଶୁ ଆଦି ଦେଖା ଦେଲେ । ବିକାଶର ଗତି ପଶୁ ମଧ୍ୟରେ ସୀମାବଦ୍ଧ ନ ରହି ଆଗେଇ ଚାଲିଲା; ଫଳରେ ମନୋମୟ କୋଷର ବିକାଶ ହୋଇ ମନ-ବୁଦ୍ଧିଯୁକ୍ତ ମାନବର ସୃଷ୍ଟି ହେଲା । ସମସ୍ତ କୋଷ ଯଦିଓ ବସ୍ତୁରେ ବିଦ୍ୟମାନ, ତଥାପି ଗୋଟିଏ କୋଷର ପୂର୍ଣ୍ଣ ବିକାଶ ହେବା ପରେ ଅନ୍ୟ କୋଷର ବିକାଶ ହେବାକୁ ଆରମ୍ଭ କରେ । ନୂତନ କୋଷର ବିକାଶରେ ପୂର୍ବ ପ୍ରକାଶିତ କୋଷ ଉନ୍ନତ ହୁଏ । ମନ ବିକାଶର ଶେଷସୀମାରେ ପହୁଞ୍ଚି ସାରିଛି । ବର୍ତ୍ତମାନ ବିକାଶ ହେବ ଅତିମାନସ-ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ଏହି ପଞ୍ଚକୋଷର ପୂର୍ଣ୍ଣ ବିକାଶରେ ବ୍ୟକ୍ତିକୁ ପ୍ରାପ୍ତ ହେବ ପୂର୍ଣ୍ଣତା । ତେବେ ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇପାରିବ । ବର୍ତ୍ତମାନ ବ୍ୟକ୍ତି ପୂର୍ଣ୍ଣତା ମାର୍ଗରେ ଯାତ୍ରା କରୁଅଛି । ତା'ର ଯାତ୍ରା ଅବଶ୍ୟ ସଫଳ ହେବ । ଯଦି ପ୍ରଥମ କୋଷତ୍ରୟ କ୍ରମଶଃ ପ୍ରକାଶ ହୋଇ ନ ଥା'ନ୍ତେ, ତେବେ ଆଜି ଅତିମାନସ-ବିଜ୍ଞାନ-କୋଷ ପ୍ରକାଶକୁ ଅସମ୍ଭବ କୁହାଯାଇ ପାରନ୍ତା । ପ୍ରଥମ ବିକାଶ ନିଃସନ୍ଦିଗ୍ଧ ରୂପେ ସୂଚାଇ ଦେଉଛି ବାକୀ ଅପ୍ରକାଶିତ ଦୁଇକୋଷର ବିକାଶ ଅନିବାର୍ଯ୍ୟ ।

ଏହି ବିଜ୍ଞାନମୟ, ଆନନ୍ଦମୟ କୋଷ ପ୍ରକାଶ ହେବାର ଅନ୍ୟ ସୂଚନା ହେଉଛି ମନୁଷ୍ୟ ଅଜ୍ଞାତ ରୂପେ ଏହାକୁହିଁ ଚାହୁଁଅଛି । ଏହାର ଗୁଣଧର୍ମ ହେଉଛି,– ପରମ ଜ୍ଞାନ, ପରମ ଶାନ୍ତି, ପରମ ଆନନ୍ଦ; ମୋହମାୟା, ଅଜ୍ଞାନ, ଅନ୍ଧକାର, ଆସକ୍ତି, ଲାଳସା, କାମନା-ବାସନା, କାମ, କ୍ରୋଧ, ଲୋଭ, ଦୁଃଖକଷ୍ଟ, ଜରା, ରୋଗ, ମୃତ୍ୟୁରୁ ପୂର୍ଣ୍ଣତଃ ମୁକ୍ତି । ସଂସାରରେ ଦୁଃଖକଷ୍ଟ, ରୋଗ, ଜରା, ମୃତ୍ୟୁ ବିଦ୍ୟମାନ ଥାଏ, ଏହାକୁ ବ୍ୟକ୍ତି ରାତିଦିନ ଦେଖୁଥାଏ, କିନ୍ତୁ ଚାହୁଁଥାଏ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ । ସେ କେବେ ବି ଚାହେଁ ନାହିଁ ଦୁଃଖଦ୍ୱନ୍ଦ୍ୱ, ରୋଗ, ଜରା, ମୃତ୍ୟୁ । ସେ ଚାହେଁ ନୀରୋଗ, ଚିରଯୌବନ, ସୁସ୍ଥ, ସବଳ ଶରୀର ଓ ମୃତ୍ୟୁରୁ ମୁକ୍ତ ଅମରତ୍ୱ । ମନୁଷ୍ୟ ମଧ୍ୟରେ ଏହି ଦିବ୍ୟ ଗୁଣ ସମ୍ଭାବନା ରୂପେ ରହିଅଛି ବୋଲି ବ୍ୟକ୍ତି ଏହାକୁ ଭୁଲ୍ ମାର୍ଗରେ ଚାହୁଁଅଛି । ଯେଉଁ ବସ୍ତୁର ସତ୍ୟତା ନ ଥାଏ, ବ୍ୟକ୍ତି ତାହା କଦାପି ଚାହିଁପାରେ ନାହିଁ । ଏହି ଚାହିଁବାହିଁ ଏହାର ପ୍ରାପ୍ତିର ସଂକେତ ଦେଉଅଛି ।

*

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତି ନିଜର ସୁଖ ଚାହାନ୍ତି, ଏପରି ଦେଖାଯାଉ ନାହିଁ । ବହୁ ବ୍ୟକ୍ତି ନିଃସ୍ୱାର୍ଥଭାବେ ନିଜ ସୁଖ-ସୁବିଧାକୁ ଜଳାଞ୍ଜଳି ଦେଇ ଚାହାନ୍ତି ଅନ୍ୟର ସୁଖ । ମା' ନିଜର ସୁଖ-ସୁବିଧାକୁ ନ ଦେଖି, କ୍ଷୁଧା ବରଦାସ୍ତ କରି ସନ୍ତାନମାନଙ୍କୁ ଭୋଜନ ଦିଏ ଏବଂ ସନ୍ତାନମାନଙ୍କ ସୁଖରେ ସୁଖ ଅନୁଭବ କରେ । ଦେଶ-ସେବକ ଦେଶକୁ ରକ୍ତଶୋଷକ ବିଦେଶୀ ହସ୍ତରୁ ରକ୍ଷା କରିବା ପାଇଁ ସମସ୍ତ ପ୍ରିୟବସ୍ତୁ ତଥା ପ୍ରାଣ ପର୍ଯ୍ୟନ୍ତ ତ୍ୟାଗ କରେ । ଏହା ତ ଏକେବାରେ ପ୍ରତ୍ୟକ୍ଷ ଘଟଣା । ଫେର୍ ପ୍ରତ୍ୟେକ ବ୍ୟକ୍ତି ସୁଖ, ଶାନ୍ତି ଚାହାନ୍ତି ବୋଲି କିପରି କୁହାହେଉଛି ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ କର୍ମର ପଶ୍ଚାତ୍‌ରେ ଥାଏ ସୁଖପ୍ରାପ୍ତିର ଅଭିଳାଷ । ଏହି ସୁଖପ୍ରାପ୍ତିର ଆକାଙ୍‌କ୍ଷାହିଁ ମନୁଷ୍ୟକୁ ବାନ୍ଧିଇ ରଖେ, ଏହି କାରଣରୁହିଁ ବ୍ୟକ୍ତି ଜନ୍ମ-ମରଣଚକ୍ରରେ ଭ୍ରମଣ କରୁଥାଏ । ପୂର୍ବେ କୁହାହୋଇଛି ଯେ ବ୍ୟକ୍ତି ଯଥାର୍ଥ ଆନନ୍ଦର ସ୍ୱରୂପ ନ ଜାଣି ଭ୍ରମବଶରେ ନିଜ ପ୍ରାଣ ଏବଂ ମନର ଅଭିରୁଚିର ବସ୍ତୁରେ ତାହା ଖୋଜେ, ସେଥିରେ ନ ପାଇ ନିରାଶ ହୋଇ ଦୁଃଖକଷ୍ଟ ଭୋଗେ । ମା'ର ସନ୍ତାନମାନଙ୍କ ପ୍ରତି ଥାଏ ଆସକ୍ତି ଓ ମୋହ; ସେମାନଙ୍କର ସୁଖ-ସୁବିଧାରେ ତାକୁ ସୁଖ ମିଳେ । ତା'ର ନିଜ ସୁଖ ସକାଶେ ସେ ନିଜ ସନ୍ତାନମାନଙ୍କୁ ସୁଖରେ ରଖିବାକୁ ଚାହେଁ । ଦେଶ-ସେବକର ମଧ୍ୟ ସେହି ଏକହି ଭାବ । ଦେଶ ପ୍ରତି ତା'ର ମମତା ଥାଏ । ବିଦେଶୀ ଅଧିକାରରୁ ଦେଶ ମୁକ୍ତ ହେଲେ ସେ ଆନନ୍ଦ ଅନୁଭବ କରେ । ଦେଶମୁକ୍ତିର ପଶ୍ଚାତରେ ଥାଏ ତା'ର ଆନନ୍ଦର ଆକାଙ୍‌କ୍ଷା । ଏପରିକି ଚୋର ଚୋରି କରେ, ମଦ୍ୟପ ସୁରାପାନ କରେ, ଅତ୍ୟାଚାରୀ ଅନ୍ୟାୟ ଆଚରଣ କରେ ସୁଖପ୍ରାପ୍ତିର ଆଶାରେ । ବ୍ୟକ୍ତି ଅନ୍ୟ ସକାଶେ ପ୍ରାଣ-ବିସର୍ଜନ କରେ ନିଜ ସୁଖ ଉଦ୍ଦେଶ୍ୟରେ । ସେ ଅଜ୍ଞାନରେ ଅସ୍ପଷ୍ଟରୂପେ ଚାହେଁ ଅଖଣ୍ଡ ସୁଖ, ଯେଉଁ ସୁଖରେ ଦୁଃଖ ମିଶ୍ରିତ ହୋଇ ନ ଥାଏ । କିନ୍ତୁ ତା'ର ଯଥାର୍ଥ ଜ୍ଞାନ ନ ଥିବାରୁ ଅଜ୍ଞାତରେ ଖୋଜୁଥିବା ପରମାନନ୍ଦ ସ୍ୱରୂପକୁ ସେ ଜାଣିପାରେ ନାହିଁ । ସେହି ସକାଶେ ସେ ଭୁଲ୍ ମାର୍ଗରେ ସଂସାର ଏବଂ ପରିବାରରେ ତାହା ଖୋଜେ, ଶେଷରେ ନିରାଶ ହୁଏ । ମା' ଚାହେଁ ସନ୍ତାନର ଅଖଣ୍ଡ ସୁଖ । ସେହି ସକାଶେ ସେ ସନ୍ତାନମାନଙ୍କ ରୋଗ, ବିପଦ, ମୃତ୍ୟୁ କେବେ ଚାହେଁ ନାହିଁ । ଠିକ୍ ଏହିପରି ପ୍ରତ୍ୟେକ ପ୍ରାଣୀ । ସଂସାରର ସମସ୍ତ କର୍ମ, ସମସ୍ତ ଘଟଣା, ସମସ୍ତ ବସ୍ତୁରେ ଦୁଃଖ ଏବଂ ସୁଖ ମିଶ୍ରିତ ଥାଏ । ଅତଏବ ବ୍ୟକ୍ତିକୁ ତା'ର ଈପ୍‌ସିତ ଅଖଣ୍ଡ ସୁଖ କେବେ ବି ମିଳେ ନାହିଁ । ଏହି ସଂସାରର ବସ୍ତୁରାଜି ନାଶବାନ୍ । ଯଥାର୍ଥ ସୁଖ ମିଳେ ଶାଶ୍ୱତ ବସ୍ତୁରେ । ଏକମାତ୍ର ଭଗବାନହିଁ ଶାଶ୍ୱତ ଏବଂ ପୂର୍ଣ୍ଣ ଆନନ୍ଦର ସ୍ୱରୂପ । ବ୍ୟକ୍ତି ଭଗବଦ୍ ପ୍ରାପ୍ତିରେହିଁ ଅଖଣ୍ଡ, ଅବିଚ୍ଛିନ୍ନ ପରମାନନ୍ଦରେ ବାସ କରେ । ସେଥିରେ ଶୋକ, ମୋହ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱାଦି କିଛି ନ ଥାଏ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ବ୍ୟକ୍ତି ଏହି ସଂସାରକୁ ଆସିଅଛି । ଯେପର୍ଯ୍ୟନ୍ତ ସେ ଭଗବାନଙ୍କୁ ପ୍ରାପ୍ତ ନ ହୁଏ ସେପର୍ଯ୍ୟନ୍ତ ଜନ୍ମ-ମରଣ-ଦୁଃଖକଷ୍ଟର କରାଳଚକ୍ରରେ ଭ୍ରମୁ ଥାଏ ।

*

ପ୍ରଶ୍ନ : ମୁଁ ଚାହେଁ ସଂଯମରେ ରହି ସାଧନା କରି ଭଗବାନଙ୍କୁ ପ୍ରାପ୍ତ କରିବାକୁ । ମୁଁ ପିତାମାତାଙ୍କର ଏକମାତ୍ର ସନ୍ତାନ । ମୋର ଜଣେ ଖୁବ୍ ନିକଟ ସମ୍ପର୍କୀୟ ଭାଇ ମୋତେ ପଢ଼ାଇଛନ୍ତି । ସେ ମୋର ହିତଚିନ୍ତକ । ମୁଁ ତାଙ୍କୁ ବିଶେଷ ସମ୍ମାନ କରେ ଏବଂ ଭୟ କରେ । ତାଙ୍କର ବିଶେଷ ଆଗ୍ରହ ଯେ ମୁଁ ବିବାହ କରି ସାଂସାରିକ ଜୀବନ ଯାପନ କରିବି ଓ ପିତାମାତାଙ୍କ ସେବା କରିବି । କିନ୍ତୁ ମୁଁ ଚାହେଁ ପିତାମାତାଙ୍କ ସେବା, ଆଧ୍ୟାତ୍ମିକ ସାଧନା ଓ ଉଚ୍ଚତର ଜୀବନ । ମୁଁ ଯଦି ତାଙ୍କର ଆଜ୍ଞାପାଳନ କରି ବିବାହ କରେ ତେବେ ମୋର ଜୀବନ ଅଶାନ୍ତିକର ଓ ଦ୍ୱନ୍ଦ୍ୱମୟ ହେବ, ହୁଏତ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବି ।

ମୋର ଜଣେ ସମ୍ପର୍କୀୟ ଭାଇ ଏହି ଭୟ ଦେଖାଇଛନ୍ତି, ''ତୋର ସନ୍ତାନ ନ ହେଲେ ପିତୃଲୋକ ମୁକ୍ତ ହେବେ ନାହିଁ, ସେହି ପାପର କର୍ତ୍ତା ତୁ ହେବୁ । ତୁ ଯଦି ବର୍ତ୍ତମାନ ବିବାହ ନ କରୁ, ପରେ ବୟସ ବେଶୀ ହେବା ପରେ ବିବାହ କରିବାକୁ ପ୍ରବୃତ୍ତ ହେବୁ ଏବଂ ତୋର ଜୀବନକୁ ଅଶାନ୍ତିମୟ କରିବୁ ।''

ମୋର ଦୃଢ଼ ସଂକଳ୍ପ ଯେ ମୁଁ ସାଧନା କରି ଭଗବାନଙ୍କୁ ପ୍ରାପ୍ତ ହେବି, ସାଂସାରିକ ଜୀବନ ଯାପନ କରିବି ନାହିଁ । କିନ୍ତୁ କେବେ କେବେ କାମ-ବାସନା ଓ କାମ ସମ୍ବନ୍ଧୀୟ ଚିନ୍ତା ଏବଂ ବିଚାର ଆସୁଛି । କୃପା କରି ମୋତେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବା ପାଇଁ ସାଧନା ପ୍ରଣାଳୀର ନିର୍ଦ୍ଦେଶ ଦିଅନ୍ତୁ ଏବଂ କାମ-ବାସନା ତଥା କାମ ସମ୍ବନ୍ଧୀୟ ଚିନ୍ତାରୁ ମୁକ୍ତ ହେବାର ଉପାୟ ନିର୍ଦ୍ଦେଶ କରନ୍ତୁ ।

ଉତ୍ତର : ଆପଣ କହୁଛନ୍ତି ବିବାହ ନ କରି ସଂଯମରେ ରହି ଅଧ୍ୟାତ୍ମ-ଜୀବନ ଯାପନ କରିବାକୁ – ଏହାହିଁ ଜୀବନର ଯଥାର୍ଥ ଓ ପ୍ରକୃତ ଲକ୍ଷ୍ୟ । ଭଗବାନଙ୍କୁ ପ୍ରାପ୍ତ କରିବାକୁହିଁ ମନୁଷ୍ୟ ଏହି ସାଂସାରରେ ଜନ୍ମ ଗ୍ରହଣ କରିଛି ।

ଭଗବାନଙ୍କୁ ପ୍ରାପ୍ତ କରିବା ଛଡ଼ା ଯେତେ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତାହା ସାଂସାରିକ ଜୀବନରେ ଯେତେ ଉତ୍କୃଷ୍ଟ, ସମ୍ମାନିତ ଓ ପ୍ରଶଂସିତ ହେଲେ ମଧ୍ୟ ଭ୍ରମ ଅଥବା ଭଗବାନଙ୍କୁ ପ୍ରାପ୍ତି କରିବା ମାର୍ଗରେ ଅଗ୍ରସର ହେବା ସକାଶେ ପ୍ରସ୍ତୁତି ମାତ୍ର । ଆପଣଙ୍କ କହିବା ଏକେବାରେ ସତ୍ୟ ଯେ ଆପଣ ବିବାହିତ ଜୀବନରେ ଅଶାନ୍ତି ଓ ଦ୍ୱନ୍ଦ୍ୱ ଛଡ଼ା ସୁଖଶାନ୍ତି ପାଇପାରିବେ ନାହିଁ । କାରଣ ମନୁଷ୍ୟ ଶରୀରରେ ମନ, ପ୍ରାଣାଦି କେତେକ ସତ୍ତା ତାକୁ ପରିଚାଳନା କରନ୍ତି । କିନ୍ତୁ ଏସମସ୍ତର ପଶ୍ଚାତରେ ଚୈତ୍ୟପୁରୁଷ (Psychic Being) ଥାଇ ସମସ୍ତ ସତ୍ତାକୁ ଧାରଣ କରି ରଖନ୍ତି । ଚୈତ୍ୟପୁରୁଷ ଭଗବାନଙ୍କର ଅଂଶ । ଏହାର ନାମ ଅନ୍ତରାତ୍ମା । ଏହାହିଁ ଯଥାର୍ଥ ବ୍ୟକ୍ତି । ମନୁଷ୍ୟର ମୃତ୍ୟୁ ପରେ ଏହାର ନାଶ ହୁଏ ନାହିଁ । ଏହି ସତ୍ତା ବାରଂବାର ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀର ଗ୍ରହଣ କରେ । ଆନ୍ତର ସତ୍ତା ମଧ୍ୟରେ ଜ୍ଞାନ, ଭକ୍ତି, ଇତ୍ୟାଦି ଭଗବତ୍ ଗୁଣ ବିଦ୍ୟମାନ ଥାଏ । ସାଧାରଣତଃ ବ୍ୟକ୍ତି ମଧ୍ୟରେ ଏହି ସତ୍ତା ସୁପ୍ତ ଥାଏ, ମନ-ପ୍ରାଣ କ୍ରିୟା କରନ୍ତି । ମନ, ପ୍ରାଣ କେବେ ବି ଭଗବାନଙ୍କୁ ଚାହାନ୍ତି ନାହିଁ, ବରାବର ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବାକୁ ମନୁଷ୍ୟକୁ ପ୍ରବୃତ୍ତ କରାନ୍ତି । ଏମାନଙ୍କର ଜ୍ଞାନ ସୀମିତ, ସଂକୁଚିତ, ଭଗବାନଙ୍କୁ ବିଶ୍ୱାସ କରିବାରେ ଅସମର୍ଥ । ଏମାନଙ୍କର ଯଥାର୍ଥ ଜ୍ଞାନ ଅଭାବରୁ ଏମାନେ ସାଂସାରିକ ବସ୍ତୁକୁ ସର୍ବସ୍ୱ ମନେ କରନ୍ତି, ସାଂସାରିକ ଦୁଃଖକଷ୍ଟରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦୁଃଖଭୋଗ କରୁଥା'ନ୍ତି ।

ଚୈତ୍ୟପୁରୁଷର ଯଥାର୍ଥ ଜ୍ଞାନ ଥିବାରୁ ସେ ନିଜର ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କରିବାକୁ ଓ ତାଙ୍କୁ ପ୍ରାପ୍ତି କରିବାକୁ ଚାହେଁ । ସେ ଜାଣେ ଯେ ଭଗବତ୍ ପ୍ରାପ୍ତିରେ ଦିବ୍ୟ ଆନନ୍ଦ, ଭକ୍ତି, ଜ୍ଞାନ, ଶାନ୍ତି, ସମତା, ମୁକ୍ତି ପ୍ରାପ୍ତ ହୁଏ, ଏହିସବୁକୁ କୌଣସି ସାଂସାରିକ ଦୁଃଖକଷ୍ଟ, ଦ୍ୱନ୍ଦ୍ୱାଦି ସ୍ପର୍ଶ କରିପାରେ ନାହିଁ ।

ଯେଉଁମାନଙ୍କର ଚୈତ୍ୟପୁରୁଷ ଜାଗ୍ରତ ହୋଇ ନ ଥାଏ, ସେମାନେ ମନ, ପ୍ରାଣ ଦ୍ୱାରା ଚାଳିତ ହୋଇ ସଂସାରରେ ଲିପ୍ତ ରହନ୍ତି ଏବଂ ସାଂସାରିକ ଅସ୍ଥାୟୀ କଳୁଷିତ, ନାଶବାନ୍ ସୁଖକୁ ସ୍ତ୍ରୀ, ପୁତ୍ର, ଧନ ଓ ମାନରେ ଖୋଜନ୍ତି । ସେମାନଙ୍କ ଖୋଜିବା ବସ୍ତୁର ଲକ୍ଷ୍ୟସ୍ଥଳ ଅସ୍ଥାୟୀ ଓ ବିକୃତ ହୋଇଥିବାରୁ ସେମାନେ ବରାବର ନିରାଶ ହୁଅନ୍ତି ଏବଂ ଦୁଃଖ-ସୁଖ ଭୋଗ କରୁଥା'ନ୍ତି । ସ୍ତ୍ରୀ ଅବଜ୍ଞାକାରିଣୀ ହୋଇପାରେ, ପୁତ୍ରର ମୃତ୍ୟୁ ହୋଇପାରେ, ଧନ, ମାନ-ସମ୍ମାନ ନଷ୍ଟ ହୋଇପାରେ । ମନୁଷ୍ୟ ଜାଣେ ଏସବୁ ନାଶବାନ୍ ବସ୍ତୁ, ଏଥିରେ ସ୍ଥାୟୀ ସୁଖ ନାହିଁ, ତଥାପି ଅନ୍ଧ-ବିଶ୍ୱାସରେ ଆଶା ରଖି ପରମ୍ପରାଗତ ମାର୍ଗକୁ ଅନୁସରଣ କରେ । ସ୍ୱୟଂ ଅନ୍ଧ-ବିଶ୍ୱାସରେ ଅସ୍ଥାୟୀ, ଅନିଶ୍ଚିତ ବସ୍ତୁର ପଶ୍ଚାତରେ ଅନୁଧାବନ କରି ସ୍ଥାୟୀ, ନିଶ୍ଚିତ, ଅସନ୍ଦିଗ୍ଧ ପରମ ସତ୍ୟ, ଆଧ୍ୟାତ୍ମିକ ମାର୍ଗକୁ କାଳ୍ପନିକ ମାର୍ଗ ବୋଲି ଧାରଣା କରେ ।

ଚୈତ୍ୟପୁରୁଷ ଜାଗ୍ରତ ହେଲେ ମନୁଷ୍ୟ ନିଜ ଜ୍ଞାନରେ ଯଥାର୍ଥ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହେଁ । ତେବେ ମନୁଷ୍ୟ ମଧ୍ୟରେ ଗୋଟିଏ ଦ୍ୱନ୍ଦ୍ୱର ସୃଷ୍ଟି ହୁଏ । ମନ, ପ୍ରାଣ ଟାଣନ୍ତି ସାଂସାରିକ ଭୋଗ ଆଡ଼କୁ, ଚୈତ୍ୟପୁରୁଷ ଚାହାନ୍ତି ଭଗବାନଙ୍କୁ । ଏହି ଅବସ୍ଥାରେ ଯଦି ମନୁଷ୍ୟ ଚୈତ୍ୟପୁରୁଷଙ୍କ ମାର୍ଗକୁ ଗ୍ରହଣ କରେ ଅର୍ଥାତ୍ ଭଗବାନଙ୍କ ଆଡ଼କୁ ଗତି କରେ, ତେବେ କ୍ରମଶଃ ମନ, ପ୍ରାଣର ବାଧା ହ୍ରାସ ପାଏ ଏବଂ ଚୈତ୍ୟପୁରୁଷଙ୍କ କ୍ରିୟାର ଫଳସ୍ୱରୂପ ସମତା, ଶାନ୍ତି, ଆନନ୍ଦ, ଜ୍ଞାନ, ଭକ୍ତି ବୃଦ୍ଧି ହୁଏ । ମୋହବଶ ହୋଇ ଯଦି ବ୍ୟକ୍ତି ସାଂସାରିକ କର୍ମରେ ଆବଦ୍ଧ ହୁଏ, ତେବେ ସ୍ତ୍ରୀ-ପୁତ୍ରରେ ସୁଖ ପାଏ ନାହିଁ କିଂବା ଭଗବାନଙ୍କ ଆଡ଼କୁ ଯାଇପାରେ ନାହିଁ । ଏ କୂଳର ହୁଏ ନାହିଁ କିଂବା ସେକୂଳର ହୁଏ ନାହିଁ । ଜୀବନ ଭାର ସ୍ୱରୂପ ହୋଇଯାଏ । ସେ ଏକ ଦୁଃଖମୟ ଓ ଦ୍ୱନ୍ଦ୍ୱମୟ ଜୀବନ ଯାପନ କରେ ।

*

ପ୍ରଶ୍ନ : ଯେଉଁମାନେ ଉପଯୁକ୍ତ ବୟସରେ ବିବାହ ନ କରନ୍ତି, ସେମାନଙ୍କର ବୃଦ୍ଧ ଅବସ୍ଥାରେ ବିବାହ କରିବାକୁ ପ୍ରବଳ ଇଚ୍ଛା ହୁଏ, ଏହା କ'ଣ ଠିକ୍ ?

ଉତ୍ତର : ଏକେବାରେ ଠିକ୍ ନୁହେଁ । ବହୁତ ନୈତିକବାଦୀ ଏବଂ ଅଧ୍ୟାତ୍ମବାଦୀ ବ୍ୟକ୍ତିଙ୍କୁ ଦେଖାଯାଏ ଯେ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅବିବାହିତ ଏବଂ ବ୍ରହ୍ମଚାରୀ ହୋଇ ରହିଥା'ନ୍ତି । ଏହାର ବିପରୀତଭାବେ ବହୁତ ବ୍ୟକ୍ତି କେତେଥର ବିବାହ କରିବା ପରେ ୬୦/୬୫ ବର୍ଷ ଅବସ୍ଥାରେ ପୁନର୍ବାର ବିବାହ କରନ୍ତି । ପୁଣି ଆଧ୍ୟାତ୍ମିକ ମାର୍ଗରେ ତ

ଏହା ଏକେବାରେ ଅସଙ୍ଗତ । ଅଧ୍ୟାତ୍ମ ମାର୍ଗରେ ବ୍ୟକ୍ତିର ଆରମ୍ଭରୁ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । ମନକୁ ଆଶ୍ରୟ ନ ମିଳିବାରୁ ସେ ବିଷୟକୁ ଯାଏ, ଅଧ୍ୟାତ୍ମ ମାର୍ଗରେ ସେ ଭଗବତ୍ ଆନନ୍ଦରେ ରମଣ କରିବାରୁ ବିଷୟ ଆସକ୍ତିରୁ ମୁକ୍ତ ହୁଏ । ଫେର୍ ବୟସ ବେଶୀ ହେଲେ ତା'ର ବିବାହ ପ୍ରତି ପ୍ରବୃତ୍ତି ହେବ କାହିଁକି ?

*

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ସଂସାର-ଜୀବନ ଗ୍ରହଣ କରିବା ଅନୁଚିତ । ତେବେ କ'ଣ ପ୍ରତ୍ୟେକ ବ୍ୟକ୍ତି ସ୍ତ୍ରୀ ଏବଂ ସାଂସାରିକ କର୍ମ ତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଅନୁସରଣ କରିବେ ?

ଉତ୍ତର : ଅଧ୍ୟାତ୍ମ-ମାର୍ଗ ଗ୍ରହଣ କରିବାକୁ ସଂସାର ଓ କର୍ମ ତ୍ୟାଗ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ଆବଶ୍ୟକ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ — କର୍ମର ଉଦ୍ଦେଶ୍ୟ, ଭାବ ଓ ଲକ୍ଷ୍ୟକୁ ପରିବର୍ତ୍ତନ କରିବା । ସଂସାରରେ ରହି ସମସ୍ତ କର୍ମ ଭଗବତ୍ ସେବା ଏବଂ ସମର୍ପଣ ଭାବ ରଖି ଭଗବତ୍ ପ୍ରାପ୍ତି କରିବା ଲକ୍ଷ୍ୟରେ ଗ୍ରହଣ କଲେ ସମସ୍ତ କର୍ମ ହେବ ଭଗବତ୍ ପ୍ରାପ୍ତିର ଉପାୟ ଏବଂ ଆଧ୍ୟାତ୍ମିକ ଧର୍ମ । ସେହି ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ ନ କରି ନିଜ ସକାଶେ ଓ ପରିବାର ସକାଶେ କଲେ ତାହା ହେବ ବନ୍ଧନ, ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ ଭୋଗର କାରଣ ।

ସ୍ତ୍ରୀ-ତ୍ୟାଗର ଅର୍ଥ ପୁରାତନ ପଦ୍ଧତି ଅନୁସାରେ ସ୍ତ୍ରୀକୁ ଘୃଣା କରିବା ନୁହେଁ । ସେ ମା', ତାହା ଦ୍ୱାରା ସଂସାରର ବୃଦ୍ଧି ହୋଇଅଛି । ତାକୁ ଭକ୍ତି କରିବାକୁ ହେବ, ପୂଜା କରିବାକୁ ହେବ, ସମ୍ମାନ କରିବାକୁ ହେବ, ତାକୁ ଭୋଗ କରିବାକୁ ହେବ ନାହିଁ । ସେ ରକ୍ଷିକା, କିନ୍ତୁ ତାକୁ କଳୁଷିତ ପାଶବିକ ଭୋଗର ବସ୍ତୁ ରୂପେ ଗ୍ରହଣ କଲେ ସେ ରକ୍ଷିକା ପରିବର୍ତ୍ତେ ହୁଏ ଭକ୍ଷିକା । ପୁରୁଷ ସ୍ତ୍ରୀ ପ୍ରତି ଭୋଗଦୃଷ୍ଟି ରଖେ, ସେଥିପାଇଁ ଉଭୟଙ୍କୁ କୁହାହୋଇଛି ନରକର ଦ୍ୱାର । ସ୍ତ୍ରୀ-ଜାତି ପ୍ରତି ଶୁଦ୍ଧ ପ୍ରେମଭାବ ରଖିବା ପାପ ନୁହେଁ, ଭୋଗ ଧାରଣାରେ କଳୁଷିତ ଦୃଷ୍ଟିରେ ଦେଖିବା ପାପ । ଅଧ୍ୟାତ୍ମ ମାର୍ଗରେ ସ୍ତ୍ରୀ-ପୁରୁଷଙ୍କର ପାଶବିକ କ୍ରିୟା ସର୍ବଥା ବର୍ଜନୀୟ ।

*

ପ୍ରଶ୍ନ : ଯଦି ଅଧ୍ୟାତ୍ମ-ମାର୍ଗରେ ସଂସାରର ଉତ୍ପନ୍ନ କ୍ରିୟା ବର୍ଜନୀୟ ତେବେ କ'ଣ ଭଗବତ୍ ପ୍ରାପ୍ତିର ମାର୍ଗରେ ଯାତ୍ରା କରିବା ପାଇଁ ସଂସାରର ପ୍ରତ୍ୟେକ ବ୍ୟକ୍ତି ଅନଧିକାରୀ ?

ଉତ୍ତର : ସଂସାରର ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ପ୍ରାପ୍ତିର ଅଧିକାରୀ । କିନ୍ତୁ ସମସ୍ତ ଜୀବନବ୍ୟାପୀ ସନ୍ତାନ ଉତ୍ପନ୍ନ କ୍ରିୟା ଅନିବାର୍ଯ୍ୟ ନୁହେଁ ।

ଏହି ପ୍ରଶ୍ନରୁ ସ୍ପଷ୍ଟ ବୁଝାଯାଉଛି ଯେପରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସନ୍ତାନ ଉତ୍ପନ୍ନ କ୍ରିୟା ଜୀବନର ଏକାନ୍ତ ଆବଶ୍ୟକ ଅଙ୍ଗ । ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ନୁହେଁ ମନୁଷ୍ୟ ପଶୁ ପରି କେବଳ ଶରୀରକୁ ସର୍ବସ୍ୱ ମାନି ଅଜ୍ଞାନ-ମୋହଗ୍ରସ୍ତ ହୋଇ ଭୋଗ-ବିଳାସରେ ଲିପ୍ତ ରହିବା । ମନୁଷ୍ୟ ଶରୀରକୁ ଦେବଦୁର୍ଲଭ କୁହାହୋଇଛି । ଉତ୍କୃଷ୍ଟ ଅବସ୍ଥା ପ୍ରାପ୍ତ ହେବାକୁ ହେଲେ ଦେବତାମାନଙ୍କୁ ମଧ୍ୟ ମନୁଷ୍ୟ ଶରୀର ଧାରଣ କରିବାକୁ ହୁଏ ।

''ମନୁଷ୍ୟ ମଧ୍ୟେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।।''

ଦିବ୍ୟଜ୍ଞାନ ପଶୁ ମଧ୍ୟରେ ନ ଥାଏ, ଥାଏ କେବଳ ମନୁଷ୍ୟ ମଧ୍ୟରେ । ଦିବ୍ୟଜ୍ଞାନର ଅର୍ଥ : ନିଜର ଆତ୍ମୋପଲବ୍ଧି ବା ଭଗବତ୍ ଉପଲବ୍ଧି । କିନ୍ତୁ ବ୍ୟକ୍ତିର ସ୍ୱଭାବ ଭିନ୍ନ ଭିନ୍ନ । ସେଥି ନେଇ ଲକ୍ଷ୍ୟ ଏକ ହେବା ସତ୍ତ୍ୱେ ସାଧନପ୍ରଣାଳୀ ପୃଥକ୍ । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ଉତ୍ପନ୍ନ ହୁଏ, ସେମାନେ ସଂସାରର ସକଳ ଆସକ୍ତି ତ୍ୟାଗ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଅନ୍ତି । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ନ ଥାଏ, ସେମାନେ ସଂସାର ତ୍ୟାଗ କରି ପାରନ୍ତି ନାହିଁ, ଗୋଟିଏ ବା ଦୁଇଟି ସନ୍ତାନ ଉତ୍ପନ୍ନ କରିବା ପର୍ଯ୍ୟନ୍ତ ସଂଯତ ଜୀବନ ଯାପନ କରନ୍ତି, ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି । ଯେଉଁମାନଙ୍କର ଅତ୍ୟଧିକ ଆସକ୍ତି ଥାଏ ସେମାନେ ଯଦିଓ କଠୋର ସଂଯତ ଜୀବନ ବ୍ୟତୀତ କରି ନ ପାରନ୍ତି, ତଥାପି ସେମାନେ ସେହି ଦିଗରେ ଯତ୍ନଶୀଳ ହେବା ଉଚିତ । ମନୁଷ୍ୟ ଯେଉଁ ଅବସ୍ଥାରେ ଥାଇ ସଚେତ ହୁଏ ସେହି ଅବସ୍ଥାରୁ ସାଧନା ଆରମ୍ଭ କରିବା ଉଚିତ । କେହି ଯଦି ଭାବେ ଯେ ସଂସାରର ମୋହ ଦୂର ହେଲେ ଅଧ୍ୟାତ୍ମ-

ମାର୍ଗରେ ଅଗ୍ରସର ହେବ, ତେବେ ସେ କେବେ ବି ଅଗ୍ରସର ହୋଇ ପାରିବ ନାହିଁ । ଯେ ଯେଉଁ ଅବସ୍ଥାରେ ଅଛି ସେହି ଅବସ୍ଥାରେ ସାଧନା ଆରମ୍ଭ କଲେ କ୍ରମଶଃ ଆସକ୍ତି ଦୂର ହେବ ଏବଂ ସେ ଭଗବତ୍ ପ୍ରାପ୍ତି କରି ପାରିବ । ଭଗବତ୍ ପ୍ରାପ୍ତି ଦିନକରେ ହୁଏ ନାହିଁ । ସଂସାର ଆରମ୍ଭରୁ ଭଗବତ୍ ପ୍ରାପ୍ତି ସକାଶେ ମନୁଷ୍ୟ ଯାତ୍ରା କରି ଆସୁଛି, ବର୍ତ୍ତମାନ ମଧ୍ୟ ସେହି ମାର୍ଗରେ ଚାଲୁଛି । ଲକ୍ଷ୍ୟରେ ପହଞ୍ଚିବାରେ ବିଳମ୍ବ ହୁଏ ସ୍ତ୍ରୀ, ପୁତ୍ର ଓ ସଂସାରର ଆସକ୍ତି ଯୋଗୁଁ । ଏହି ଆସକ୍ତିରୁ ଯେ ଯେତେ ଶୀଘ୍ର ମୁକ୍ତ ହୋଇପାରେ ସେ ସେତେ ଶୀଘ୍ର ଲକ୍ଷ୍ୟରେ ପହଞ୍ଚି ପାରେ । ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ଭଗବତ୍ ପ୍ରାପ୍ତି କରି ପାରନ୍ତି ନାହିଁ । ଭଗବତ୍-ମାର୍ଗରେ ଅନନ୍ତ କାଳରୁ ଅନନ୍ତ ପ୍ରାଣୀ ଯାତ୍ରା କରୁଅଛନ୍ତି । କେହି ଲକ୍ଷ୍ୟରେ ପହଞ୍ଚି ଅଛନ୍ତି, କେହି ଅର୍ଦ୍ଧମାର୍ଗରେ, କେହି ବା ଯାତ୍ରା ଆରମ୍ଭ କରୁଅଛନ୍ତି । ସଂସାରରେ ସମସ୍ତ ବ୍ୟକ୍ତି ଏକ ସମୟରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ ସମର୍ଥ ନୁହନ୍ତି । ସଂସାର ବୈଚିତ୍ର୍ୟପୂର୍ଣ୍ଣ, ଏକ ବ୍ୟକ୍ତି ସହ ଅନ୍ୟର ସାଦୃଶ୍ୟ କେବେ ନ ଥିଲା, ବର୍ତ୍ତମାନ ନାହିଁ, ଭବିଷ୍ୟତରେ ବି ହେବ ନାହିଁ । ଯେଉଁ ବ୍ୟକ୍ତିର ସାଂସାରିକ ଆସକ୍ତିକୁ ତ୍ୟାଗ କରିବା ସଂକଳ୍ପ ଉତ୍ପନ୍ନ ହୋଇଛି ତାହାର ଅର୍ଥ ସେ ବହୁତ ମାର୍ଗ ଅତିକ୍ରମ କରି ଆସିସାରିଛି । ସେ ଯଦି ପୁନରାୟ ସଂସାର-ଭୋଗକୁ ଗ୍ରହଣ କରେ, ତେବେ ସେ ଅତିକ୍ରମ କରିଥିବା ମାର୍ଗକୁ ତାକୁ ପୁନରାୟ ଫେରି ଯିବାକୁ ହୁଏ ।

*

ପ୍ରଶ୍ନ : ଶାସ୍ତ୍ରରେ ଗାର୍ହସ୍ଥ୍ୟ ଜୀବନକୁହିଁ ଧର୍ମ ଆଚରଣ କରିବାର ଅଧିକାର କୁହାଯାଇଛି । ସ୍ତ୍ରୀ ବିନା ପୁରୁଷ କୌଣସି ଧର୍ମ ଆଚରଣ କରିପାରେ ନାହିଁ କିଂବା ସନ୍ତାନ ଉତ୍ପାଦନ କରେ ନାହିଁ । ସନ୍ତାନ ବିନା କୁଳ ନଷ୍ଟ ହୁଏ, ପିତୃଲୋକ ଜଳ ପା'ନ୍ତି ନାହିଁ ।

ଉତ୍ତର : ଶାସ୍ତ୍ରର ଏହି ଆଜ୍ଞା ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ହୁଏ, ତେବେ ଅବିବାହିତ ବ୍ୟକ୍ତି ସାଧନା କରି ଭଗବତ୍ ପ୍ରାପ୍ତି କରିବାର ଅନଧିକାରୀ ହୋଇଥା'ନ୍ତେ । ବ୍ରହ୍ମଚର୍ଯ୍ୟପାଳନ, ସନ୍ନ୍ୟାସ-ଗ୍ରହଣ, ଅଶାସ୍ତ୍ରୀୟ ହୋଇଥା'ନ୍ତା, ଏହାକୁ ଗ୍ରହଣ କରିବା ବ୍ୟକ୍ତି ପତିତ ହୁଅନ୍ତେ । ଯେଉଁ ବ୍ୟାସଦେବଙ୍କ ପୁତ୍ର ଶୁକଦେବ ମାତାଗର୍ଭରେ ବାର ବର୍ଷ ରହି, ତାଙ୍କୁ କଷ୍ଟ ଦେଇ ଜନ୍ମ ହେବା ସଙ୍ଗେ ସଙ୍ଗେ ନାଡ଼କୁ ଉଠାଇ ହାତରେ ଧରି ବନ-ଗମନ କଲେ, ବ୍ୟାକୁଳହୃଦୟା, ଦୀନା, ବିଳାପସଂକୁଳା ମା'ଙ୍କ ଆଡ଼କୁ ଥରେ ମାତ୍ର ଚାହିଁଲେ ନାହିଁ — ସେହି ବ୍ୟକ୍ତି ପୂଜ୍ୟ ହୁଅନ୍ତେ ନାହିଁ । ତାଙ୍କ ଶ୍ରୀମୁଖନିଃସୃତ ମହାନ୍ ଆଧ୍ୟାତ୍ମିକ ଧର୍ମଗ୍ରନ୍ଥ 'ଭାଗବତ' ସମ୍ମାନିତ ହୁଅନ୍ତା ନାହିଁ । କିନ୍ତୁ ଏପରି ତ ହୋଇ ନାହିଁ । କାର୍ଯ୍ୟରେ ଠିକ୍ ଓଲଟା ଦେଖାଯାଇଛି ।

ଶାସ୍ତ୍ରରେ ନୈତିକ ଓ ଆଧ୍ୟାତ୍ମିକ ଆଦି ନାନା ବିଷୟ ବର୍ଣ୍ଣିତ ହୋଇଛି । ମନୁଷ୍ୟ ନୈତିକ ନିୟମ ଆଚରଣ କରିବା ଦ୍ୱାରା ଶୁଦ୍ଧ ହୋଇ ଆଧ୍ୟାତ୍ମିକ ଧର୍ମର ଅଧିକାରୀ ହୁଏ । ନୈତିକତା ଆଧ୍ୟାତ୍ମିକତାର ପ୍ରଥମ ପାବଚ୍ଛ । ସମାଜ-ଧର୍ମପାଳନ, ପିତୃଶ୍ରାଦ୍ଧ, ସଦ୍-ଗାର୍ହସ୍ଥ୍ୟ ଜୀବନ ଯାପନ କରିବା ଆଦି ନୈତିକ ଧର୍ମ; ଏହି ଧର୍ମ ଉପରେ ଶାସ୍ତ୍ର ଅଧିକ ଜୋର୍ ଦେଇଛି । କାରଣ ଏହାହିଁ ମନୁଷ୍ୟର ଉନ୍ନତିର ଭିତ୍ତି, ଆରମ୍ଭ ମାତ୍ର । ମନୁଷ୍ୟର ଲକ୍ଷ୍ୟ ଅଧ୍ୟାତ୍ମ-ସିଦ୍ଧି, ନୈତିକତା ନୁହେଁ । ମନୁଷ୍ୟ ଯେପର୍ଯ୍ୟନ୍ତ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ ନ କରେ ସେପର୍ଯ୍ୟନ୍ତ ନୈତିକତାକୁ ପାଳନ କରେ । ଆଧ୍ୟାତ୍ମିକ ମାର୍ଗରେ ନୈତିକତା ସହାୟକ ହେଲେ ତାକୁ ସ୍ୱୀକାର କରେ, ପ୍ରତିକୂଳ ହେଲେ ବର୍ଜନ କରେ ।

''ସନ୍ତାନ ଦ୍ୱାରା ପିତୃଲୋକ ଜଳ ପା'ନ୍ତି, ସନ୍ତାନବିହୀନ ପିତୃଲୋକେ ଅଧୋଗତିକୁ ପ୍ରାପ୍ତ ହୁଅନ୍ତି'',— ଏହି ଧର୍ମକୁ ଯେଉଁ ଶାସ୍ତ୍ର କହିଛି, ସେହି ଶାସ୍ତ୍ର ମଧ୍ୟ ଘୋଷଣା କରିଛି — ''କୁଳରେ ଗୋଟିଏ ସନ୍ତାନ ଭଗବତ୍ ଭକ୍ତ ହେଲେ ଏକୋଇଶ ପିଢ଼ି ପର୍ଯ୍ୟନ୍ତ ପିତୃଲୋକ ଉଦ୍ଧାର ହୋଇଯାଆନ୍ତି । ପିତୃଲୋକ ଉଦ୍ଧାର ହୋଇ ଗଲେ ସେମାନଙ୍କ ପାଇଁ ଶ୍ରାଦ୍ଧର ଆବଶ୍ୟକତା ରହେ ନାହିଁ ।''

ଶାସ୍ତ୍ରରେ ଭଗବାନ୍ ନୃସିଂହ ପ୍ରହ୍ଲାଦକୁ କହିଅଛନ୍ତି —
ତ୍ରିଃସପ୍ତଭିଃ ପିତା ପୂତଃ ପିତୃଭିଃ ସହ ତେଽନଘ ।
ଯତ୍ ସାଧୋଽସ୍ୟ ଗୃହେ ଜାତୋ ଭାବନ୍ୱୈକୁଳପାବନଃ ।୧୮।

''ପ୍ରହ୍ଲାଦ, ତୁ ଯେପରି କୁଳପାବନ ପୁତ୍ର, ତୁ ଯାହା କୁଳରେ ଜନ୍ମ ନେଇଛୁ, ଯଦି ସେ କୁଳରେ ଏକୋଇଶ ପିଢ଼ି ପର୍ଯ୍ୟନ୍ତ ପିତରଃ ଅମୋକ୍ଷ ଥାଆନ୍ତେ ତେବେ ତୋ ପିତା ସହିତ ସେମାନେ ବି ତରି ଯାଆନ୍ତେ ।''

*

ପ୍ରଶ୍ନ : କାମ-ବାସନାରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : କାମ-ବାସନାରୁ ମୁକ୍ତ ହେବାର ଉପାୟ ହେଲା ଭଗବତ୍ ଚେତନାରେ ନିବାସ କରିବା ଅର୍ଥାତ୍ ନିରନ୍ତର ଭଗବତ୍ ସ୍ମରଣ କରିବା । କାମବାସନାରୁ ମୁକ୍ତ ହେବା ସକାଶେ ବହୁତ ପ୍ରକାର ସ୍ଥୂଳ ପ୍ରକ୍ରିୟା ଅଛି । କିନ୍ତୁ ତାହା ବହୁତ ବିପଜ୍ଜନକ । ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେ ସେହିସବୁ ସ୍ଥୂଳ ପ୍ରକ୍ରିୟାରେ ଟିକିଏ ମାତ୍ର ତ୍ରୁଟି ହେଲେ ବିପରୀତ ଫଳ ହୁଏ ଏବଂ ବ୍ୟକ୍ତି ରୋଗଗ୍ରସ୍ତ ହୋଇ ଜୀବନକୁ ନଷ୍ଟ କରେ । ସ୍ଥୂଳ ପ୍ରକ୍ରିୟାରେ ତ୍ରୁଟି ହେବାର ବହୁ ସମ୍ଭାବନା ଏବଂ ଅବସର ଥାଏ । କାମ-ବାସନାରୁ ମୁକ୍ତ ହେବାର ସବୁଠାରୁ ଭଲ ଉପାୟ ହେଲା ଦୃଷ୍ଟିସଂଯମ, ଦୃଢ଼ନିଷ୍ଠା ସହିତ କାମ-ସମ୍ବନ୍ଧୀୟ ବିଚାର ତ୍ୟାଗ; ଏହା ହୁଏ ଦୃଢ଼ ନିଷ୍ଠାସହ ମା'ଙ୍କୁ ସ୍ମରଣ କରିବାରେ । ବ୍ୟକ୍ତି ଯଦି ଦୃଢ଼ତା ସହିତ ଏହା କରିପାରେ ଏବଂ ଭାଗବତୀ ଶକ୍ତିଙ୍କୁ ସବୁକିଛି ସମର୍ପଣ କରେ, ତେବେ ଭାଗବତୀ ଅତିମାନସ ଶକ୍ତି କାମ-ବାସନାକୁ ରୂପାନ୍ତର କରନ୍ତି ।

ଅଧ୍ୟାତ୍ମ-ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ କାମ, କ୍ରୋଧାଦି ରିପୁ ଦୂର ହୁଅନ୍ତି ନାହିଁ । ଏହିସବୁ ବହୁତ ଦିନ ପର୍ଯ୍ୟନ୍ତ ଯୁଦ୍ଧ କରନ୍ତି । କିନ୍ତୁ ଭଗବାନଙ୍କ ଆଡ଼କୁ ପ୍ରବୃତ୍ତି ଅଧିକାଧିକ ହେଲେ ଏସବୁର ପ୍ରଭାବ କ୍ରମଶଃ କମ୍ ହୁଏ ଏବଂ ଶେଷରେ ପୂର୍ଣ୍ଣ ଭାବରେ ରୂପାନ୍ତରିତ ହୁଏ ।

ସାଧନାର ପ୍ରଣାଳୀ ଜାଣିବା ସକାଶେ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ଯୋଗାଧାର', 'ମାତୃବାଣୀ' ପୁସ୍ତକଗୁଡ଼ିକ ଅଧ୍ୟୟନ କଲେ ଉପକୃତ ହେବେ । ଏହିସବୁ ବହି ପଢ଼ିବା ସଙ୍ଗେ ସଙ୍ଗେ ସାଧନା ଆରମ୍ଭ କରନ୍ତୁ ।

କାମ-ବାସନା ଓ ତତ୍ ସମ୍ବନ୍ଧୀୟ ଚିନ୍ତା ଓ ବିଚାର ଆସିଲେ ସେହି ବିଚାରକୁ ପ୍ରଶ୍ରୟ ନ ଦେଇ ଧ୍ୟାନ ଓ ଅଧ୍ୟୟନ କରିବାରେ ମନ ଲଗାନ୍ତୁ, ପ୍ରାର୍ଥନା କରନ୍ତୁ ଅଥବା ସାଧନା ସମ୍ବନ୍ଧୀୟ ପୁସ୍ତକ ପଢ଼ନ୍ତୁ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ କ'ଣ ମହାତ୍ମା ଗାନ୍ଧି ଓ ବିନୋବାଜିଙ୍କ ସିଦ୍ଧାନ୍ତର ବିରୋଧ କରେ ?

ଉତ୍ତର : ଏହି ପ୍ରଶ୍ନଟି ବହୁ ବ୍ୟକ୍ତିଙ୍କ ସହିତ ଭିନ୍ନ ଭିନ୍ନ ରୂପରେ ବହୁବାର ଆଲୋଚନା ହୋଇଛି । ଏବେ ମଧ୍ୟ ବହୁ ବ୍ୟକ୍ତି ଏହି ପ୍ରଶ୍ନଟି ବାରଂବାର ପତ୍ର ଦ୍ୱାରା ଆଗତ କରୁଅଛନ୍ତି । ସେହି କାରଣରୁ ଆଜି ଏହି ପ୍ରଶ୍ନଟିର ଆଲୋଚନା କରାହେଉଛି ।

ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବେ କହିଦେବା ଉଚିତ ହେବ — ଏଠାରେ କେବଳ ଆଲୋଚନା ହେବ ପ୍ରଧାନତଃ ଶ୍ରୀଅରବିନ୍ଦଙ୍କ ଯୋଗ ଗାନ୍ଧିଜି ତଥା ବିନୋବାଜିଙ୍କ ସିଦ୍ଧାନ୍ତର ସହାୟକ ନା ବିରୋଧୀ । କିନ୍ତୁ ସେମାନଙ୍କର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଏକେବାରେ ବିଚାର କରା ହେବ ନାହିଁ । ଏହା ସମ୍ଭବ ନୁହେଁ ଏବଂ ଏହାର ପ୍ରୟୋଜନ ମଧ୍ୟ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ସିଦ୍ଧାନ୍ତର ବିରୋଧୀ ନୁହେଁ । ତାହା ମହାନ୍, ବିଶାଳ ଏବଂ ବ୍ୟାପକ ତଥା ଉଦାର । ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ଏହାକୁ ଗ୍ରହଣ କରି ପାରନ୍ତି । ଏହା ପ୍ରତ୍ୟେକ ସିଦ୍ଧାନ୍ତକୁ, ଲକ୍ଷ୍ୟପ୍ରାପ୍ତିକୁ ପୂର୍ଣ୍ଣତା ପ୍ରଦାନ କରେ ।

ଗାନ୍ଧିଜି ତଥା ବିନୋବାଜିଙ୍କ ସିଦ୍ଧାନ୍ତରେ ଶ୍ରୀଅରବିନ୍ଦଙ୍କ ଯୋଗ ଏକେବାରେ ବିରୁଦ୍ଧ ନୁହେଁ, ପୂର୍ଣ୍ଣତଃ ସହାୟକ ଏବଂ ଅଧିକ ବ୍ୟାପକ । କାରଣ ସେମାନେ ମନୁଷ୍ୟଜାତିର ଯେଉଁ ଯେଉଁ ସୁଖ ସ୍ୱାତନ୍ତ୍ର୍ୟ ଚାହୁଁଛନ୍ତି, ଶ୍ରୀଅରବିନ୍ଦଙ୍କ ଯୋଗ ତାହା ଅପେକ୍ଷା ଅଧିକ ସ୍ଥାୟୀ, ଅଧିକ ବ୍ୟାପକ ଏବଂ ଅଧିକ ଉନ୍ନତଭାବରେ ତାହାହିଁ ଚାହୁଁଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ — ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ତାହାର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର କରାହେବ, ଯାହାଫଳରେ ମନୁଷ୍ୟ ଜରା, ବ୍ୟାଧି, ମୃତ୍ୟୁ, ହିଂସା, ଦ୍ୱେଷ, ଈର୍ଷା, ବିରୋଧରୁ ପୂର୍ଣ୍ଣ ମୁକ୍ତ ହେବ । ତାହାର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକ ହୋଇ ଭଗବାନଙ୍କ ଦ୍ୱାରା ପରିଚାଳିତ

ହେବ । ତାହାର ମନ, ପ୍ରାଣର ସ୍ଥାନକୁ ଅଧିକାର କରିବ ଭାଗବତୀ ଶକ୍ତି । ସେ ଅହଂ ଆଉ ସ୍ୱାର୍ଥରୁ ହେବ ପୂର୍ଣ୍ଣ ମୁକ୍ତ । ତାହାର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକ ହେବାରୁ ଜ୍ଞାନ, ଭକ୍ତି, ଆନନ୍ଦ, ଶାନ୍ତି, ସମତା ତାହା ମଧ୍ୟରେ ଅବିଚ୍ଛିନ୍ନ ରୂପେ ପ୍ରବାହିତ ହେବ । ଭଗବାନ୍ ସ୍ୱୟଂ ବହୁ ହୋଇ ଜଗତରେ ବିଭିନ୍ନ ପ୍ରାଣୀ ରୂପରେ ପ୍ରକଟ ହୋଇଛନ୍ତି, ସେ ଏହି ରହସ୍ୟ ସ୍ପଷ୍ଟ ଭାବରେ ଦେଖିପାରିବ । ତା' ଦୃଷ୍ଟିରେ ବିଭିନ୍ନ ରୂପ ଆଉ ଜଗତ ହେବ ଭଗବାନମୟ । ତାହାର ଅନ୍ତରରେ ଆଉ ବାହ୍ୟରେ ହିଂସାର ସ୍ଥାନ ରହିବ ନାହିଁ । ସେ ଦ୍ୱୈତରେ ଅଦ୍ୱୈତ ଦେଖିବ । ତାହାର ଶତ୍ରୁ-ମିତ୍ର କେହି ରହିବେ ନାହିଁ – ସମସ୍ତେ ଭାଗବତ ସ୍ୱରୂପ ଏବଂ ଏକ । ସେ, ସମସ୍ତ ମଧ୍ୟରେ ଏବଂ ତା' ମଧ୍ୟରେ ସମସ୍ତ । ଏହାହିଁ ଯଥାର୍ଥରେ ସମସ୍ତ ରିପୁର ଅଧୀନରୁ ମୁକ୍ତ, ସ୍ୱତନ୍ତ୍ର ଅବସ୍ଥା । ଏହା ଫଳରେ ସମସ୍ତ ସଂସାରରୁ ହିଂସା, ଦ୍ୱନ୍ଦ୍ୱାଦି ଦୂର ହେବ, ପୃଥିବୀ ହେବ ସ୍ୱର୍ଗରେ ପରିଣତ । ଏହା ସତ୍ୟଯୁଗର ସ୍ଥାପନା, ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ଗାନ୍ଧିଜିଙ୍କ ସିଦ୍ଧାନ୍ତ ହେଉଛି ମନୁଷ୍ୟ ପରସ୍ପର ବୈରବିରୋଧ ଦୂର କରି ଅହିଂସା ଅବଲମ୍ବନ କରି ପରାଧୀନତାରୁ ମୁକ୍ତ ହୋଇ ସ୍ୱତନ୍ତ୍ର ହେବ । ହିଂସା, ରାଗ, ଦ୍ୱେଷ, ଈର୍ଷା, ବିରୋଧାଦି ସମସ୍ତ ପ୍ରକାର ଅଶାନ୍ତି, ଅସୁଖ, ଦ୍ୱନ୍ଦ୍ୱର କାରଣ । ମନୁଷ୍ୟ ମଧ୍ୟରୁ ହିଂସା ଦୂର ହୋଇ ଅହିଂସା ପ୍ରତିଷ୍ଠିତ ହେଲେ ସେ ଆନନ୍ଦମୟ ଜୀବନ ପ୍ରାପ୍ତ କରିବ; ଜଗତରୁ ଯୁଦ୍ଧ ଆଦି ବର୍ବରତା ଦୂର ହେବ ଏବଂ ସଂସାରରେ ଶାନ୍ତି ସ୍ଥାପିତ ହେବ । ଗାନ୍ଧିଜି ଚାହିଁଥିଲେ ଅହିଂସା, ଶାନ୍ତି-ସୁଖମୟ ଜୀବନ ଏବଂ ଭାରତର ସ୍ୱତନ୍ତ୍ରତା, ରାମରାଜ୍ୟର ପ୍ରତିଷ୍ଠା । ତାଙ୍କ କାର୍ଯ୍ୟ-ପ୍ରଣାଳୀରୁ ଅନୁମାନ କରାଯାଏ ତାଙ୍କର ଲକ୍ଷ୍ୟ ଯଦ୍ୟପି ଏହି ଉଭୟ ଥିଲା ତଥାପି ତାଙ୍କ ସମ୍ମୁଖ ଲକ୍ଷ୍ୟ ଥିଲା ଭାରତ-ସ୍ୱତନ୍ତ୍ରତା । କିନ୍ତୁ ତାଙ୍କ ସହକର୍ମୀ ଓ ଅନୁଗାମୀମାନେ ଦେଶ-ସ୍ୱାଧୀନତାକୁ ଜୀବନର ପ୍ରଧାନ ଲକ୍ଷ୍ୟ ମାନି ନେଲେ ଆଉ ତାହା ପ୍ରାପ୍ତ କରିବାକୁ ପ୍ରାଣପଣେ ଲାଗିପଡ଼ି ତାହା ଲାଭ କଲେ । ସମ୍ଭବତଃ ସେମାନଙ୍କ ଧାରଣା ହୋଇଥିବ, ''ପ୍ରଥମେ ଆମ୍ଭେମାନେ ବିଦେଶୀ ହାତରୁ ମୁକ୍ତ ହୋଇଗଲେ ସ୍ୱତନ୍ତ୍ରରୂପେ ସୁଖ, ଶାନ୍ତି, ଅହିଂସ-ଜୀବନ ପ୍ରାପ୍ତ କରିବା କାର୍ଯ୍ୟରେ ଲାଗି ପଡ଼ିବା ।'' ଭାରତ ସ୍ୱତନ୍ତ୍ରତା ପରେ କଂଗ୍ରେସ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଯେଉଁମାନେ ପ୍ରକୃତରେ ଦେଶଭକ୍ତ ଥିଲେ ସେମାନେ ଦେଶର ଉନ୍ନତି, ସୁଖମୟ ଜୀବନ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ । ସେମାନଙ୍କ ଶାନ୍ତି ସୁଖମୟ ଜୀବନ ନିର୍ମାଣରେ ରହିଲା ଅଧ୍ୟାତ୍ମ-ବିହୀନ ପାଶ୍ଚାତ୍ୟ କର୍ମଧାରାର ଛାପ । ପରିଣାମରେ ଭାରତରେ କଳ-କାରଖାନା ବୃଦ୍ଧି ହେଲା, ରାସ୍ତାଘାଟ ତିଆରି ହେଲା, ସ୍କୁଲ-କଲେଜ ବଢ଼ି ଚାଲିଲା । ଜଳଭଣ୍ଡାର ନିର୍ମାଣ ହେଲା, ବିଜୁଳିର ଉତ୍ପାଦନ ହେଲା । ବହୁତ ବେକାର ଲୋକଙ୍କୁ ଜୀବିକା ନିର୍ବାହର କର୍ମ ମିଳିଲା । ଏ ଦିଗରେ ଦେଶର ଉନ୍ନତି ହେଲା । ଅନ୍ୟ ଦିଗରେ ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ, ବେମାନି, ଚୋରି, ଦଗାବାଜି, ଘୁଷଖୋରି ବଢ଼ିଲା । ବ୍ୟକ୍ତି ରାଜନୈତିକ ପରାଧୀନତାରୁ ମୁକ୍ତ ହୋଇ ଅନ୍ଧକାର ଶକ୍ତିର ଦୁର୍ଗୁଣ କବଳରେ ଅଧିକ ଦୃଢ଼ଭାବେ ବନ୍ଦୀ ହେଲେ । ଜୀବନ ଶାନ୍ତ ଆନନ୍ଦମୟ ହେଲା ନାହିଁ । କାରଣ ମନୁଷ୍ୟ-ଜୀବନ ପୂର୍ଣ୍ଣ ଆନନ୍ଦମୟ ହୁଏ ଅଧ୍ୟାତ୍ମ ଏବଂ କର୍ମ, ଏହି ଉଭୟର ମିଳନରେ । ଏହି ଦୁଇ ମଧ୍ୟରୁ ଗୋଟିକୁ ବାଦ୍ ଦେଲେ ଜୀବନ ଅପୂର୍ଣ୍ଣ, ଅଙ୍ଗହୀନ ହୁଏ । ପିତାମାତାଙ୍କୁ ଯେତେବେଳେ ପୁତ୍ରଶୋକ ହୁଏ ସେତେବେଳେ ମୂଲ୍ୟବାନ୍ ବସ୍ତୁ, ମିଷ୍ଟାନ୍ନ ସନ୍ତୋଷ ଦିଏ ନାହିଁ । ବିଛା କାମୁଡ଼ିଥିବା ବ୍ୟକ୍ତିକୁ ସୁନ୍ଦର ମହଲ, କୋମଳ ଶଯ୍ୟା ଆନନ୍ଦ ଦିଏ ନାହିଁ । ଆନ୍ତର ସନ୍ତୋଷ, ଶାନ୍ତି ବିନା ମନୁଷ୍ୟ ସୁଖୀ ହୁଏ ନାହିଁ । ଆନନ୍ଦ, ଶାନ୍ତି, ଅହିଂସା, ସନ୍ତୋଷ ପ୍ରାପ୍ତ ହୁଏ ଅଧ୍ୟାତ୍ମ ସାଧନ ଦ୍ୱାରା । ଏହିସବୁ ଦିବ୍ୟଗୁଣ ପ୍ରାପ୍ତ ହେଲେ ସେ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ଆତ୍ମାରୂପେ ଦେଖେ । ନିଜେ କାହାରି ସଙ୍ଗେ ବୈର-ବିରୋଧ, ହିଂସା କରେ ନାହିଁ, ଆଉ କାହାରି ଦୁର୍ବ୍ୟବହାର ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ । ଏଣୁ ପ୍ରକୃତରେ ସୁଖମୟ ଓ ପୂର୍ଣ୍ଣ ଜୀବନ ପ୍ରାପ୍ତ ହୁଏ ଅଧ୍ୟାତ୍ମ ଆଉ କର୍ମ ଉଭୟର ମିଳନରେ । ପ୍ରତ୍ୟକ୍ଷରୂପେ ଆମ୍ଭେମାନେ ଅଧ୍ୟାତ୍ମ ସାଧକମାନଙ୍କର ସୁଖମୟ ଜୀବନ ଯଦ୍ୟପି ଦେଖୁଅଛୁ ତଥାପି କର୍ମ ଦିଗ ଶୂନ୍ୟ । କର୍ମୀମାନଙ୍କ ଜୀବନରେ ଅଧ୍ୟାତ୍ମ ସାଧନାର ଅଭାବ । ଅତଏବ ଉଭୟଙ୍କ ଜୀବନ ଅପୂର୍ଣ୍ଣ । ଏହି ଉଭୟର ମିଳନରେ ଜୀବନ ଆଉ ଦେଶର ହୁଏ ଯଥାର୍ଥ ଉନ୍ନତି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏକ । ତାଙ୍କରି ସୃଷ୍ଟି, ତାଙ୍କରି ବିଧାନରେ ସମସ୍ତ ଜଗତ ଚାଳିତ ହେଉଅଛି । ତାଙ୍କ ବିଧାନର ବିରୋଧୀ, କୌଣସି ବ୍ୟକ୍ତି କିଛି କରିପାରେ ନାହିଁ । ପୃଥିବୀରେ ସ୍ୱର୍ଗରାଜ୍ୟ, ଦିବ୍ୟ-ଜୀବନ ସ୍ଥାପନ ଭଗବାନଙ୍କର

ଯେଉଁ ସଂକଳ୍ପ, ଯେଉଁ କାର୍ଯ୍ୟ ସକାଶେ ଶ୍ରୀଅରବିନ୍ଦ ଏହି ସଂସାରକୁ ଆସିଥିଲେ ସେହି କାର୍ଯ୍ୟ ସକାଶେ ଭାରତ ସ୍ୱତନ୍ତ୍ର ହେବା ଅନିବାର୍ଯ୍ୟ ଥିଲା । ସେହି ଭାରତ ସ୍ୱତନ୍ତ୍ରତା ସକାଶେ କର୍ମ କରିବାକୁ ଗାନ୍ଧିଜି ମଧ୍ୟ ଆସିଥିଲେ । ଭାରତ ସ୍ୱତନ୍ତ୍ର ହେଲା, କିନ୍ତୁ ମନୁଷ୍ୟକୁ ଆନନ୍ଦମୟ ଜୀବନ ପ୍ରାପ୍ତ ହେଲା ନାହିଁ ।

*

ପ୍ରଶ୍ନ : ଗାନ୍ଧିଜି ଯେଉଁ ଅହିଂସ-ସୁଖମୟ ଜୀବନ ଚାହିଁଥିଲେ, ଯାହା ତାଙ୍କର ଲକ୍ଷ୍ୟ ଥିଲା, ତାହା କ'ଣ ପୂର୍ଣ୍ଣ ହୋଇଛି ? ବର୍ତ୍ତମାନ ମନୁଷ୍ୟର ଯେଉଁ ଜୀବନ, ବିଶେଷତଃ ଭାରତବର୍ଷ ଯେଉଁ ଅବସ୍ଥାରେ ଅଛି, ସେ କ'ଣ ଏହିପରି ସଂସାର ଚାହିଁଥିଲେ ? ଏହି ଅବସ୍ଥାରେ କ'ଣ ତାଙ୍କ ଆତ୍ମା ସନ୍ତୁଷ୍ଟ ? ବର୍ତ୍ତମାନ ସଂସାରରେ ଦୁର୍ନୀତି, ଛନ୍ଦ, କପଟ, ସ୍ୱାର୍ଥ, ମିଥ୍ୟାଚାର, ଠକାମି କ'ଣ ବ୍ୟକ୍ତିର ବାଞ୍ଛନୀୟ ?

ଉତ୍ତର : ଗାନ୍ଧିଜିଙ୍କ ଆଦର୍ଶ ଅନୁସାରେ ବର୍ତ୍ତମାନ ଅବସ୍ଥା ଏକେବାରେ ସନ୍ତୋଷଜନକ ନୁହେଁ । ସେ ଚାହିଁଥିଲେ ସ୍ଥାୟୀ ନିଷ୍କପଟ ଅହିଂସ ଅଖଣ୍ଡ ସୁଖମୟ ଜୀବନ, ଆନନ୍ଦମୟ ରାଜ୍ୟ । ଏହା ଥିଲା ତାଙ୍କର ଲକ୍ଷ୍ୟ; କିନ୍ତୁ ତାଙ୍କ ଜୀବନର ପ୍ରଧାନ କାର୍ଯ୍ୟ ଥିଲା 'ଭାରତ ସ୍ୱତନ୍ତ୍ରତା' । ଏହି ସ୍ୱତନ୍ତ୍ରତାର ରାଜନୀତି କ୍ଷେତ୍ରରେ ଯଥେଷ୍ଟ ମୂଲ୍ୟ ଅଛି । ଆଉ ଏହା ପୂର୍ଣ୍ଣ ସ୍ୱତନ୍ତ୍ରତାର ଅପରିହାର୍ଯ୍ୟ ଅଙ୍ଗ; ତଥାପି ଏହା ମନୁଷ୍ୟ-ଜୀବନର ଚରମ ଲକ୍ଷ୍ୟ ନୁହେଁ । କେବଳ ଏତିକିରେ ମନୁଷ୍ୟର ଜୀବନ ସୁଖମୟ ହୁଏ ନାହିଁ । ସ୍ଥାୟୀ ସୁଖମୟ ଜୀବନ ପ୍ରାପ୍ତ ହୁଏ – ହିଂସା, ଦ୍ୱେଷ, ସ୍ୱାର୍ଥାଦି ରିପୁମାନଙ୍କଠାରୁ ପୂର୍ଣ୍ଣତଃ ମୁକ୍ତହେଲେ, ତେବେ ତାହାର ଅହିଂସା ହୁଏ ନିଷ୍କପଟ ଓ ନିଷ୍କଳଙ୍କ । ଏହା ହୁଏ ଯୋଗରେ । ଅତଏବ ଜୀବନରେ ଯୋଗ ଗ୍ରହଣ କଲେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟରେ ପହଞ୍ଚେ ।

*

ପ୍ରଶ୍ନ : ବର୍ତ୍ତମାନ କଂଗ୍ରେସ ନୀତି ଆଉ ସଂସାର ଅବସ୍ଥାରୁ ଦେଖାଯାଉଛି ଗାନ୍ଧିଜି ଯେପରି ଅହିଂସା ଚାହିଁଥିଲେ, ଯେଉଁ ସୁଖମୟ ସାମଞ୍ଜସ୍ୟ-ଜୀବନ ଚାହିଁଥିଲେ, ତାହା ପୂର୍ଣ୍ଣ ହୋଇ ନାହିଁ ସତ, କିନ୍ତୁ ବିନୋବାଜି ବରାବର କହି ଆସିଛନ୍ତି ଏବଂ ପ୍ରଯତ୍ନ କରୁଛନ୍ତି ଭୂମିଦାନ ଦ୍ୱାରା ମନୁଷ୍ୟର ହୃଦୟ ପରିବର୍ତ୍ତନ ହେବ ଏବଂ ସଂସାରରେ ସାମଞ୍ଜସ୍ୟ ସ୍ଥାପନ ହେବ । ମନେହୁଏ ଗାନ୍ଧିଜି ଯାହା ଚାହିଁଥିଲେ ତାହା ପୂର୍ଣ୍ଣ ହୋଇ ନ ଥିଲା, ତାହା ପୂର୍ଣ୍ଣ ହେବ ବିନୋବାଜିଙ୍କ ଦ୍ୱାରା । ଯଦି ଏହାହିଁ ହୁଏ ତେବେ ଏଥିରେ ଶ୍ରୀଅରବିନ୍ଦଙ୍କ ଯୋଗର ସାହାଯ୍ୟର ପ୍ରୟୋଜନ କ'ଣ ? ସାମଞ୍ଜସ୍ୟ ବା ବିରୋଧ, ଏହା ବିଚାର କରିବାକୁ ଯିବା କାହିଁକି ? ଆମେ କାର୍ଯ୍ୟ କରିବୁ ଆମ ମାର୍ଗରେ, ଶ୍ରୀଅରବିନ୍ଦଙ୍କ ଯୋଗ ଯିବ ତା' ମାର୍ଗରେ । ତା' ସଙ୍ଗେ ଆମର ସମ୍ପର୍କ କ'ଣ ?

ଉତ୍ତର : ଗୋଟିକୁ ବାଦ୍ ଦେଲେ ଅନ୍ୟଟି ଅପୂର୍ଣ୍ଣ, ସେଥିପାଇଁ ପରସ୍ପରର ସାମଞ୍ଜସ୍ୟ ଆବଶ୍ୟକ । ଗାନ୍ଧିଜି ଏବଂ ବିନୋବାଜି ଯେଉଁ ଦ୍ୱନ୍ଦ୍ୱବିହୀନ, ଶାନ୍ତିସୁଖମୟ ଜୀବନ ଚାହିଁଛନ୍ତି, ତାହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ – ଅତିମାନସ ଶକ୍ତି ଦ୍ୱାରା ମଣିଷର ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପାନ୍ତର ହେବା ଦ୍ୱାରା; ସେହି ଅତିମାନସ ଶକ୍ତିକୁ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଅବତରଣ କରାଇ ଆଣିଅଛନ୍ତି । ଏହି ଅତିମାନସ ଶକ୍ତି ଛଡ଼ା ଅନ୍ୟ କୌଣସି ପୁରାତନ ଯୋଗର ପ୍ରକ୍ରିୟା ଦ୍ୱାରା ଏହା ସମ୍ଭବ ନୁହେଁ । ଏହି କାରଣରୁ ଗାନ୍ଧିଜିଙ୍କ ଉଦ୍ଦେଶ୍ୟ-ସିଦ୍ଧିରେ ଅତିମାନସ ଶକ୍ତିର ସାହାଯ୍ୟ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତି ଏବଂ ଦିବ୍ୟ ମାନବ-ସମାଜ ପୃଥିବୀରେ ସ୍ଥାପନ ଲକ୍ଷ୍ୟ ହେବାରୁ, ଗାନ୍ଧିଜିଙ୍କ ଉଦ୍ଦେଶ୍ୟ ସୁଖମୟ ଜୀବନ ଓ ଭାରତର ସ୍ୱତନ୍ତ୍ରତା, ଏହା ଶ୍ରୀଅରବିନ୍ଦଙ୍କ ଯୋଗରେ ଅନିବାର୍ଯ୍ୟ ରୂପେ ସହାୟକ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଗାନ୍ଧିଜିଙ୍କ ଉଦ୍ଦେଶ୍ୟ ମଧ୍ୟରେ ପରସ୍ପର ବିରୋଧ ନ ଥାଇ ପୂର୍ଣ୍ଣ ସାମଞ୍ଜସ୍ୟ ରହିଅଛି ।

ସଂସାରରେ ଯେଉଁ ଦୁର୍ନୀତି ଦେଖାଯାଏ ତାହାର ନିବାସ ସ୍ଥାନ ଅବଚେତନାରେ । ଅବଚେତନାର ରୂପାନ୍ତର ନ ହେଲେ ନୈତିକ ବିଚାର, ଆଧ୍ୟାତ୍ମିକ ପ୍ରଭାବ ଦ୍ୱାରା ଅସ୍ଥାୟୀ ଆଉ ଆଂଶିକ ରୂପେ ସଂସାରରେ କିଛି ପରିବର୍ତ୍ତନ ଆସେ ଏବଂ କିଛିଦିନ ପରେ ନଷ୍ଟ ହୋଇଯାଏ । ଏହି କାରଣରୁ ସଂସାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ

ହୋଇଛି, ସଂସାର ସେହି ସୁଖଦୁଃଖ, ଆଲୋକ-ଅନ୍ଧାକାରରେ ଗତି କରୁଛି । ସଂସାରରୁ ଦୁର୍ନୀତି, ହିଂସା, ସ୍ୱାର୍ଥ ଆଦି ପ୍ରତିକୂଳ ଶକ୍ତିରାଜି ଦୂର ହୁଅନ୍ତି ଅତିମାନସ ଶକ୍ତି ଦ୍ୱାରା – ଅବଚେତନାର ଆମୂଳଚୂଳ ରୂପାନ୍ତର ହେବାରେ । ଏହା ସଙ୍ଗେ ସଙ୍ଗେ ସାଧକମାନଙ୍କର ମନ, ପ୍ରାଣ, ଶରୀର ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି । ସେମାନେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୁଅନ୍ତି । ଏହି ରୂପେ ରୂପାନ୍ତରିତ ଗୋଟିଏ ଦିବ୍ୟ ମାନବ-ସମାଜ ସ୍ଥାପିତ ହେଲେ ଜଗତରେ ସ୍ଥାୟୀ ସୁଖ, ଶାନ୍ତି ଆସେ । ସଂସାରରେ ଏହି ଦିବ୍ୟ ମାନବ-ସମାଜ ସ୍ଥାପନ ହେଲା ଗାନ୍ଧିଜିଙ୍କ ଚାହିଁଥିବା ସୁଖମୟ ଜୀବନଠାରୁ ନୂତନ । ଏହା ନ ହେଲେ ସଂସାରରେ ସାମୂହିକ ସୁଖମୟ ଜୀବନ ସ୍ଥାୟୀରୂପେ ପ୍ରାପ୍ତ ହେବା ଏକେବାରେ ଅସମ୍ଭବ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ଗାନ୍ଧିଜିଙ୍କ ଲକ୍ଷ୍ୟ ପୂର୍ଣ୍ଣ ହୁଏ, ତେବେ ତାହା ଗାନ୍ଧିଜିଙ୍କ ସିଦ୍ଧାନ୍ତର ବିରୋଧ ହେବ କିପରି ? ସଂସାର ଏକ ଈଶ୍ୱରଙ୍କର । ତାଙ୍କ ବିଧାନରେ ସମସ୍ତ ସଂସାର ପରିଚାଳିତ ହେଉଅଛି । ମନୁଷ୍ୟର ଦୁଃଖ-ଦାରିଦ୍ର୍ୟମୟ ଜୀବନକୁ ସୁଖାନନ୍ଦରେ ପରିଣତ କରିବାକୁ ଯେଉଁମାନେ ଏହି ସଂସାରକୁ ଆସି ଅଛନ୍ତି ସେମାନଙ୍କ କାର୍ଯ୍ୟ ପରସ୍ପରର ପରିପୂରକ । ଗୋଟିଏ କାର୍ଯ୍ୟ ଛଡ଼ା ଅନ୍ୟଟି ଅପୂର୍ଣ୍ଣ । ଯେପରି ଗୋଟିଏ କମ୍ପାନୀରେ ବ୍ୟୋମଯାନର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ପୃଥକ୍ ସ୍ଥାନରେ ତିଆରି ହୁଏ, କିନ୍ତୁ ସମସ୍ତ ଭାଗ ଏକତ୍ର କରି ଯୋଡ଼ିବା ଦ୍ୱାରା ଯାନଟି ପୂର୍ଣ୍ଣ ହୁଏ ଏବଂ ମନୁଷ୍ୟର ସେବାରେ ଲାଗେ । ସେହିପରି ମନୁଷ୍ୟ-ଜୀବନର ଉନ୍ନତି ସକାଶେ କର୍ମ ଏବଂ ଅଧ୍ୟାତ୍ମ-ଅତିମାନସ ରୂପାନ୍ତର ପରସ୍ପର ସମ୍ବନ୍ଧିତ ।

କିନ୍ତୁ ସାମୂହିକରୂପେ ହୃଦୟର ପରିବର୍ତ୍ତନ ବୈଦିକ ଯୁଗରୁ ଆରମ୍ଭ କରି ଏପର୍ଯ୍ୟନ୍ତ ହୋଇ ନାହିଁ । ଏହା ସମ୍ଭବ ନ ହେବା ଜାଣି ବୈଦିକ ଋଷି, ମୁନି, ମହାପୁରୁଷମାନେ ସଂସାର କର୍ମ ତ୍ୟାଗ କଲେ; ସଂସାରରୁ ନିଜକୁ ପୃଥକ୍ କଲେ, ଅଧ୍ୟାତ୍ମ-ସାଧନା ଦ୍ୱାରା ହୃଦୟ ଓ ମନକୁ ଶୁଦ୍ଧ ଅଥବା ଭାଗବତ ପ୍ରାପ୍ତି ନିମିତ୍ତ ଆବଶ୍ୟକ ପରିବର୍ତ୍ତନ କରି ନିଜ ଲକ୍ଷ୍ୟରେ ପହୁଞ୍ଚି ଗଲେ । ସଂସାର ଯେପରି ଦୁଃଖକଷ୍ଟରେ ଚାଲୁଥିଲା, ତାହା ସେହିପରି ଚାଲିଲା । ଆଉ କେତେକ ମହାପୁରୁଷ ଯଦ୍ୟପି ସଂସାରକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ, ତାହା ସଫଳ ହେଲା ନାହିଁ, ଯେବେ କୌଣସି ସମୟରେ ହେଲା, ତାହା ହେଲା ଆଂଶିକ ଏବଂ ଅସ୍ଥାୟୀ ।

*

ପ୍ରଶ୍ନ : ଏହା ସ୍ଥାୟୀ ଆଉ ପୂର୍ଣ୍ଣ ନ ହେବାର କାରଣ କ'ଣ ?

ଉତ୍ତର : ମନୁଷ୍ୟ ମଧ୍ୟରେ ଯେଉଁ କାମ, କ୍ରୋଧ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧାଦି ଦୁର୍ଗୁଣ ଅଛି ତାହାର ମୂଳ ସ୍ରୋତ ବିଶ୍ୱର ନିରାଟ ଜଡ଼ ଅବଚେତନା ମଧ୍ୟରେ । ତାହାର ମୂଳ ଉତ୍ସ ଯେପର୍ଯ୍ୟନ୍ତ ରୂପାନ୍ତର ନ ହୋଇଛି ସେପର୍ଯ୍ୟନ୍ତ ଜଗତରେ ସ୍ଥାୟୀ ସୁଖ, ଶାନ୍ତି ସ୍ଥାପନା ସମ୍ଭବ ନୁହେଁ । ସେଥିପାଇଁ ଅଧ୍ୟାତ୍ମବାଦୀ ସାଧକମାନେ ନିଜକୁ ସଂସାରରୁ ପୃଥକ୍ କରି ନେଲେ, ନିଜକୁ ଗୋଟିଏ କ୍ଷୁଦ୍ର ପରିସର ମଧ୍ୟରେ ରଖି ଅଧ୍ୟାତ୍ମ ସାଧନା ଦ୍ୱାରା ନିଜ ଦୋଷତ୍ରୁଟିକୁ ଦୂର କରି ନିର୍ବାଣ ବା ଭଗବତ୍ ପ୍ରାପ୍ତି କଲେ । ଅନ୍ଧକାର ଶକ୍ତିର ମୂଳ ଉତ୍ସ ରୂପାନ୍ତର ନ ହେବାରୁ ଏପର୍ଯ୍ୟନ୍ତ ସଂସାର ପରିବର୍ତ୍ତିତ ହୋଇ ନାହିଁ । ଏହି ଅନ୍ଧକାର ଶକ୍ତି ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ସେହି ଅତିମାନସ ଶକ୍ତିକୁ ଶ୍ରୀଅରବିନ୍ଦ ପୃଥିବୀକୁ ଅବତରଣ କରାଇ ଆଣିଅଛନ୍ତି ।

ଶ୍ରୀଅରବିନ୍ଦ ବିଲାତରୁ I.C.S. ପାସ୍ କରି ଆସି ବରୋଦାରେ ସର୍ଭିସ୍ କଲେ । ଆଉ ଗୁପ୍ତ ରୂପେ ଭାରତର ସ୍ୱାଧୀନତା ନିମିତ୍ତ କାର୍ଯ୍ୟ ମଧ୍ୟ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଭାରତକୁ ସ୍ୱତନ୍ତ୍ର କରିବେ । ଏହି ବିଷୟ ତାଙ୍କ ସ୍ତ୍ରୀଙ୍କୁ ବି ଚିଠିରେ ଲେଖିଥିଲେ । ବଙ୍ଗଳା ଭାଷାରେ ''ଶ୍ରୀଅରବିନ୍ଦେର ପତ୍ର'' ନାମରେ ବହି ପ୍ରକାଶିତ ହୋଇଅଛି । ଏହି ଉଦ୍ଦେଶ୍ୟରେ ସେ ସାଧନା କଲେ, କିନ୍ତୁ ତାଙ୍କୁ ସିଦ୍ଧି ପ୍ରାପ୍ତ ହେଲା, ଅଦ୍ୱୈତ, ନିର୍ବିଶେଷ ବ୍ରହ୍ମରେ ମିଶିଯିବା, ଯାହା ଆଚାର୍ଯ୍ୟ ଶଙ୍କରଙ୍କ ଲକ୍ଷ୍ୟ । ପରେ ଆଲିପୁର ଜେଲରେ ତାଙ୍କୁ ଭଗବତ ସିଦ୍ଧି ପ୍ରାପ୍ତ ହେଲା, ଅର୍ଥାତ୍ ସେ ବୃକ୍ଷ, ଲତା, ପଶୁ, ପକ୍ଷୀ, ମନୁଷ୍ୟ, ଘର ଆଦି ସମସ୍ତ ବସ୍ତୁରେ ବାସୁଦେବଙ୍କୁ ଦର୍ଶନ କଲେ । ଏହି ସିଦ୍ଧି ତାଙ୍କ 'ଉତ୍ତରପଡ଼ା ଅଭିଭାଷଣ'ରେ ବର୍ଣ୍ଣିତ ହୋଇଛି ।

ପୁରାତନ ସମସ୍ତ ଯୋଗରେ ଭିନ୍ନ ଭିନ୍ନ ସଂପ୍ରଦାୟର ସାଧକ ସଂସାର ଆଉ କର୍ମରୁ ନିବୃତ୍ତ ହୋଇ ଯମ, ନିୟମ, ଧ୍ୟାନ, ଧାରଣା, ଆସନ, ପ୍ରାଣାୟାମ, ଜପ, ତପାଦି କଠୋର ସାଧନା କରି ଏହି ଦୁଇ ସିଦ୍ଧିରୁ ଗୋଟିକୁ ପ୍ରାପ୍ତ କରନ୍ତି । କିନ୍ତୁ ଶ୍ରୀଅରବିନ୍ଦ ରାଜନୀତିରେ କାର୍ଯ୍ୟ କରିବା ସମୟରେ ବିପ୍ଳବୀ ଦଳର ନେତା ସ୍ଥାନରେ ରହି ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ୍ ବିରୋଧରେ ସମସ୍ତ ଦଳକୁ ପରିଚାଳନା କରୁଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟର ସନ୍ଧାନ ପାଇବାକୁ ଗୁପ୍ତ ପୋଲିସ୍ ବରାବର ରହିଥାଆନ୍ତି । ତାଙ୍କୁ ବହୁ ସତର୍କତାର ସହ କାର୍ଯ୍ୟ କରିବାକୁ ହେଉଥିଲା । ଏପରି ସ୍ଥଳରେ ବ୍ୟକ୍ତି ଚେତନା ଏକାଗ୍ର ହେବା ସମ୍ଭବ ନୁହେଁ, କିନ୍ତୁ ତାହା ସେ କରି ପାରିଥିଲେ ତାଙ୍କର ଅସାମାନ୍ୟ ସାଧନା ବଳରେ । ଜଟିଳ ରାଜନୈତିକ ଆନ୍ଦୋଳନର କର୍ଣ୍ଣଧାର ରୂପେ ମୁଖ୍ୟତଃ କାର୍ଯ୍ୟ କରି ମଧ୍ୟ କେବଳ ଗୌଣଭାବରେ ଅଳ୍ପ ସାଧନା ଦ୍ୱାରା ସେ ଅନାୟାସରେ ସମସ୍ତ ପୁରାତନ ଯୋଗର ଉକ୍ତ ଦୁଇ ସିଦ୍ଧିକୁ ପ୍ରାପ୍ତ କଲେ ।

ଶ୍ରୀଅରବିନ୍ଦଙ୍କର ଯଦି ବ୍ୟକ୍ତିଗତ ମୁକ୍ତି ଅଥବା ଭଗବତ୍ ପ୍ରାପ୍ତିହିଁ କେବଳ କାମ୍ୟ ହୋଇଥାଆନ୍ତା, ତେବେ ତାଙ୍କୁ ଆଉ କିଛି କରିବାକୁ ହୋଇ ନ ଥାଆନ୍ତା । କିନ୍ତୁ ତାଙ୍କ ତପସ୍ୟା, ତାଙ୍କ ସାଧନା, ତାଙ୍କ ସିଦ୍ଧି, ତାଙ୍କ ବିଦ୍ୟା ତାଙ୍କ ନିଜ ପାଇଁ ନ ଥିଲା । ତାଙ୍କୁ ଯାହା କିଛି ପ୍ରାପ୍ତ ହୋଇଥିଲା ତାହା ସବୁ ଥିଲା ମନୁଷ୍ୟର ପୂର୍ଣ୍ଣ ସ୍ୱତନ୍ତ୍ରତା ପାଇଁ । ତାଙ୍କ ନିଜ ସୁଖ, ଆରାମକୁ ସେ ପୂର୍ବରୁ ମନୁଷ୍ୟର ଉନ୍ନତି ସାଧନ ପାଇଁ ତ୍ୟାଗ କରିଥିଲେ । ସେ ଚାହୁଁଥିଲେ ମନୁଷ୍ୟ ଜାତିର ପୂର୍ଣ୍ଣ ସ୍ୱତନ୍ତ୍ରତା, ଅଖଣ୍ଡ ଅବିଚ୍ଛିନ୍ନ ସୁଖ । ଯେଉଁ ଗୋଟିଏ ଅଧ୍ୟାତ୍ମ-ସିଦ୍ଧିରେ ମନୁଷ୍ୟ କୃତକୃତ୍ୟ ହୁଏ ସେହି ଦୁଇଟି ଅଧ୍ୟାତ୍ମ ସିଦ୍ଧିରେ ସେ ସନ୍ତୁଷ୍ଟ ହେଲେ ନାହିଁ । କାରଣ ତାଙ୍କର ଲକ୍ଷ୍ୟ ବ୍ୟକ୍ତିଗତ ସିଦ୍ଧି ନ ଥିଲା, ଥିଲା ମନୁଷ୍ୟ ଜାତି ପାଇଁ, ଅଖଣ୍ଡ ସୁଖ-ପ୍ରାପ୍ତିର ଲକ୍ଷ୍ୟ । ସେ ନିଃସନ୍ଦେହ ଭାବରେ ଜାଣିଥିଲେ, ତାଙ୍କର ଦୃଢ଼ ବିଶ୍ୱାସ ଥିଲା କୌଣସି ଗୋଟିଏ ଗୁପ୍ତ ରହସ୍ୟ ଅଛି, ଯାହା ଆବିଷ୍କୃତ ହେଲେ ମନୁଷ୍ୟ ଅଖଣ୍ଡ ସୁଖ, ଶାନ୍ତି ପାଇବ । ଏହି ଗୁପ୍ତ ରହସ୍ୟର ସନ୍ଧାନ ସେ ପାଇଲେ ଆଲିପୁର ଜେଲରେ । ସେ ଦେଖିଲେ ଗୋଟିଏ ଅତିମାନସ ସୃଜନୀ ଆଦ୍ୟା ପରାପ୍ରା ଶକ୍ତି ଅଛି, ଯାହାଦ୍ୱାରା ଏହି ସମସ୍ତ ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟ ହୋଇଅଛି । ସେହି ଶକ୍ତି ଏହି ପୃଥିବୀକୁ ଅବତରଣ କରି ଆସିଲେ ତାହାରି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ । ତାକୁ ପୂର୍ଣ୍ଣଜ୍ଞାନ, ଅଖଣ୍ଡ ଦିବ୍ୟାନନ୍ଦ ପ୍ରାପ୍ତ ହେବ । ସେ ଭଗବାନଙ୍କ ସଙ୍ଗେ ସମ୍ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବ । ଭଗବାନ୍ ନିରାବରଣ ରୂପେ ତାହାର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ଜରା, ମୃତ୍ୟୁ, ରୋଗ, ମାୟା, ଦୁଃଖ, ଦ୍ୱନ୍ଦ୍ୱ କବଳରୁ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ କରିବାକୁ ସେ ଏହି ପୃଥିବୀକୁ ଆସିଥିଲେ ଏବଂ ବରାବର ଭଗବାନଙ୍କଠାରୁ ଆନ୍ତର ନିର୍ଦ୍ଦେଶ ପାଇ ରାଜନୀତି କାର୍ଯ୍ୟ କରୁଥିଲେ । ସେହି ଆଲିପୁର ଜେଲରେ ତାଙ୍କୁ ଆଦେଶ ହେଲା, ''ଭାରତ ସ୍ୱତନ୍ତ୍ରତାରେ ତୁମର ଯେତେ କାର୍ଯ୍ୟ କରିବାର ତାହା ହୋଇଗଲା । ବର୍ତ୍ତମାନ ତୁମ ସକାଶେ ଆମ୍ଭେ ଅନ୍ୟ କାର୍ଯ୍ୟ ନିର୍ଦ୍ଦିଷ୍ଟ କରିଅଛୁ ।'' ପରେ ଚନ୍ଦନନଗରରୁ ଭଗବାନଙ୍କ ଆଦେଶ ପାଇ ସେ ପଣ୍ଡିଚେରୀ ଆସିଲେ ।

୧୯୧୦ ସାଲରୁ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଏକାନ୍ତ ତୀବ୍ର ସାଧନାରେ ରତ ହେଲେ । ଶ୍ରୀମା ୧୯୧୪ରେ ଫ୍ରାନ୍ସରୁ ଆସିଲେ । ଶ୍ରୀଅରବିନ୍ଦ ଏବଂ ମା' ଉଭୟ, ଏହି ଏକହିଁ କାର୍ଯ୍ୟ କରିବା ସକାଶେ ଏହି ସଂସାରକୁ ଆସି ଅଛନ୍ତି । ମା' ସ୍ପଷ୍ଟରୂପେ ଏକଥା ବୁଝି ପାରିଲେ ଏବଂ ଶ୍ରୀଅରବିନ୍ଦଙ୍କ ସଙ୍ଗେ ସାଧନାରେ ରତ ହେଲେ । ପ୍ରଥମ ମହାଯୁଦ୍ଧ ଯୋଗୁଁ ମା'ଙ୍କୁ ୧୯୧୪ରେ ଫ୍ରାନ୍ସ ଫେରି ଯିବାକୁ ହେଲା, ପୁନରାୟ ୧୯୨୦ରେ ପଣ୍ଡିଚେରୀ ଫେରିଆସି ସ୍ଥାୟୀ ରୂପେ ଏପର୍ଯ୍ୟନ୍ତ ଅଛନ୍ତି ।* ୧୯୨୬ ନଭେମ୍ବର ତା୨୪ ରିଖରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କୁ ଅଧିମାନସ ସିଦ୍ଧି ପ୍ରାପ୍ତ ହେଲା । ସେ ସିଦ୍ଧି ଥିଲା ଅତିମାନସକୁ ଏହି ପୃଥିବୀକୁ ଉତାରି ଆଣିବାର ପୂର୍ଣ୍ଣଜ୍ଞାନ ଏବଂ ଉପାୟର ରହସ୍ୟପ୍ରାପ୍ତି । ସେହି ଦିନଠାରୁ ଶ୍ରୀଅରବିନ୍ଦ ମା'ଙ୍କ ଉପରେ ଆଶ୍ରମର ସମସ୍ତ ଭାର ନ୍ୟସ୍ତ କରି ଏକେବାରେ ଏକାନ୍ତ ସାଧନାରେ ରତ ହେଲେ । ଆଉ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ସ୍ୱେଚ୍ଛାରେ ଶରୀରତ୍ୟାଗ କଲେ ।

*

* ପୁସ୍ତକଟି ୧୯୬୬ ମସିହାରେ ଲିଖିତ ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟ ଜରା, ମୃତ୍ୟୁ, ରୋଗରୁ ମୁକ୍ତ ହୋଇପାରିବ, କିନ୍ତୁ ଶ୍ରୀଅରବିନ୍ଦ ସ୍ୱୟଂ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଶରୀରତ୍ୟାଗ କଲେ କାହିଁକି ?

ଉତ୍ତର : ଶ୍ରୀଅରବିନ୍ଦ ସ୍ୱେଚ୍ଛାରେ ଅନ୍ଧକାର ଶକ୍ତିର ସମସ୍ତ ବିଷ, ନିଜ ଶରୀରରେ ନେଇ ଅତିମାନସ ଶକ୍ତିର ଅବତରଣ ମାର୍ଗ ଉନ୍ମୁକ୍ତ କଲେ । ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରିବା ସମୟରେ ତା'ର ପଥରୋଧ କରିବାକୁ ଅନ୍ଧକାର ଶକ୍ତିସମୂହ ଯଥା – ରୋଗ, ଜରା, ହିଂସା, ଦ୍ୱେଷ, ବୈର, ବିରୋଧାଦି ବିଷକୁ ପୃଥିବୀପୃଷ୍ଠରେ ନିକ୍ଷେପ କଲେ, ଯାହାର ପରିଣାମ ସ୍ୱରୂପ ସଂସାର ଧ୍ୱଂସମୁଖରେ ଯାଇପାରିଥାଆନ୍ତା ଏବଂ ଅତିମାନସର ଅବତରଣ ହୋଇ ପାରି ନ ଥା'ନ୍ତା । ସେହି ସମସ୍ତ ବିଷକୁ ଶ୍ରୀଅରବିନ୍ଦ ନିଜ ଶରୀରରେ ନେଇ ଦେହତ୍ୟାଗ କଲେ । ସେ ଜାଣିଥିଲେ ଅତିମାନସ ଶକ୍ତି ଅବତରଣ ନ କଲେ, ତାହା ନିମିତ୍ତ ଉପଯୁକ୍ତ ଆଧାର ତିଆରି ହୋଇପାରିବ ନାହିଁ । ଅତଏବ ଅତିମାନସ ଶକ୍ତିର ଅବତରଣ ଅତ୍ୟାବଶ୍ୟକ । ମା' ଶ୍ରୀଅରବିନ୍ଦଙ୍କ ଚେତନା ଏକ, ଶରୀର ଦୁଇ । ଶ୍ରୀଅରବିନ୍ଦ ଦେହତ୍ୟାଗ କଲେ, ମା' ସେହି ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି । ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ମନୁଷ୍ୟ ଜରା, ମୃତ୍ୟୁ, ରୋଗରୁ ମୁକ୍ତ ହୋଇ ଦିବ୍ୟ-ମାନବରେ ରୂପାନ୍ତରିତ ହୁଏ ନାହିଁ । ଅତିମାନସ ଶକ୍ତି ଦ୍ୱାରା ସାଧକର ସମସ୍ତ ସତ୍ତା କ୍ରମଶଃ ରୂପାନ୍ତରିତ ହୁଏ । ଏହି ରୂପାନ୍ତର ଅନୁପାତରେ ସେ ଜରା, ରୋଗ, ମୃତ୍ୟୁ କବଳରୁ କ୍ରମଶଃ ମୁକ୍ତି ପାଉଥାଏ । ସାଧକର ମନ, ପ୍ରାଣ, ଶରୀର ସମଗ୍ର ରୂପାନ୍ତର ହେଲେ ସେ ଅନ୍ଧକାର ଶକ୍ତିର ରୋଗ, ଜରା, ମୃତ୍ୟୁ କବଳରୁ ପୂର୍ଣ୍ଣତଃ ମୁକ୍ତ ହୁଏ । ପୂର୍ବରୁ କୁହାହୋଇଛି, ଶ୍ରୀଅରବିନ୍ଦଙ୍କ ସାଧନା ନିଜ ପାଇଁ ନୁହେଁ, ଭାଗବତ ସଂକଳ୍ପ ଅନୁସାରେ ମନୁଷ୍ୟ ଜାତି ପାଇଁ । ସେ ମନୁଷ୍ୟ ଜାତିର ପ୍ରତିନିଧି । ତାଙ୍କ ଶରୀର ଅତିମାନସ ଶକ୍ତି ଦ୍ୱାରା ପୂର୍ଣ୍ଣ ରୂପାନ୍ତର ହୋଇ ନ ଥିଲା । ସେହି କାରଣରୁ ସେ ସମସ୍ତ ବିଷ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ।

ଈଶ୍ୱର ଏକ । ସେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ, ପୂର୍ଣ୍ଣ ଶାନ୍ତି, ପୂର୍ଣ୍ଣ ସମତା ଇତ୍ୟାଦି ଦିବ୍ୟଗୁଣ ଓ ଦିବ୍ୟଶକ୍ତିର ସ୍ୱରୂପ । ସେହି ଏକହିଁ ଈଶ୍ୱର ବିବିଧ ରୂପରେ ପ୍ରକଟ ହୋଇଅଛନ୍ତି । ତାଙ୍କଠାରୁ କୌଣସି ବସ୍ତୁ ପୃଥକ୍ ନୁହେଁ, ସେ ସର୍ବତ୍ର ପରିପୂର୍ଣ୍ଣ । ଅତିମାନସ ଜ୍ଞାନ ଦ୍ୱାରା ସାଧକର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ ତାହାର ଅର୍ଦ୍ଧଜ୍ଞାନର ସୀମା ବନ୍ଧନ ଭାଙ୍ଗିଯାଏ । ସେହି କାରଣରୁ ପୂର୍ବ ଯୋଗରେ ଜ୍ଞାନ, ଭକ୍ତି, ଈଶ୍ୱର ସାକାର, ନିରାକାର, ରାମ, କୃଷ୍ଣ, ଶିବ, ଦୁର୍ଗା ପୃଥକ୍ ଉପାସନାର ଯେଉଁ ଭେଦଭାବ ବା ବିରୋଧ ଥିଲା – ସେହିସବୁର ଶ୍ରୀଅରବିନ୍ଦଙ୍କ ଯୋଗରେ ସମନ୍ୱୟ ହୁଏ । ଅତିମାନସ ଯୋଗର ସାଧକ ଏହି ସମସ୍ତ ଉପଲବ୍ଧି ଏକ ସଙ୍ଗରେ କରେ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ପୁରାତନ ଯୋଗର ବିରୋଧୀ ନୁହେଁ । ସମସ୍ତ ପୁରାତନ ଯୋଗ-ସାଧକଙ୍କର ପୂର୍ଣ୍ଣତାରେ ଶ୍ରୀଅରବିନ୍ଦଙ୍କ ଯୋଗ ସାହାଯ୍ୟ କରେ ।

ଶ୍ରୀଅରବିନ୍ଦଙ୍କ ଯୋଗ ଜ୍ଞାନ, ଭକ୍ତି, କର୍ମ – ଏହି ତିନିକୁ ଏକ ସଙ୍ଗରେ ନେଇ ଚାଲେ । କର୍ମ, ଜୀବନ ଓ ସଂସାରକୁ ତ୍ୟାଗ କରେ ନାହିଁ । କର୍ମକୁ ଉନ୍ନତ, ଶୁଦ୍ଧ ଓ ବିଶାଳ କରି ତୋଳେ । ସଂସାରରେ ହିଂସା, ଦ୍ୱେଷ, ବିଦ୍ରୋହାଦି ସ୍ଥାନରେ ଆତ୍ମଭାବ, ଅହିଂସା, ପ୍ରେମକୁ ସ୍ଥାପନ କରେ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ, ଦେଶ ଦେଶ ମଧ୍ୟରେ ଆତ୍ମଭାବ ଆଉ ପ୍ରେମଭାବ ଉତ୍ପନ୍ନ ହେଲେ ବୈରତା, ହିଂସା ଓ ଯୁଦ୍ଧ ଆଦି ଦୂର ହୋଇ ସ୍ୱାଭାବିକ ମୈତ୍ରୀଭାବ ସ୍ଥାପିତ ହୁଏ । ଏହି ସଂସାର ସ୍ୱର୍ଗରେ ଓ ଦୁଃଖମୟ ଜୀବନ ପରମ ଆନନ୍ଦରେ ପରିଣତ ହୁଏ । ସେହି ସକାଶେ କୃଷକ, ବ୍ୟବସାୟୀ, ଦେଶସେବକ, ସରକାରୀ କର୍ମଚାରୀ ଆଉ ପ୍ରତ୍ୟେକ ମନୁଷ୍ୟ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ କେବଳ ଆବଶ୍ୟକ ନୁହେଁ, ଅପରିହାର୍ଯ୍ୟ । କାରଣ ପ୍ରତ୍ୟେକ ବ୍ୟକ୍ତିର ସୁଖ ପ୍ରାପ୍ତି କରିବା କାମ୍ୟ । ଯଥାର୍ଥ ସ୍ଥାୟୀ ସୁଖ ଅନ୍ୟ କୌଣସି ଉପାୟରେ କୌଣସି ସାଂସାରିକ କର୍ମ ଏବଂ ସମ୍ବନ୍ଧରେ ପ୍ରାପ୍ତ ହୁଏ ନାହିଁ, ତାହା ପ୍ରାପ୍ତ ହୁଏ ଅଧ୍ୟାତ୍ମ-ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବାରେ ।

ଏଥିରୁ ଅନୁମାନ କରାଯାଏ ଶ୍ରୀଅରବିନ୍ଦ, ମହାତ୍ମା ଗାନ୍ଧି, ବିନୋବାଜି ଯଦିଓ ଭିନ୍ନ ଭିନ୍ନ କାର୍ଯ୍ୟ କରିଛନ୍ତି, ତଥାପି ସେମାନଙ୍କ କର୍ମ ଏକହିଁ ମନୁଷ୍ୟଜାତିର ଉନ୍ନତି ସକାଶେ ହୋଇଥିବାରୁ ପରସ୍ପରର ପରିପୂରକ, ଏପରିକି ଏକ

ବିନା ଅନ୍ୟ ଅପୂର୍ଣ୍ଣ । ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବନର ପୂର୍ଣ୍ଣତା ସକାଶେ, ଗାନ୍ଧିଜିଙ୍କ ସ୍ୱରାଜ୍ୟ ଆବଶ୍ୟକ ଥିଲା ଏବଂ ଗାନ୍ଧିଜିଙ୍କର ଆକାଙ୍‌କ୍ଷିତ ସ୍ୱାତନ୍ତ୍ର୍ୟ ପୂର୍ଣ୍ଣ ହେବା ସକାଶେ ଶ୍ରୀଅରବିନ୍ଦଙ୍କର ଅତିମାନସ ଶକ୍ତିର ଏକାନ୍ତ ଆବଶ୍ୟକ ।

*

ପ୍ରଶ୍ନ : ମହାତ୍ମା ଗାନ୍ଧି ସ୍ୱରାଜ୍ୟ ପ୍ରାପ୍ତ କରିସାରିଛନ୍ତି, ବର୍ତ୍ତମାନ ଅଧ୍ୟାତ୍ମ-ଅତିମାନସ ଶକ୍ତିର ସାହାଯ୍ୟର ଆବଶ୍ୟକତା କ'ଣ ?

ଉତ୍ତର : ବର୍ତ୍ତମାନ ସ୍ୱରାଜ୍ୟ ଅପୂର୍ଣ୍ଣ । ମନୁଷ୍ୟ-ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ସ୍ୱାର୍ଥପରତା, ହିଂସା, ଦ୍ୱେଷରେ ଭାରାକ୍ରାନ୍ତ ଏବଂ ଅନ୍ଧକାର ଶକ୍ତିସମୂହର ପୂର୍ଣ୍ଣତଃ ଅଧୀନ । ଯେପର୍ଯ୍ୟନ୍ତ ମନୁଷ୍ୟ ଏସବୁରୁ ମୁକ୍ତ ନୁହେଁ ସେପର୍ଯ୍ୟନ୍ତ ତାହାର ଯଥାର୍ଥ ସ୍ୱାଧୀନତା ନାହିଁ, ଏବଂ ସେ ଯଥାର୍ଥ ସୁଖମୟ ଜୀବନଠାରୁ ବହୁ ଦୂରରେ । ସୁଖମୟ ଜୀବନ ଓ ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରାପ୍ତ ହେବ ଅଧ୍ୟାତ୍ମ-ଅତିମାନସ ଶକ୍ତିର ଆଶ୍ରୟରେ ।

ନୈତିକତା ଆଉ ଶାସନ-ବିଧାନ ଦ୍ୱାରା ମନୁଷ୍ୟ ମଧ୍ୟରୁ ଦୁର୍ନୀତି ଦୂର ହୋଇପାରେ ନାହିଁ । ଶାସନର ଆଇନ ଏବଂ ନୈତିକତାର ବିଚାରରେ ସଂସାରରେ ସୁଖଶାନ୍ତି ସ୍ଥାପନ କରିବାକୁ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ରୂପେ ଉଦ୍ୟମ ହୋଇ ଆସିଅଛି । ଏହି ସମସ୍ତ ଉଦ୍ୟମ ବରାବର ବ୍ୟର୍ଥତାରେ ପରିଣତ ହୋଇଛି । ଭାରତ ସ୍ୱତନ୍ତ୍ର ହେବା ପରେ ସ୍ୱାଧୀନ ସରକାର ଭାରତବାସୀଙ୍କୁ ସୁଖୀ, ସମୃଦ୍ଧିଶାଳୀ, ସତ୍ୟବାଦୀ, ନ୍ୟାୟପରାୟଣ, ସଚ୍ଚୋଟ ଇତ୍ୟାଦି ଦିବ୍ୟଗୁଣରେ ବିଭୂଷିତ ଆଦର୍ଶ ମାନବ ରୂପେ ଦେଖିବାକୁ ଚାହୁଁଛନ୍ତି, କିନ୍ତୁ ହେଉଛି ବାସ୍ତବ କ୍ଷେତ୍ରରେ ଠିକ୍ ତାହାର ବିପରୀତ । ଭାରତ ସ୍ୱତନ୍ତ୍ର ହେବା ଦିନଠାରୁ ବହୁ ପରିମାଣରେ ଦୁର୍ନୀତି ବଢ଼ିଚାଲିଛି । ଏହି ଦୁର୍ନୀତି ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ନୁହେଁ, ମୂଳରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ । ଏହା ଏକେବାରେ ସ୍ପଷ୍ଟ ଆଉ ନିର୍ବିବାଦ ଯେ ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତା ଆଧ୍ୟାତ୍ମିକ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ନ ହେବ ସେପର୍ଯ୍ୟନ୍ତ ସଂସାରରୁ ଦୁର୍ନୀତି ଦୂର ହେବ ନାହିଁ । ମନୁଷ୍ୟ ଜାତିର ହିତସାଧନର କୌଣସି କାର୍ଯ୍ୟ ସ୍ଥାୟୀ ହେବ ନାହିଁ । ମନୁଷ୍ୟର ଯଥାର୍ଥ ସ୍ଥାୟୀ ହିତସାଧନ ପାଇଁ ଗାନ୍ଧିଜି, ବିନୋବାଜିଙ୍କ କର୍ମର ଭିତ୍ତି ଅଧ୍ୟାତ୍ମ ଅତିମାନସ ହେବା ଅନିବାର୍ଯ୍ୟ । ମନୁଷ୍ୟଜାତିର ଉନ୍ନତି ସାଧନ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେବାରୁ ସେଥିରେ କର୍ମ ଅପରିହାର୍ଯ୍ୟ । କର୍ମ ଆଉ ଆଧ୍ୟାତ୍ମିକତା ଏହି ଉଭୟର ମିଳନରେ ମନୁଷ୍ୟ ଜାତିର ଯଥାର୍ଥ ସ୍ଥାୟୀ ଉନ୍ନତି ହୁଏ, ଏହି ଦୁଇ ମଧ୍ୟରୁ କୌଣସି ଗୋଟିକୁ ପୃଥକ୍ କଲେ ଅନ୍ୟଟି ପୂର୍ଣ୍ଣ ହୋଇପାରେ ନାହିଁ, ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ, ଗାନ୍ଧିଜି ଓ ବିନୋବାଜିଙ୍କ କର୍ମର ବିରୋଧୀ ନୁହେଁ, ବରଂ ଅନିବାର୍ଯ୍ୟ ରୂପେ ତାହାର ପରିପୂରକ ।

*

ପ୍ରଶ୍ନ : ସଂସାରର ଉନ୍ନତି ସାଧନ ସକାଶେ ଯେଉଁମାନେ କର୍ମ କରୁଛନ୍ତି, ସେମାନଙ୍କୁ କ'ଣ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ସଞ୍ଚାଳକ ରୂପେ ଗ୍ରହଣ କରିବାକୁ ହେବ ?

ଉତ୍ତର : ପ୍ରଶ୍ନଟି ଖୁବ୍ ସଂକୁଚିତ, ଭେଦଗତ ଓ ସ୍ୱାର୍ଥବୁଦ୍ଧିଯୁକ୍ତ ମନର । ଯେଉଁମାନେ ଯଥାର୍ଥରେ ମନୁଷ୍ୟଜାତିର ଉନ୍ନତି ସାଧନ ପାଇଁ କର୍ମରେ ତତ୍ପର, ସେମାନଙ୍କ ମନରେ ଏପ୍ରକାର ପ୍ରଶ୍ନ ଆଦୌ ଉତ୍‌ଥିତ ହେବ ନାହିଁ, ଯେଉଁମାନେ ନିଜ ସ୍ୱାର୍ଥସିଦ୍ଧି ସକାଶେ ମନୁଷ୍ୟଜାତିର ମହାନ୍ ସେବାକୁ ଏକ ଉପାୟ ବୋଲି ଖାଲି ବାହାନା କରନ୍ତି, ସେମାନଙ୍କ ମନରେ ଏପରି କଳୁଷିତ ପ୍ରଶ୍ନ ହୋଇପାରେ । ଯଦି କୌଣସି ବ୍ୟକ୍ତି ରୋଗଗ୍ରସ୍ତ ହୋଇଥାଏ, ସେ ରୋଗମୁକ୍ତିର ଯେକୌଣସି ଉପାୟ ବିନା ଦ୍ୱିଧାରେ ଗ୍ରହଣ କରେ । ଯଦି କେହି ବ୍ୟକ୍ତି ରାଜନୀତିଜ୍ଞ, ଡାକ୍ତର ଏବଂ ସ୍ୱାସ୍ଥ୍ୟବାନ୍ ହେବାକୁ ଚାହେଁ, ସେ ତିନି ପ୍ରକାର ବ୍ୟକ୍ତିଙ୍କଠାରୁ ଭିନ୍ନ ଭିନ୍ନ ଗୁଣ ଗ୍ରହଣ କଲେ ତା'ର ଲକ୍ଷ୍ୟ ପୂର୍ଣ୍ଣ ହୁଏ । ସେ କେବେ ବି ଭାବିବାକୁ ଯାଏ ନାହିଁ – ଏହି ତିନିଙ୍କ ମଧ୍ୟରେ ପରସ୍ପର ସାମଞ୍ଜସ୍ୟ ନା ବିରୋଧ, ଏହାଙ୍କ ମଧ୍ୟରେ ବଡ଼ କିଏ, ସାନ କିଏ ? ପ୍ରକୃତରେ ଗୁଣଗ୍ରହଣ କରିବା ବ୍ୟକ୍ତି ମଧ୍ୟରେ କେବେ ବି ଅସାମଞ୍ଜସ୍ୟ ନ ଥାଏ । କେବଳ ଯେଉଁମାନେ ଗୁଣଗ୍ରହଣ କରିବାକୁ ନ ଚାହାନ୍ତି ସେହିମାନେହିଁ ବିରୋଧ ସୃଷ୍ଟି କରନ୍ତି ।

ଯେଉଁ ମହାପୁରୁଷମାନେ ସଂସାରରେ କୌଣସି ବିଶେଷ କାର୍ଯ୍ୟ କରିବାକୁ ଆସନ୍ତି, ଆଉ କରନ୍ତି – ଯେପରି ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ରାମାନୁଜ,– ସେମାନଙ୍କୁ ସଞ୍ଚାଳକ ରୂପେ ବ୍ୟକ୍ତି ମାନନ୍ତୁ, ଏହି ଧାରଣା ନେଇ ସେମାନେ କାର୍ଯ୍ୟ କରନ୍ତି ନାହିଁ । କିନ୍ତୁ ବ୍ୟକ୍ତି ନିଜର ଉନ୍ନତି ସକାଶେ ସେମାନଙ୍କୁ ପଥପ୍ରଦର୍ଶକ ରୂପେ ଗ୍ରହଣ କରନ୍ତି ।

ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀ ଉପରେ ଅବତରଣ କରାଇ ଆଣିଛନ୍ତି ଜନ-ସମାଜର କଲ୍ୟାଣ ସକାଶେ, ବ୍ୟକ୍ତି ତାଙ୍କୁ ପଥପ୍ରଦର୍ଶକ ରୂପେ ମାନନ୍ତୁ, ଏ ସକାଶେ ନୁହେଁ । ଏପରି କ୍ଷୁଦ୍ର ଭାବ ଅହଂଭାବାପନ୍ନ ବ୍ୟକ୍ତିଙ୍କର । ମନୁଷ୍ୟ ମଧ୍ୟରେ ଅହଂ ଯେପର୍ଯ୍ୟନ୍ତ ଥାଏ, ସେ ଭଗବାନଙ୍କର ଯଥାର୍ଥ ଯନ୍ତ୍ର ହୋଇପାରେ ନାହିଁ । ଭଗବାନଙ୍କର ଯନ୍ତ୍ର ନ ହେଲେ ଭଗବତ୍ ଶକ୍ତି ତାହା ମଧ୍ୟରେ କାର୍ଯ୍ୟ କରେ ନାହିଁ । ଭଗବତ୍ ଶକ୍ତି ଛଡ଼ା ମନୁଷ୍ୟ ଯେଉଁ କାର୍ଯ୍ୟ କରେ ତାହା ହୁଏ ଆଂଶିକ ଏବଂ ଅପୂର୍ଣ୍ଣ । ଶ୍ରୀମାଶ୍ରୀଅରବିନ୍ଦ ସଂସାରରେ ଯେଉଁ ମହାନ୍ ଅତିମାନବ ଜାତି ସ୍ଥାପନ କରିବାକୁ ଆସିଛନ୍ତି, ଯେଉଁ ମହାନ୍ କାର୍ଯ୍ୟର କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ, ତାଙ୍କ ପାଖରେ ଅହଂର ସ୍ଥାନ କେଉଁଠି ? ଯଥାର୍ଥ ଅଧ୍ୟାତ୍ମ ସାଧନାରେ 'ଅହଂ' ଦୂର ହୁଏ । ଯେପର୍ଯ୍ୟନ୍ତ ଅହଂ ଥାଏ, ସେପର୍ଯ୍ୟନ୍ତ ସାଧକ ଭଗବାନଙ୍କ ସଙ୍ଗେ ଏକତ୍ୱ ଲାଭ କରିପାରେ ନାହିଁ ।

ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପଥ-ପ୍ରଦର୍ଶକ ରୂପେ ବ୍ୟକ୍ତି ଗ୍ରହଣ କରିବାରେ କୌଣସି ପ୍ରକାର ବିରୋଧ ନାହିଁ । କାରଣ ପୃଥିବୀରେ ପୂର୍ଣ୍ଣ ସୁଖମୟ ଜୀବନ ସ୍ଥାପନ କରିବା କାର୍ଯ୍ୟରେ ଯଦି କେହି ଅଂଶ ଗ୍ରହଣ କରେ ତେବେ ତାକୁ ସମସ୍ତ କର୍ମ ଏବଂ ନିଜେ ଯାହାକିଛି ସମସ୍ତକୁ, ନିଜ ଅନ୍ତରସ୍ଥ ଆତ୍ମା, ପରମାତ୍ମା, ଭଗବାନ୍ କିଂବା ଅତିମାନସ ଶକ୍ତି ନିକଟରେ ସମର୍ପଣ କରିବାକୁ ହେବ । ଏହି ସମସ୍ତ ତତ୍ତ୍ୱ ଅଭିନ୍ନ ଏକ । କର୍ମ ସମର୍ପଣ ଅଥବା ଭାଗବତ କର୍ମ ଛଡ଼ା ମନୁଷ୍ୟର ସ୍ୱଭାବର ରୂପାନ୍ତର ହେବ ନାହିଁ, ଜଗତରେ ସାମୂହିକଭାବେ ଶାନ୍ତିପୂର୍ଣ୍ଣ ଆନନ୍ଦମୟ ଜୀବନ ସ୍ଥାପିତ ହୋଇପାରିବ ନାହିଁ । ପୂର୍ବେ ସାମୂହିକରୂପେ ଜଗତରେ ଶାନ୍ତିପୂର୍ଣ୍ଣ ଆନନ୍ଦମୟ ଜୀବନ ସ୍ଥାପନ ସମ୍ଭବପର ନ ଥିଲା । ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀପୃଷ୍ଠରେ ଉତାରି ଆଣିବାରୁ ତାହା ସମ୍ଭବ ହୋଇଅଛି ।

*

ପ୍ରଶ୍ନ : ମାନବ-ସମାଜର ସେବା କରିବାରେ କ'ଣ ଭଗବତ୍ ସମର୍ପଣ ହୁଏ ନାହିଁ ?

ଉତ୍ତର : ସମାଜର ସେବା ଭାବରେ ଯେଉଁ କର୍ମ କରାଯାଏ, ତହିଁରେ ଭଗବତ୍ ସମର୍ପଣ ହୁଏ ନାହିଁ, ନିଷ୍କାମ କର୍ମ ମଧ୍ୟ ହୁଏ ନାହିଁ । କାରଣ 'କାର୍ଯ୍ୟ-ପ୍ରେରଣା' ଆସେ 'ଅହଂ'ଭାବରୁ । ଅହଂଭାବଯୁକ୍ତ କର୍ମ ଯେତେ ଭଲ ହେଉନା କାହିଁକି ତାହା ସାଧାରଣ ଏବଂ ସୁଖ-ଦୁଃଖଭୋଗ ବନ୍ଧନର କାରଣ । ଭଗବତ୍ ଉଦ୍ଦେଶ୍ୟରେ, ଭଗବତ୍ ନିମିତ୍ତ ସେହି କର୍ମ ହୁଏ ନିଷ୍କାମ । ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ କର୍ମ ହୁଏ ଭାଗବତ କର୍ମ । ଯେଉଁ ବ୍ୟକ୍ତି ଅତିମାନସ ଦ୍ୱାରା ପୂର୍ଣ୍ଣ ରୂପାନ୍ତରିତ ହୋଇ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାକୁ ଚାହାନ୍ତି, ଭାଗବତ ଯନ୍ତ୍ର ହୋଇ କର୍ମ କରିବାକୁ ଚାହାନ୍ତି, ସେମାନଙ୍କୁ ସମସ୍ତ କର୍ମ ଏବଂ ନିଜର ସମସ୍ତ କିଛି ଭଗବାନଙ୍କୁ ସମର୍ପଣ କରିବାକୁ ହେବ ।

ସମର୍ପଣ ଛଡ଼ା ସଂସାରରେ କୌଣସି ପ୍ରକାର ସୁଖଶାନ୍ତି ସ୍ଥାପିତ ହୋଇପାରିବ ନାହିଁ । ରାଜନୀତି ମାଧ୍ୟମରେ ଶାସନ-ବିଭାଗରେ କେତେ ପ୍ରକାର ପ୍ରଯତ୍ନ କରାହେଉଛି, ଜଣକ ପରେ ଜଣେ ଅଫିସର ଯାଞ୍ଚ କରିବାକୁ ନିଯୁକ୍ତ ହେଉଛନ୍ତି, ପୁଲିସ୍ ଓ ଗୁପ୍ତଚରଙ୍କ ସଂଖ୍ୟା ବଢୁଛି । ଏହିସବୁର ବୃଦ୍ଧି ସଙ୍ଗେ ସଙ୍ଗେ ଦୁର୍ନୀତି ମଧ୍ୟ ବଢୁଛି । ଏହିସବୁ ଦୁର୍ନୀତି ତେବେ ଦୂର ହେବ, ଯେବେ ମନୁଷ୍ୟ ଅଧ୍ୟାତ୍ମ ଶକ୍ତିର ଆଶ୍ରୟ ନେବ ।

*

ପ୍ରଶ୍ନ : ଅତିମାନସ ଶକ୍ତି ସଂସାରରେ କାର୍ଯ୍ୟ କରୁଛି, ତାହାରି ଦ୍ୱାରା ସଂସାରରେ ସୁଖମୟ ଜୀବନ ପ୍ରାପ୍ତ ହେବ, ଫେର୍ ପ୍ରତ୍ୟେକ ବ୍ୟକ୍ତି ସାଧନା କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଯେପର୍ଯ୍ୟନ୍ତ ଦିବ୍ୟ ମାନବଜାତି ସଂସାରରେ ସ୍ଥାପିତ ନ ହୋଇଛି ସେପର୍ଯ୍ୟନ୍ତ ମନୁଷ୍ୟକୁ ସାଧନା କରିବାକୁ ହେବ । ଅଧିକ ସଂଖ୍ୟାରେ ବ୍ୟକ୍ତି ସାଧନା ନ କଲେ ଅତିମାନସ ଶକ୍ତିର ରୂପାନ୍ତର କାର୍ଯ୍ୟ ବିଳମ୍ବ ହେବ ।

ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର-ସିଦ୍ଧିରେ ଆଧ୍ୟାତ୍ମିକତା ଏବଂ କର୍ମର ସମନ୍ୱୟ, ଜୀବନ ପୂର୍ଣ୍ଣ ଓ ସୁଖମୟ, ସମସ୍ତ ପୁରାତନ ଯୋଗ ଆଉ ଗାନ୍ଧିଜି ତଥା ବିନୋବାଜିଙ୍କ କର୍ମର ପୂର୍ଣ୍ଣତା ସାଧନ ହୁଏ ।

*

ପ୍ରଶ୍ନ : ସାଧକର ବାସନା-କାମନା, ବାଧାବିଘ୍ନ ଯୋଗୁଁ ଯଦି ସେ ସାଧନାରେ ଉନ୍ନତି କରି ନ ପାରେ ଏବଂ ବାଧାବିଘ୍ନ ଓ ଦୁଃଖକଷ୍ଟରୁ ତ୍ରାହି ପାଇବା ପାଇଁ ଯଦି ସେ ଏହି ଶରୀର ତ୍ୟାଗ କରି ମୃତ୍ୟୁ ପରେ ସାଧନାର ଉପଯୋଗୀ ଶରୀରରେ ଜନ୍ମ ନେବାକୁ ଦୃଢ଼ତା ସହିତ ଚାହେଁ ଅଥବା ଭଗବାନଙ୍କୁ ପ୍ରାର୍ଥନା କରେ, ତେବେ ସେ କ'ଣ ଅନ୍ୟ ଜନ୍ମରେ ସାଧନାର ଅନୁକୂଳ ଶରୀରରେ ଜନ୍ମ ହୋଇ ସାଧନାରେ ପ୍ରବୃତ୍ତ ହୋଇପାରେ ?

ଉତ୍ତର : କଦାପି ନୁହେଁ । ନିଜକୁ ବିରୋଧୀ ଶକ୍ତି ହାତରେ ଛାଡ଼ି ଦେବା, ସାଧନା ମାର୍ଗରୁ ପତନ ହେବା ସକାଶେ ଏହାଠାରୁ ଆଉ କିଛି ସହଜ ଉପାୟ ହୋଇପାରେ ନାହିଁ । ମୃତ୍ୟୁ ଆତ୍ମା ଦ୍ୱାରା ନିର୍ଦ୍ଧାରିତ ହୁଏ । ମନ, ପ୍ରାଣ ମୃତ୍ୟୁକୁ କେବେ ବି ଚାହାନ୍ତି ନାହିଁ । ମନ-ପ୍ରାଣ ଅଶୁଦ୍ଧ ଅବସ୍ଥାରେ ଆତ୍ମାର ନିର୍ଦ୍ଧାରଣକୁ ଜାଣି ପାରନ୍ତି ନାହିଁ । କିନ୍ତୁ ପ୍ରତିକୂଳ ଅବସ୍ଥାରେ ଭୟ କରି ଯଦି ମନ-ପ୍ରାଣ ମୃତ୍ୟୁକୁ ଚାହାନ୍ତି ତେବେ ମୃତ୍ୟୁ ପରେ ଏବଂ ଅନ୍ୟ ଜନ୍ମରେ ବହୁତ ଦୁଃଖ ଭୋଗନ୍ତି । ମୃତ୍ୟୁ ହେଉଛି ଚୂଡ଼ାନ୍ତ ବିରୋଧୀ ଶକ୍ତି, ଅଜ୍ଞାନ-ଅନ୍ଧକାରର କେନ୍ଦ୍ର । ମୃତ୍ୟୁ-ଇଚ୍ଛା କରିବାରେ, ମୃତ୍ୟୁବରଣ କରିବାରେ, ବ୍ୟକ୍ତିର ଆଧାରରେ ବିରୋଧୀ ଶକ୍ତି ପ୍ରବେଶ କରିବାର ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେମାନେ ସାଧକର ମନ-ପ୍ରାଣ-ଶରୀରରେ ପ୍ରବେଶ କରି ନିଜ ଅଜ୍ଞାନ-ଅନ୍ଧକାର ପ୍ରଭାବରେ ସେସବୁକୁ ଆବୃତ କରିଦିଅନ୍ତି । ବ୍ୟକ୍ତି ମୋହଗ୍ରସ୍ତ ହୁଏ; ତା'ର ବିବେକ ନଷ୍ଟ ହୋଇଯାଏ । ଭୁଲ୍-ଠିକ୍ ବୁଝିବା ବା ବିଚାର କରିବା ଶକ୍ତି ତା'ର ନଷ୍ଟ ହୁଏ । ଏହାରି ସଙ୍ଗେ ସଙ୍ଗେ ବିରୋଧୀ ଶକ୍ତି ଦ୍ୱାରା ପୂର୍ବ ବାସନା-କାମନା ବୃଦ୍ଧି ହୁଏ, ନୂତନ ବାସନା-କାମନା ଉତ୍ପନ୍ନ ହୁଏ । ସନ୍ଦେହ, ଅବିଶ୍ୱାସ, ହତୋତ୍ସାହ, ନିରାଶା, ହତାଶା, ବିମର୍ଷତା, ଉଦ୍‌ବେଗ, ଅସ୍ଥିରତା ଇତ୍ୟାଦି ଗତିବୃତ୍ତି ବୃଦ୍ଧି ହୋଇ ଜୀବନକୁ ଜର୍ଜରିତ କରିଦିଅନ୍ତି । ଏହି ଅବସ୍ଥାରେ ବ୍ୟକ୍ତି କାମନା-ବାସନା ପୂରା କରିବା ପାଇଁ ସ୍ୱାଭାବିକ ରୂପେ ପ୍ରବୃତ୍ତ ହୁଏ, ଫଳରେ ତା'ର ପତନ ହୁଏ ଏବଂ ନାନା ପ୍ରକାର ରୋଗ ପୀଡ଼ାରେ ବ୍ୟକ୍ତିର ମୃତ୍ୟୁ ହୋଇପାରେ ବା ସେ ଶାରୀରିକ ପୀଡ଼ା ଓ ମାନସିକ ବ୍ୟଥାକୁ ବରଦାସ୍ତ ନ କରିପାରି ଆତ୍ମହତ୍ୟା ବି କରିପାରେ । ସେତେବେଳେ ବିରୋଧୀ ଶକ୍ତି ଦ୍ୱାରା ଅଧିକୃତ ହୋଇଥିବାରୁ ତା'ର ବିବେକ, ବୁଦ୍ଧି ବହୁତ ପୂର୍ବରୁ ନଷ୍ଟ ହୋଇଯାଇଥାଏ । ଆତ୍ମହତ୍ୟା ମହାପାପ ବୋଲି ଜାଣି ସୁଦ୍ଧା ସେ ସେଥିରେ ପ୍ରବୃତ୍ତ ହୁଏ ।

ଶାସ୍ତ୍ରର ନିୟମାନୁସାରେ ମନୁଷ୍ୟ ଜୀବନର ଯେପରି ଅବସ୍ଥା ଥାଏ, ମୃତ୍ୟୁ ସମୟରେ ସେ ଯାହା ସ୍ମରଣ କରେ, ପରଜନ୍ମରେ ସେହିପରି ଅବସ୍ଥା ତଥା ସେହିପରି ଶରୀର ପାଏ । ବ୍ୟକ୍ତି ଏହିପରି ଦୁଃଖ-ଯନ୍ତ୍ରଣା ଯୋଗୁଁ ମୃତ୍ୟୁ ସ୍ୱୀକାର କରିଥିବାରୁ ମୃତ୍ୟୁ ସମୟରେ ସେ କେବଳ ଦୁଃଖଯନ୍ତ୍ରଣା ସ୍ମରଣ କରେ । ସେହି ଅନୁସାରେ ଅନ୍ୟ ଜନ୍ମରେ ଅନ୍ୟ ଶରୀରରେ ସେହି ପୂର୍ବଜନ୍ମର ଦୁଃଖ-ଯନ୍ତ୍ରଣା ସହିତ ଜନ୍ମ ହୁଏ । ତା'ର ପୂର୍ବଜନ୍ମରେ ବିରୋଧୀ ଶକ୍ତିଙ୍କ ଗତିବୃତ୍ତି ଓ କ୍ରିୟା ଦ୍ୱାରା ଆତ୍ମା ଆବୃତ ହୋଇ ସାରିଥାଏ; ଆତ୍ମାର ଜ୍ଞାନ, ଆତ୍ମାର ପ୍ରେରଣା, ମନ-ପ୍ରାଣର ମୋହ-ଅଜ୍ଞାନର ଆବରଣ ଭେଦ କରି ସେସବୁକୁ ସ୍ପର୍ଶ କରିପାରେ ନାହିଁ । ସେଥିପାଇଁ ସେସବୁ ନିଜ ଅଜ୍ଞାନତାବଶତଃ ନିଜ ନିଜ କାମନା-ବାସନାତୃପ୍ତି ମାର୍ଗରେ ଧାବିତ ହୁଅନ୍ତି ତଥା ଦୁଃଖକଷ୍ଟ ଭୋଗୁଥାଆନ୍ତି । ଭଗବତ୍ ମାର୍ଗରେ ଯିବାର ଅବକାଶ ମିଳେ ନାହିଁ ।

ମନୁଷ୍ୟ ଯଦି ଆତ୍ମହତ୍ୟା କରେ, ତେବେ ତା'ର ଶେଷ ପରମାୟୁ ପ୍ରେତଯୋନିରେ, ପ୍ରେତ ଶରୀରରେ ଭୋଗ କରିବାକୁ ପଡ଼େ । ତା'ର ସ୍ଥୂଳ ଶରୀର ନ ଥାଏ, କିନ୍ତୁ ସ୍ଥୂଳ ଶରୀରର ସମସ୍ତ ବାସନା, କାମନା, ମୋହ-ଅନୁରାଗ ବିଦ୍ୟମାନ ଥାଏ । ସ୍ଥୂଳ ଶରୀର ହେଉଛି ବ୍ୟକ୍ତିର ରକ୍ଷାକବଚ । ପ୍ରେତର ସ୍ଥୂଳ ଶରୀର ନ ଥିବାରୁ ବାସନା, କାମନା, କାମ ବା ମୋହ, ଆବେଗ ମୂର୍ତ୍ତିମାନ ହୋଇ ଦାରୁଣ ଅସହନୀୟ ଦୁଃଖକଷ୍ଟ ଦିଅନ୍ତି । ଏହି ସମୟ ମହାନ୍ ପୀଡ଼ାଦାୟକ । ଏହି ପ୍ରେତଯୋନିର ପୀଡ଼ା, ଦୁଃଖ, କଷ୍ଟକୁ 'ନରକ-ଭୋଗ' କୁହାଯାଇପାରେ । ଏହି ଦୁଃଖ-କଷ୍ଟଭୋଗ ପରେ ଅନ୍ୟାନ୍ୟ

ସ୍ତର ପାର ହୋଇ ଆତ୍ମା-ରାଜ୍ୟରେ ଆତ୍ମା ବିଶ୍ରାମ କରେ । ପୁନଶ୍ଚ ଜନ୍ମ ନେବା ସମୟରେ ପୂର୍ବ ବାସନା-କାମନା ସହ ଜନ୍ମ ନିଏ ଅଥଚ ପୂର୍ବଠାରୁ ଅଧିକ ଖରାପ ଅବସ୍ଥା ପ୍ରାପ୍ତ ହୁଏ । ଏହା ଛଡ଼ା ପିତାମାତା କୁସଂସ୍କାରୀ, ବାତାବରଣ ଦୂଷିତ ଥିଲେ ବ୍ୟକ୍ତିର ପ୍ରତିକୂଳ ଅବସ୍ଥା ବୃଦ୍ଧି ହୁଏ । ଏହିପରି ଜନ୍ମ ପରେ ଜନ୍ମ ବହୁତ ଜନ୍ମ ନେବାକୁ ହୁଏ । ଏହି ଜନ୍ମ-ମରଣ, ଦୁଃଖ-କଷ୍ଟ ମଧ୍ୟରେ ଦୁଃଖ-ଜଞ୍ଜାଳରେ ଜର୍ଜରିତ ହୋଇ ବ୍ୟକ୍ତି କେବେ କେବେ ଭଗବାନଙ୍କୁ ସ୍ମରଣ କରେ । ଏହି ଯେଉଁ ଭଗବାନଙ୍କ ସ୍ମରଣ ତାହା ଜନ୍ମଜନ୍ମାନ୍ତରରେ ଏକତ୍ରିତ ହୋଇ କେବେ ଏହାରି ପ୍ରଭାବରେ ଆତ୍ମା ଜାଗ୍ରତ ହୁଏ ଏବଂ ଭଗବତ୍ ମାର୍ଗରେ ଅଗ୍ରସର ହୁଏ । କିନ୍ତୁ ସେତେବେଳେ ମଧ୍ୟ ବାସନା-କାମନାକୁ ଜୟ କରିବାକୁ ହୁଏ । ଏହା ବି ଭଗବାନଙ୍କ କୃପା । ଭଗବାନଙ୍କ କୃପା ବ୍ୟତୀତ ଆତ୍ମା ଜାଗ୍ରତ ହୁଏ ନାହିଁ କିଂବା ଭଗବଦଭିମୁଖୀ ହୁଏ ନାହିଁ । ଏହା ଛଡ଼ା ଭଗବାନ୍ ଯେତେବେଳେ ଅବତାର ନେଇ ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟ ଉପରେ ତାଙ୍କର ଅହେତୁକ ଦୟା ଥାଏ । ତାଙ୍କରି ଦୟା ପ୍ରଭାବରୁ ବହୁତ ଆତ୍ମା ଜାଗ୍ରତ ହୁଅନ୍ତି । ଆତ୍ମା ଜାଗ୍ରତ ହୋଇ ଭଗବତ୍ ମାର୍ଗ ଗ୍ରହଣ କରିବା ପରେ ବ୍ୟକ୍ତି ଯଦି ପ୍ରମାଦବଶତଃ ମାର୍ଗଚ୍ୟୁତ ହୁଏ, ତେବେ ତାକୁ ପୂର୍ବ ଅବସ୍ଥାକୁ ଆସିବାକୁ ମହାନ୍ ପ୍ରୟାସ କରିବାକୁ ପଡ଼େ । କିନ୍ତୁ ମୃତ୍ୟୁବରଣ କରିବା ବ୍ୟକ୍ତି କିଂବା ଆତ୍ମହତ୍ୟା କରିବା ବ୍ୟକ୍ତିକୁ ଭଗବତ୍ ମାର୍ଗରେ ଆସିବାକୁ କୋଟି କୋଟି ଜନ୍ମ ଲାଗିପାରେ ।

ଦୁଃଖକଷ୍ଟ ଓ ବାସନା କାମନାକୁ ଭୟ କରି ମୃତ୍ୟୁର ଆଶ୍ରୟ ନେବାରେ ତାହା ଦୂର ନ ହୋଇ ମନୁଷ୍ୟକୁ ନରକବାସୀ କରାଏ । ବାସନା-କାମନା ଜୟ କରିବାକୁ ହେବ ଏହି ଶରୀରରେ ।

## କାମନା-ବାସନାକୁ ଜୟ କରିବାର ଉପାୟ

କାମନା-ବାସନା ଜୟ କରିବାର ଏକମାତ୍ର ଉପାୟ ହେଲା – ମା'ଙ୍କ ଉପରେ ନିର୍ଭର କରିବା । ଏହା ସଙ୍ଗେ ସଙ୍ଗେ ବ୍ୟକ୍ତିର ପ୍ରଯତ୍ନ ଅପରିହାର୍ଯ୍ୟ । ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିବାକୁ ବ୍ୟକ୍ତିକୁ ଦୃଢ଼ ସଂକଳ୍ପ କରିବାକୁ ହେବ ଏବଂ ସେହି ଦୃଢ଼ସଂକଳ୍ପ ମା'ଙ୍କ ଚରଣରେ ଅର୍ପଣ କରିବାକୁ ହେବ । କହିବ, ''ମା', ମୁଁ ଏହି ସଂକଳ୍ପ କରି ତୋ ଚରଣରେ ସମର୍ପଣ କରୁଛି । ଏହି ସଂକଳ୍ପ ପୂରା କରିବାକୁ ମୋର ଶକ୍ତି ନାହିଁ, ତୁ ଶକ୍ତି ଦେ, ସାହାଯ୍ୟ କର, ଏହି ଅବସ୍ଥାରୁ ମୋତେ ଉଦ୍ଧାର କରି ଦେ ।''

ବ୍ୟକ୍ତିକୁ ନିରନ୍ତର ମା'ଙ୍କୁ ସ୍ମରଣ କରିବାକୁ ହେବ ଏବଂ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବା ପାଇଁ ଚେଷ୍ଟା କରିବ ଏବଂ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରି କରିବ । ନିଜ ପ୍ରଯତ୍ନ କେବେ ବି ଶିଥିଳ କରିବା ଉଚିତ ନୁହେଁ । ନିଜ ପ୍ରଯତ୍ନରେ ବାରଂବାର ଅକୃତକାର୍ଯ୍ୟ ହେବା ସତ୍ତ୍ୱେ ବି ପ୍ରଯତ୍ନ କରି ଚାଲିବାକୁ ହେବ । ଦୃଢ଼ ପ୍ରତିଜ୍ଞା କରିବାକୁ ହେବ । ବ୍ୟକ୍ତି ଯଦି ମା'ଙ୍କ ପ୍ରତି ନିଷ୍କପଟ ହୋଇପାରେ, ମା' ତାକୁ ଶକ୍ତି, ଜ୍ଞାନ ପ୍ରଦାନ କରନ୍ତି ଓ ପ୍ରତିପଦରେ ସାହାଯ୍ୟ କରନ୍ତି, ତା'ର ଅପୂର୍ଣ୍ଣତାକୁ ପୂର୍ଣ୍ଣ କରନ୍ତି, ଦୁର୍ବଳକୁ ସବଳରେ ପରିଣତ କରନ୍ତି; ସମସ୍ତ ଦୁଃଖ-କଷ୍ଟ, ବିପଦ-ଆପଦରୁ ଉଦ୍ଧାର କରି ପରମ ଶାନ୍ତି, ପରମ ସୁଖ, ପରମ ଜ୍ଞାନ, ପରମାନନ୍ଦ, ପରମ ବ୍ରହ୍ମକୁ ପ୍ରାପ୍ତ କରାଇ ଦିଅନ୍ତି । ସାଧନାର ରହସ୍ୟ ହେଲା, ମା'ଙ୍କ ଉପରେ ପୂର୍ଣ୍ଣ ନିର୍ଭର କରିବା । ପ୍ରତିକୂଳ ଅବସ୍ଥାରୁ ମୁକ୍ତ ହେବା ସକାଶେ ବ୍ୟାକୁଳ ହୋଇ କ୍ରନ୍ଦନ କରି ପ୍ରାର୍ଥନା କରିବା । ଏହାର ସହାୟକ ହେଉଛି କର୍ମ । ସମସ୍ତ ଦିନର କାର୍ଯ୍ୟକ୍ରମ ଯଥା :– ସ୍ୱାଧ୍ୟାୟ, ପ୍ରାର୍ଥନା ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ବ୍ୟାୟାମର ନିର୍ଦ୍ଦିଷ୍ଟ ନିୟମ ଏପରି ଭାବେ ନିର୍ଦ୍ଧାରିତ କରିବା ଉଚିତ ଯେଉଁଥିରେ ନିଜକୁ ନିଷ୍କ୍ରିୟ ହୋଇ ବସିବା ପାଇଁ ସମୟ ନ ମିଳେ । ସାଧନାର ଚାବି ହେଲା ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ, ନିର୍ଭରତା ଏବଂ ତାଙ୍କରି ସ୍ମରଣ ।

*

ପ୍ରଶ୍ନ : ନିରାକାର ବ୍ରହ୍ମଙ୍କର ସୃଷ୍ଟି କରିବାକୁ ଇଚ୍ଛା ହେଲେ ସେ ସଂକଳ୍ପ କରନ୍ତି, ସୃଷ୍ଟି ହୁଏ । ସେ କ'ଣ କାମନାର ଅଧୀନ ? ଯଦି ନୁହନ୍ତି ତେବେ ତାଙ୍କର ସୃଷ୍ଟି କରିବାର କାମନା ହୁଏ କାହିଁକି ?

ଉତ୍ତର : ଭଗବାନ୍ ଯେତେବେଳେ ସୃଷ୍ଟି କରିବାର କାମନା କରିଥିଲେ ସେତେବେଳେ ସେ ଥିଲେ ଏକା । କାହିଁକି ସଂକଳ୍ପ କଲେ କାହାଠାରୁ ପରାମର୍ଶ ନେଇ ନ ଥିଲେ । ସେଥିନେଇ ସୃଷ୍ଟି କରିବାର ଉଦ୍ଦେଶ୍ୟ ଗୁପ୍ତ ରହିଗଲା । ଏହାର ଯଥାର୍ଥ ଉତ୍ତର ତାଙ୍କ ଛଡ଼ା ଅନ୍ୟ କେହି ଦେଇପାରିବେ ନାହିଁ ।

ତୁମେ କହୁଛ ''ନିରାକାରଙ୍କର ସଂକଳ୍ପ ହେଲା । ଯାହାର ଆକାର ନାହିଁ, ରୂପରେଖ ନାହିଁ, ତା'ର ସଂକଳ୍ପ ହେବ କିପରି ?'' ସେ ନିରାକାର, ତାଙ୍କ ଛଡ଼ା କିଛି ନ ଥିଲା, ଫେର୍ ସଂକଳ୍ପ ଆସିଲା କେଉଁଠୁ ? ଆମ୍ଭମାନଙ୍କର ସଂକଳ୍ପ ବିକଳ୍ପ ହୁଏ ମନରେ । ମନ ଶରୀରର ଆଶ୍ରିତ ଥାଏ ବୋଲି ସେ ସଂକଳ୍ପ କରିପାରେ, ବ୍ରହ୍ମର ଶରୀର ନ ଥିଲା, ମନ ନ ଥିଲା, ସେ ସଂକଳ୍ପ କଲେ କିପରି ? ସୃଷ୍ଟି ହୋଇଛି, ଏହା ପ୍ରତ୍ୟକ୍ଷ । ଏଥିରୁ ସ୍ପଷ୍ଟ ହେଉଛି ସେ ଅବଶ୍ୟ ସୃଷ୍ଟି କରିଛନ୍ତି । କରିବା ପୂର୍ବରୁ ସଂକଳ୍ପ ଅବଶ୍ୟ କରିଥିବେ ।

ଯେଉଁ ବ୍ରହ୍ମ ନିରାକାର ରହି ସଂକଳ୍ପ କରିପାରନ୍ତି, ସୃଷ୍ଟି କରିପାରନ୍ତି, ସେ ବ୍ରହ୍ମଙ୍କୁ ଆମ୍ଭ ସୀମିତ ମନ ବୁଝିପାରେ ନାହିଁ, କିଂବା ତାଙ୍କ କାର୍ଯ୍ୟକୁ ଆମ୍ଭମାନଙ୍କ ଅଜ୍ଞାନ ମନ କଳ୍ପନା କରିପାରେ ନାହିଁ ।

ଭଗବାନ୍ ଆମ୍ଭ ପରି ଅଜ୍ଞାନ ନୁହନ୍ତି, ଆମ୍ଭ ପରି ସେ ଶରୀରର ସୀମାରେ ଆବଦ୍ଧ ନୁହନ୍ତି । ସେ ସର୍ବଥା ଅବାଙ୍‌ମାନସଗୋଚର । ବେଦ ତାଙ୍କ ସ୍ୱରୂପକୁ ବର୍ଣ୍ଣନା କରି ନ ପାରି 'ନେତି' 'ନେତି' କହି ଛାଡ଼ି ଦେଇଛି, ଅଧ୍ୟାତ୍ମ-ସାଧନ ଦ୍ୱାରା ବ୍ୟକ୍ତି ମନକୁ ଅତିକ୍ରମ କରି ତାଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ ତାଙ୍କୁ ବୁଝିପାରେ ।

ବ୍ରହ୍ମ ଏକହି ସଙ୍ଗେ ନିରାକାର ଓ ସାକାର, ସେ ନିରାକାର-ସାକାର ପରେ ପୁରୁଷୋତ୍ତମ ତତ୍ତ୍ୱ । ସେ ଜ୍ଞାନ, ଆନନ୍ଦ, ଶକ୍ତିର ସ୍ୱରୂପ । ସେ ନିରାକାର ରହି ସମସ୍ତ କର୍ମ କରନ୍ତି, ସମସ୍ତ କର୍ମ କରିବା ସତ୍ତ୍ୱେ ନିଷ୍କ୍ରିୟ ରହିପାରନ୍ତି । ସେ ନିଜକୁ ବହୁ ରୂପେ ପ୍ରକଟ କରିବା ସକାଶେ ସୃଷ୍ଟି କରିଛନ୍ତି ।

*

ପ୍ରଶ୍ନ : ସନ୍ନ୍ୟାସୀମାନେ କଠୋର ତପସ୍ୟା କରି ଭଗବାନଙ୍କୁ ଜାଣିବା ପୂର୍ବରୁ ଖୋଜନ୍ତି, ଅନ୍ୟ ବ୍ୟକ୍ତି ସତ୍ୟ ମାର୍ଗରେ ସତ୍ କର୍ମ କରନ୍ତି । ଯେଉଁମାନେ ସତ୍ କର୍ମ କରନ୍ତି ସେମାନେ କ'ଣ ଭଗବାନଙ୍କୁ ପାଆନ୍ତି ନାହିଁ ? ଯଦି ପାଆନ୍ତି ତେବେ ସନ୍ନ୍ୟାସୀମାନେ କଠୋର ତପସ୍ୟା ନ କରି ସତ୍‌କର୍ମ ଦ୍ୱାରା ଭଗବାନଙ୍କୁ ପାଇପାରନ୍ତେ, ସେମାନେ ଏପରି କରନ୍ତି ନାହିଁ କାହିଁକି ?

ଉତ୍ତର : ସନ୍ତାନ ମୁଖ ଦେଖିବା ସକାଶେ ମା'ମାନେ ପ୍ରସବ-ବେଦନାକୁ ବେଦନା ବୋଲି ମନେ କରନ୍ତି ନାହିଁ । ସେମାନଙ୍କ ସକାଶେ ପ୍ରସବ ଆନନ୍ଦର ବିଷୟ । କିନ୍ତୁ ପୁରୁଷମାନଙ୍କ ଦୃଷ୍ଟିରେ ଏହା ଅସହନୀୟ ଦାରୁଣ ବେଦନା । ସେହିପରି ସନ୍ନ୍ୟାସୀଙ୍କର ଯେଉଁ କଠିନ ତପସ୍ୟା କହୁଛ ପ୍ରକୃତରେ ସେମାନଙ୍କ ପକ୍ଷେ ତାହା କଠୋର ତପସ୍ୟା ନୁହେଁ । ଏହାର ପ୍ରମାଣ ସ୍ୱରୂପ ସେମାନଙ୍କୁ ଯଦି ତପସ୍ୟାରୁ ବିରତ କରି, ତୁମେ ଯାହାକୁ ସଂସାରର ସତ୍ କର୍ମ କହୁଛ, ସେହି କର୍ମରେ ନିଯୁକ୍ତ କରିଦିଅ, ମାଛକୁ ଜଳରୁ ବାହାର କରି ସୁନ୍ଦର ଘରେ କୋମଳ ଶଯ୍ୟାରେ ରଖିଲେ ଯେପରି ସେମାନଙ୍କୁ ଅପ୍ରିୟ ଲାଗେ ଏବଂ ଶେଷରେ ଶରୀରତ୍ୟାଗ ହୁଏ ସେହିପରି ସେମାନଙ୍କୁ ସଂସାରର ସତ୍‌କର୍ମ ଅପ୍ରିୟ ଲାଗିବ ଏବଂ ଜୀବନତ୍ୟାଗ କରିବା ସଦୃଶ ଦୁଃଖ ହେବ । ସେମାନଙ୍କ ଭିତରେ ଭଗବାନଙ୍କୁ ପାଇବାର ଯେଉଁ ତୀବ୍ରତା ଥାଏ ସେହି ମାର୍ଗରେ ସଫଳତାର ଯେଉଁ ବିଜୟ ଆନନ୍ଦ ପ୍ରାପ୍ତ ହେଉଥାଏ ସେହି ଆନନ୍ଦ ଯୋଗୁଁ କଠିନ ତପସ୍ୟା ସେମାନଙ୍କୁ ସୁଖମୟ ପ୍ରତୀତ ହୁଏ । ସେମାନଙ୍କ ଭିତରେ ଭଗବତ୍ ପ୍ରାପ୍ତିର ଏପରି ତୀବ୍ରତା ଥାଏ ଯେ ସେମାନେ ସଂସାର କର୍ମରେ କାଳ ବିଳମ୍ବ କରିବାର ଧୈର୍ଯ୍ୟ ନ ଥାଏ । ଏଠାରେ ଯଥାର୍ଥ ସନ୍ନ୍ୟାସୀ, ଯଥାର୍ଥ ସତ୍ କର୍ମୀ ବ୍ୟକ୍ତିର କଥା କୁହାହୋଇଛି ।

ଭଗବାନଙ୍କ ସୃଷ୍ଟି ବିଚିତ୍ର । ଭଗବାନଙ୍କୁ ପ୍ରାପ୍ତ ହେବାର ବହୁତ ମାର୍ଗ । ବ୍ୟକ୍ତି ନିଜ ନିଜ ସ୍ୱଭାବ ଅନୁସାରେ ଭଗବତ୍ ପ୍ରାପ୍ତିର ମାର୍ଗ ଅନୁସରଣ କରୁଛନ୍ତି । ମନୁଷ୍ୟର ସ୍ୱଭାବ ଯଦି ଭିନ୍ନ ଭିନ୍ନ ନ ହୋଇ ଥାଆନ୍ତା ଭଗବାନ୍ ବହୁ ମାର୍ଗର ମଧ୍ୟ ବ୍ୟବସ୍ଥା କରି ନ ଥା'ନ୍ତେ । ସମସ୍ତ ମନୁଷ୍ୟ ମଧ୍ୟରେ ମେସିନ୍‌ର କଳକବ୍‌ଜା ଖଞ୍ଜିଲା ପରି ସମାନ ରୂପେ ମାପଯୋଖ କରି ଗୋଟିଏ ପ୍ରକାର ସ୍ୱଭାବ କରିଥା'ନ୍ତେ, ମେସିନ୍ ଚଳାଇଲା ପରି ମନୁଷ୍ୟକୁ ଚଳାନ୍ତେ ।

*

ପ୍ରଶ୍ନ : ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ସ୍ୱଧର୍ମରେ ଥାଇ ବରଂ ମୃତ୍ୟୁ ବରଣ କରିବା ଶ୍ରେୟସ୍କର, କିନ୍ତୁ ପରଧର୍ମ ଆଚରଣ କଲେ ତାହା ଅତି ଭୟଙ୍କର ହୁଏ । ସେଥିପାଇଁ ସ୍ୱଧର୍ମ ଆଚରଣ ଛଡ଼ା କେବେ ବି ପରଧର୍ମ ଗ୍ରହଣ କରିବା ଉଚିତ ନୁହେଁ । ଏହାର ଅର୍ଥ କ'ଣ ?

ଉତ୍ତର : ଗୀତାକୁ ଅର୍ଥ କରିବା ଲୋକମାନଙ୍କ ମଧ୍ୟରେ କେବଳ ଶ୍ରୀଅରବିନ୍ଦଙ୍କୁ ଛାଡ଼ି ଦେଲେ ସମସ୍ତେ ଭିନ୍ନ ଭିନ୍ନ ରୂପେ ବର୍ଣ୍ଣଧର୍ମ, ନୈତିକ ଧର୍ମ, କର୍ମତ୍ୟାଗ ସନ୍ନ୍ୟାସ, ସାମାଜିକ ଧର୍ମକୁ ସ୍ୱଧର୍ମ ମାନି ଅଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ସ୍ୱଧର୍ମର ଯଥାର୍ଥ ଯୁକ୍ତିଯୁକ୍ତ ଅର୍ଥ ହେଉଛି, ଆତ୍ମାର ଧର୍ମ । ପର୍ଶୁରାମ ଓ ଦ୍ରୋଣାଚାର୍ଯ୍ୟ ବ୍ରାହ୍ମଣ ଥିଲେ, ତାଙ୍କ ତଥାକଥିତ ସ୍ୱଧର୍ମ ତପାଦି ଛାଡ଼ି ସେମାନେ ଆଚରଣ କରିଥିଲେ କ୍ଷତ୍ରିୟ ଧର୍ମ । ବୁଦ୍ଧଦେବ ରାଜପୁତ୍ର ହୋଇ ରାଜବୈଭବ, ନିଜର ଯୁବତୀ ସ୍ତ୍ରୀ ଓ ଶିଶୁପୁତ୍ରକୁ ତ୍ୟାଗ କରିଥିଲେ; ଚୈତନ୍ୟ ମହାପ୍ରଭୁ ବୃଦ୍ଧା ମାତାଙ୍କୁ ତ୍ୟାଗ କଲେ, ଶଙ୍କରାଚାର୍ଯ୍ୟ, ତୁଳସୀ ଦାସ ଆଦି ବହୁ ମହାତ୍ମା ସାମାଜିକ, ନୈତିକ ଧର୍ମ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ଯଦି ବର୍ଣ୍ଣଧର୍ମ, ବଂଶ ପରମ୍ପରାଗତ ଧର୍ମ, ନୈତିକ ଧର୍ମ ଇତ୍ୟାଦି ସ୍ୱଧର୍ମ ହୁଅନ୍ତା ତେବେ ଏମାନେ ସମସ୍ତେ ପତିତ ହୋଇଥା'ନ୍ତେ,– ଧର୍ମାଚାର୍ଯ୍ୟ ହୋଇପାରି ନ ଥା'ନ୍ତେ କି ଆଜି ତାଙ୍କ ଆଚରିତ ଧର୍ମୋପଦେଶକୁ ଲୋକେ ଗ୍ରହଣ କରି ନ ଥା'ନ୍ତେ । ଯଥାର୍ଥରେ ସ୍ୱଧର୍ମର ଅର୍ଥ ଆତ୍ମାର ଧର୍ମ । ଆତ୍ମା ତା'ର ବିକାଶ ସକାଶେ ଯେଉଁ ବିହିତ ଧର୍ମ ଆଚରଣ କରେ ତାହାହିଁ ଅଭ୍ରାନ୍ତଭାବେ ସ୍ୱଧର୍ମ ।

*

ପ୍ରଶ୍ନ : ଯେବେ ''ଆତ୍ମାର ଧର୍ମ'' ହେଲା ସ୍ୱଧର୍ମ, ତେବେ ତାହା ଆମ୍ଭେ ଜାଣିବା କିପରି ?

ଉତ୍ତର : ଏହା ଠିକ୍ ଠିକ୍ ଜଣାଯାଏ ଯେତେବେଳେ ଆତ୍ମା ଜାଗ୍ରତ ହୁଏ, ମନ-ପ୍ରାଣ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରି ସେମାନଙ୍କୁ ଶାସନ କରେ । ସେତେବେଳେ ଆତ୍ମାର ଉଦ୍ଦେଶ୍ୟ ମନ-ପ୍ରାଣ ଦ୍ୱାରା ବିକୃତ ହୁଏ ନାହିଁ ।

*

ପ୍ରଶ୍ନ : ଏହା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଯେଉଁମାନେ ଆତ୍ମା ଦ୍ୱାରା ପରିଚାଳିତ ହେଉ ନାହାନ୍ତି, ମନ-ପ୍ରାଣ ଦ୍ୱାରା ପରିଚାଳିତ ହେଉଛନ୍ତି ସେମାନଙ୍କର ସ୍ୱଧର୍ମ କ'ଣ ? ସେମାନେ ଜାଣିବେ କିପରି ?

ଉତ୍ତର : ସ୍ୱତଃସ୍ଫୂର୍ତ୍ତଭାବେ ଯେଉଁ କାର୍ଯ୍ୟରେ ମନୁଷ୍ୟ ପ୍ରବୃତ୍ତ ହୁଏ ସେହିହିଁ ତା'ର ସ୍ୱଧର୍ମ ।

*

ପ୍ରଶ୍ନ : ଯଦି ଏହା ହୁଏ ତେବେ ଯେଉଁମାନେ ରାଜନୀତିରେ ଯୋଗ ଦେଇ ନେତା ହୋଇଛନ୍ତି, ଯେଉଁମାନେ ବାଣିଜ୍ୟ-ବ୍ୟବସାୟ ଇତ୍ୟାଦି କରୁଅଛନ୍ତି ସେମାନଙ୍କୁ ଏହି ଦ୍ୱନ୍ଦ୍ୱଯୁକ୍ତ ସ୍ୱଧର୍ମରେ ତ ସୁଖଶାନ୍ତି ମିଳେ ନାହିଁ । ଯଦି ଏହି ଜୀବନରେ ସୁଖଶାନ୍ତି ନ ମିଳେ ତେବେ ଜୀବନ ପରେ ସୁଖଶାନ୍ତି ମିଳିବାର ଆଶା କରାଯିବ କିପରି ? ରାଜନୀତିରେ କାର୍ଯ୍ୟ କଲେ ନିଜ ପଦମର୍ଯ୍ୟାଦା, ଅଧିକାର ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ଛଳ, ପ୍ରପଞ୍ଚ, ଦୁର୍ନୀତିର ଆଶ୍ରୟ ନେବାକୁ ହୁଏ । ଏପରି ଆଚରଣ ଦ୍ୱାରା ମନ ବ୍ୟସ୍ତ ଆଉ ଅସ୍ଥିର ହେବା ସ୍ୱାଭାବିକ । ଏହା ସଙ୍ଗରେ ସ୍ୱାର୍ଥ, ଅହଂକାର ରହି ପ୍ରେରଣା ଦିଏ । ସ୍ୱାର୍ଥସିଦ୍ଧିରେ ଅହଂ ବୃଦ୍ଧି ହୁଏ । ଅହଂ ଏବଂ ସ୍ୱାର୍ଥ ସବୁ ପ୍ରକାରର ଅନର୍ଥର କାରଣ । ଏଥିରୁ ଉତ୍ପନ୍ନ ହୁଏ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ । ସ୍ୱାର୍ଥର ଅସିଦ୍ଧିରେ ଆସେ ନିରାଶା, ବିଷାଦ, ହତୋତ୍ସାହ । ସ୍ୱାର୍ଥର ସିଦ୍ଧି ଆଉ ଅସିଦ୍ଧି ଏହି ଉଭୟ ପ୍ରକାରେ ମନୁଷ୍ୟ ଅଶାନ୍ତ ଓ ଅସୁଖୀ ରହେ । ଏହି ପ୍ରକାର ସ୍ୱଧର୍ମ ଆଚରଣ କରିବାରେ ଲାଭ କ'ଣ ? ଏପରି ଧର୍ମକୁ ତ୍ୟାଗ କରି ତପସ୍ୟା କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ରାଜନୀତି ଏବଂ ବ୍ୟବସାୟ ଇତ୍ୟାଦି କର୍ମ ସ୍ୱରୂପରେ ଦୂଷିତ ନୁହେଁ; ବ୍ୟକ୍ତି ଏହାର ଦୁରୁପଯୋଗ କରେ । ସେହି ସକାଶେ ଦୁଃଖଦ୍ୱନ୍ଦ୍ୱ ଭୋଗେ । ତପସ୍ୟାରେ ମଧ୍ୟ ମନୁଷ୍ୟ ଅସୁଖୀ ହୋଇପାରେ ଯଦି ତାହାର ଦୁରୁପଯୋଗ କରେ; ଆଉ ରାଜନୀତି, ବ୍ୟାପାର କରି ମଧ୍ୟ ମନୁଷ୍ୟ ପରମ ସୁଖ, ପରମାନନ୍ଦ ପ୍ରାପ୍ତ କରିପାରେ ଯଦି ତାହା ଭଗବାନଙ୍କ

ସେବା ଭାବରେ କରେ । ସୁଖଦୁଃଖ ପ୍ରାପ୍ତ କରିବା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ତାହାର ଭାବ ଉପରେ । ତପସ୍ୟା କରି ଯଦି ନିଜର ସ୍ୱାର୍ଥ ସକାଶେ ଅନ୍ୟର ଅନିଷ୍ଟ କରାଯାଏ, ମାରଣ, ମୋହନ, ବଶୀକରଣ ଇତ୍ୟାଦି ପ୍ରୟୋଗ କରାଯାଏ, ତେବେ ସେହି ତପସ୍ୟା ଅସୁଖର କାରଣ ହୋଇ ଘୋର କର୍ମରେ ପରିଣତ ହୁଏ । ଯେପରି ରାବଣ, ହିରଣ୍ୟକଶିପୁ ପ୍ରଭୃତି ଅସୁରମାନଙ୍କ ତପସ୍ୟା ।

ପ୍ରଥମ କଥା ହେଲା ସଂସାର ଅନ୍ୟ କାହାରି ନୁହେଁ, କେବଳ ଈଶ୍ୱରଙ୍କର । ତାଙ୍କରି ସମସ୍ତ ସୃଷ୍ଟି । ସୃଷ୍ଟି ପରିଚାଳନା କରିବାକୁ ଯାଇ ସେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ନିଜ ସ୍ୱଭାବାନୁସାରେ କର୍ମ ନିର୍ଦ୍ଧାରିତ କରିଅଛନ୍ତି । ବଳାତ୍ ସେ ଯଦି ନିଜ ସ୍ୱାଭାବିକ କର୍ମକୁ ପରିତ୍ୟାଗ କରି ଅନ୍ୟ କର୍ମ ଆଚରଣ କରେ ତେବେ ତାହାର ସେହି କର୍ମ ଅନୁକୂଳ ହୁଏ ନାହିଁ । ସେହି କାର୍ଯ୍ୟରେ ସେ ସଫଳତା ବି ପ୍ରାପ୍ତ କରିପାରେ ନାହିଁ । ସେହି ସକାଶେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ କହିଥିଲେ, ''ଅର୍ଜୁନ, ତୁ ଯଦି ଯୁଦ୍ଧ ଛାଡ଼ି ସନ୍ନ୍ୟାସ ନେଉ ତଥାପି ତୋର ସ୍ୱଭାବ ବଳାତ୍ ଯୁଦ୍ଧରେ ପ୍ରବେଶ କରାଇବ ।'' ସେହି କାରଣରୁ 'ପର ଧର୍ମ ଭୟାବହଃ' କୁହାହୋଇଅଛି । ସ୍ୱଧର୍ମ ତ୍ୟାଗ କଲେ ଅନ୍ୟ ଧର୍ମରେ ସଫଳତା ମିଳେ ନାହିଁ, ତାହା ଭଗବାନଙ୍କ ବିଧାନର ମଧ୍ୟ ବିରୋଧ ହୁଏ । ଭଗବାନ୍ ତାକୁ ଗୋଟିଏ କାର୍ଯ୍ୟ ଦେଇଅଛନ୍ତି ତା'ର ସ୍ୱଭାବ ଅନୁସାରେ, ସ୍ୱଭାବ ବିରୋଧ ଆଚରଣ କର୍ମରେ ତାକୁ ସ୍ୱଭାବ ସଙ୍ଗରେ ବରାବର ଯୁଦ୍ଧ କରିବାକୁ ପଡ଼େ, ଆଉ ସଫଳତା ମିଳେ ନାହିଁ । ପୁରାତନ ସମସ୍ତ ଯୋଗର କର୍ମତ୍ୟାଗ ଭଗବାନଙ୍କ ସୃଷ୍ଟି-ବିଧାନର ଅନୁକୂଳ ନ ଥିଲା, ତଥାପି ସେତେବେଳେ କର୍ମ ଓ ଆଧ୍ୟାତ୍ମିକତାର ସାମଞ୍ଜସ୍ୟର ସମୟ ଆସି ନ ଥିଲା । ସେହି ସକାଶେ ସେମାନେ କର୍ମକୁ ତ୍ୟାଗ କଲେ । ବର୍ତ୍ତମାନ ତାହାର ସମୟ ଆସିଅଛି । କାରଣ ଅତିମାନସ ଶକ୍ତି ଏହି ପୃଥିବୀରେ ବିଦ୍ୟମାନ । ଅତିମାନସ ସମ୍ବନ୍ଧରେ ପୃଥକ୍ ଲେଖା ଅଛି, ସେହି ସକାଶେ ଏଠାରେ ସେ ବିଷୟରେ ଆଲୋଚନା କରାହେବ ନାହିଁ ।

*

ପ୍ରଶ୍ନ : ଯଦି ପ୍ରତ୍ୟେକ ବ୍ୟକ୍ତିର ତା'ର ସ୍ୱଭାବ ଅନୁସାରେ କର୍ମ ନିର୍ଦ୍ଧାରିତ ହୋଇଥାଏ, ତେବେ ସେହି କର୍ମ କରି ମନୁଷ୍ୟ ସୁଖୀ ହୁଏ ନାହିଁ କାହିଁକି ?

ଉତ୍ତର : ଭଗବାନଙ୍କ କାର୍ଯ୍ୟକୁ ସେ ନିଜର ମାନି ନିଏ, ଭଗବାନଙ୍କୁ ଏକେବାରେ ଭୁଲିଯାଏ । ନିଜ ସ୍ୱାର୍ଥ ଏବଂ ଅହଂର ପ୍ରେରଣାରେ କାମନା-ବାସନାର ବଶ ହୋଇ କାର୍ଯ୍ୟ କରେ । ସେହି କାରଣରୁ ସେ ପାଏ ଦୁଃଖ, ଅଶାନ୍ତି; ପଡ଼େ ଦ୍ୱନ୍ଦ୍ୱରେ, କରେ ଅନୁତାପ । ସମସ୍ତ ଦୁଃଖଦ୍ୱନ୍ଦ୍ୱ ଆସେ ଭଗବାନଙ୍କୁ ଭୁଲିଯିବାରୁ । ଭଗବାନଙ୍କୁ ଭୁଲି ନ ଗଲେ ସେ ସେହି କର୍ମ ଦ୍ୱାରା ସୁଖଶାନ୍ତି ପାଇ ପାରିବ ଏବଂ ଭଗବାନଙ୍କୁ ମଧ୍ୟ ପାଇପାରିବ । ଭଗବାନ୍ ଆନନ୍ଦ, ସୁଖ, ଶାନ୍ତି, ଜ୍ଞାନ, ଭକ୍ତି ଇତ୍ୟାଦି ଦିବ୍ୟ ଗୁଣର ସ୍ୱରୂପ । ତାଙ୍କ ସଙ୍ଗରେ ସମ୍ବନ୍ଧ ହେଲେ ସମସ୍ତ ଦିବ୍ୟ ଗୁଣ ବ୍ୟକ୍ତି ମଧ୍ୟରେ ଆସେ ଏବଂ ସେ ଆନନ୍ଦ ଓ ସୁଖ ପ୍ରାପ୍ତ କରେ । ମନୁଷ୍ୟ ମୋହବଶରେ ଭଗବାନଙ୍କୁ ଭୁଲି ନ ଗଲେ ସେ ଆନନ୍ଦରେ ରହିପାରେ ।

ଯେତେବେଳେ ମନୁଷ୍ୟ ବୁଝିପାରେ ଏହି ରାଜନୈତିକ କାର୍ଯ୍ୟ ଭଗବାନଙ୍କଠାରୁ ମୋତେ ପ୍ରାପ୍ତ ହୋଇଅଛି, ଭଗବାନ୍ ସଂସାରରେ ବହୁପ୍ରକାର ବ୍ୟକ୍ତିଙ୍କ ଆବଶ୍ୟକତା ମଧ୍ୟରୁ ମୋତେ ଏହି ସେବା କରିବା ସକାଶେ ନିଯୁକ୍ତ କରିଅଛନ୍ତି; ଏପରି ଅବସ୍ଥାରେ ସେ କାର୍ଯ୍ୟ କରେ ନିଷ୍କପଟ ଭାବରେ । ସେଥିରେ କୌଣସି ତ୍ରୁଟି କରେ ନାହିଁ । ଇଲେକ୍ସନ୍‌ରେ ଲଢ଼େ, ଜିତିଲେ ମନେକରେ ଏ କାର୍ଯ୍ୟ ମୋତେ ଭଗବାନ୍ ଦେଲେ, ସେଥିରେ ନିଜର ସ୍ୱାର୍ଥ ନାହିଁ, ଅହଂର ତୁଷ୍ଟି ନାହିଁ । ଯେବେ ହାରିଯାଏ, ଭାବେ, ''ଭଗବାନ୍ ଏ ସେବା ଅନ୍ୟକୁ ଦେଲେ, ମୋଠାରୁ ଅନ୍ୟ ପ୍ରକାର ସେବା ନେବାକୁ ଚାହୁଁଛନ୍ତି । ମାଲିକ ଭଗବାନ୍, ତାଙ୍କ ସୃଷ୍ଟିରେ ବହୁତ ଲୋକ, ସେ ଯାହାଠାରୁ ଯେତେବେଳେ ଯେଉଁ କାର୍ଯ୍ୟ ନେଇ ପାରନ୍ତି, ମୁଁ କାହିଁକି ଆଗ୍ରହ କରିବି ଯେ ମୋଠାରୁ ଏହି ସେବା ନିଅ ।'' ଯେତେବେଳେ ବ୍ୟକ୍ତି ଭାବେ ମୋତେ ଏହା ମିଳିବା ଉଚିତ ଆଉ ଭଗବାନଙ୍କ ବିଧାନ ଛଡ଼ା ନିଜ କାମନା-ବାସନା ତୁଷ୍ଟି ସକାଶେ ପ୍ରଯତ୍ନ କରେ, ସେଥିରେ ବହୁତ ସମୟରେ ସଫଳ ହୁଏ ନାହିଁ । ବିଫଳତାରେ ବହୁତ ଦୁଃଖ ମିଳେ । ପ୍ରତ୍ୟେକ ଦୃଷ୍ଟିରୁ ଭଗବାନଙ୍କ ବିଧାନ ମାନି ନେବା ଉଚିତ, ଆଉ ସେଥିରେ ସୁଖ ପାଇଁ ହଜାର ପ୍ରଯତ୍ନ କଲେ ସୁଦ୍ଧା ଭଗବାନଙ୍କ ବ୍ୟବସ୍ଥାର ବିରୋଧରେ

ସଫଳ ହୁଏ ନାହିଁ । ଯଦି ଆମ୍ଭ ଅହଂର ପ୍ରଯତ୍ନ ବିଫଳ ହୁଏ ତେବେ ଭଗବାନଙ୍କ ବିଧାନ ଉପରେ ଛାଡ଼ିଦେବା ଉଚିତ । ସେଥିରେ ହର୍ଷ, ବିଷାଦ, ସୁଖ, ଦୁଃଖ, ଈର୍ଷ୍ୟା, ବିରୋଧ ଆସେ ନାହିଁ । ଜୟ-ପରାଜୟରେ ସମଭାବାପନ୍ନ ରହେ ।

ଏହି ପ୍ରକାରରେ ଭଗବାନଙ୍କ ସେବା ରୂପେ କର୍ମ କଲେ ମନୁଷ୍ୟ ଜୟ-ପରାଜୟରେ ହର୍ଷ ବା ବିଷାଦ ପ୍ରାପ୍ତ ହୁଏ ନାହିଁ । ସେ ବୁଝିପାରେ ମନୁଷ୍ୟର କୌଣସି ଦୋଷ ନାହିଁ, ସେ ଭାଗବତୀ ଆଉ ଅଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରୁଅଛି । କିନ୍ତୁ ତାକୁ ଯଦି ନ୍ୟାୟାଧୀଶର କାର୍ଯ୍ୟ ଦିଆ ହୋଇଥାଏ ତେବେ ସେ ମନୁଷ୍ୟକୁ ଦଣ୍ଡ ଦେଇପାରେ କିନ୍ତୁ ତା' ପ୍ରତି ହିଂସା ନ ଥାଏ । କାରଣ ଏହି କାର୍ଯ୍ୟ କରିବା ସକାଶେ ଭଗବାନ୍ ତାକୁ ନିଯୁକ୍ତ କରିଅଛନ୍ତି । ଏହାଫଳରେ ତା' ମନରୁ ଉଦ୍‌ବେଗ ଦୂର ହୁଏ, ଶାନ୍ତି, ସ୍ଥିରତା ଆସେ । ଏହି ଅବସ୍ଥାରେ ସେ ଭଗବାନଙ୍କ ନିର୍ଦ୍ଦେଶ ପାଇପାରେ । କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ, ସେ ତାହାର ଅନ୍ତରରୁ ପ୍ରେରଣା ପାଏ । ଯଦି ପ୍ରେରଣା ନ ପାଏ ତଥାପି ତା' ସକାଶେ ଯାହା ହେବା ଉଚିତ ତାହାହିଁ ହୁଏ । କାରଣ ସେ ନିଜକୁ ଭଗବାନଙ୍କ ସେବକ ମାନିବାରୁ ତାହାର ଭାର ଭଗବାନ୍ ନେଇ ନିଅନ୍ତି । ଏଥିସକାଶେ ପ୍ରତିଦିନ କିଛି ସମୟ ନିୟମିତ ରୂପେ ଧ୍ୟାନ କରିବା ଆବଶ୍ୟକ ।

ଏହି ଅବସ୍ଥା ଗୋଟିଏ ଦିନରେ ଆସେ ନାହିଁ । ସୁତରାଂ ଯେତେବେଳେ ଏହି ସିଦ୍ଧାନ୍ତକୁ ବ୍ୟକ୍ତି ହୃଦୟରେ ସ୍ୱୀକାର କରି ନିଏ ସେହି ସମୟରୁ ତା' ମଧ୍ୟରେ ଗୋଟିଏ ଭାଗବତ ତତ୍ତ୍ୱ ଅଦୃଶ୍ୟ ରୂପେ ପରିଚାଳନା କରେ । ଏବିଷୟରେ ମନୁଷ୍ୟ ଯେତେ ଜାଗ୍ରତ ହୁଏ, ତା' ମଧ୍ୟରେ ଏହି ଭାବ ସେତେ ସ୍ପଷ୍ଟ ହୋଇଉଠେ ।

ଆଧ୍ୟାତ୍ମିକ ସାଧନା ବହୁ ପ୍ରକାର, ପ୍ରଣାଳୀ ଅସଂଖ୍ୟ, କର୍ମର ଭେଦ ତିନି, ତଥାପି ଏହି ମାର୍ଗଟି କର୍ମ ପକ୍ଷରେ ବହୁତ ସହଜ, ସୁଗମ, ଆଉ ବ୍ୟକ୍ତି ପକ୍ଷରେ ଅନିବାର୍ଯ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ବିରୋଧ, ଉଦ୍‌ବେଗ ଆଦିରୁ ମୁକ୍ତ ନୁହେଁ ସେପର୍ଯ୍ୟନ୍ତ ସେ ସଂସାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅବିକୃତ ରୂପେ କରିପାରେ ନାହିଁ, ଯଥାର୍ଥରେ ସେ ମଧ୍ୟ ସୁଖୀ ହୋଇପାରେ ନାହିଁ; ସେତେଦିନ ପର୍ଯ୍ୟନ୍ତ ସେ ପ୍ରକୃତରେ ସ୍ୱାଧୀନ ନୁହେଁ । ଯଥାର୍ଥରେ ସେହିଁ ସ୍ୱାଧୀନ ଆଉ ସୁଖୀ, ଯେ ରିପୁଙ୍କୁ ବଶ କରିଅଛନ୍ତି । ନିଜ ଭିତରର ରିପୁଙ୍କୁ ବଶ ନ କରି ଅନ୍ୟ ବ୍ୟକ୍ତିକୁ ବଶ କରିବାର ପ୍ରୟାସ ନିରର୍ଥକ । ଏହି ରିପୁମାନଙ୍କ ଶାସନାଧୀନ ରହି ଯଦି ବ୍ୟକ୍ତି ପୃଥିବୀରେ ସମ୍ରାଟ ହୁଏ, ସମସ୍ତ ସଂସାର ଧନର ମାଲିକ, କୁବେର ହୁଏ; ସମସ୍ତ ଗୁଣର ଜ୍ଞାତା ହୁଏ, ତଥାପି ସେ ଦୀନ; ଅନ୍ୟ ଅବାଞ୍ଛିତ ଶକ୍ତିମାନଙ୍କ ହାତର ଯନ୍ତ୍ର, ପରାଧୀନ । ଏମାନଙ୍କଠାରୁ ସ୍ୱାଧୀନତା ପ୍ରାପ୍ତ କରିବାକୁ ହେବ ନିଜ କର୍ମ ଦ୍ୱାରା, କିନ୍ତୁ ନିଜ କର୍ମକୁ ତ୍ୟାଗ କରି ନୁହେଁ । ଏହା କେବଳ ବିଶିଷ୍ଟ ବ୍ୟକ୍ତି ସକାଶେ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସକାଶେ ।

ପ୍ରତ୍ୟେକ ବ୍ୟକ୍ତି ଚାହେଁ ସୁଖ । ଯଥାର୍ଥ ସୁଖ ପ୍ରାପ୍ତ ହୁଏ ଭଗବତ୍ ଜ୍ଞାନରେ । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କରି ଭାଗବତୀ ଶକ୍ତିର ଯନ୍ତ୍ର ହେଲେ ଯଥାର୍ଥ ସୁଖ ପ୍ରାପ୍ତ ହୋଇପାରିବ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗର ଗାର୍ହସ୍ଥ୍ୟ ସାଧକମାନେ ଆଜିକାଲି ପ୍ରଶ୍ନ କରୁଛନ୍ତି, ''ଆମ୍ଭେମାନେ ପୂର୍ବଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଛାଡ଼ି ମା'ଙ୍କୁ କାହିଁକି ଉପାସନା ଏବଂ ସମର୍ପଣ କରିବୁ ? ଯଦି କରୁ ତେବେ ପୂର୍ବଇଷ୍ଟଙ୍କୁ ପୂଜା କରିବୁ କି ନାହିଁ ? ଗାର୍ହସ୍ଥ୍ୟ ଧର୍ମର ପରମ୍ପରା ଅନୁସାରେ ବ୍ରତ, ଉପବାସ, ପୁଣ୍ୟପର୍ବ, ଦେବଦେବୀଙ୍କୁ ପୂଜନ କରିବୁ କି ନାହିଁ ? ଭଗବାନ୍ ଏକ, ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ସମୟରେ ଅବତାର ନେଇ ମନୁଷ୍ୟ ଜାତିକୁ ଶିକ୍ଷା ଦେଇଅଛନ୍ତି । ତେବେ ପୂର୍ବର କୌଣସି ଅବତାରଙ୍କୁ ଉପାସନା କଲେ ଶ୍ରୀଅରବିନ୍ଦଙ୍କ ଯୋଗ-ସିଦ୍ଧି ହୋଇପାରିବ, ଫେର୍ ମା'ଙ୍କୁ ସମର୍ପଣ କରିବାର ଆବଶ୍ୟକତା କ'ଣ ?''

ଉତ୍ତର : ତୁମ ପ୍ରଶ୍ନ ଯଦି ଯୁକ୍ତିଯୁକ୍ତ ହୁଏ ତେବେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ ବିଭିନ୍ନ କାର୍ଯ୍ୟ କରିବା ସକାଶେ ଭଗବାନଙ୍କୁ ଅବତାର ନେବାର ଆବଶ୍ୟକ ହୋଇ ନ ଥା'ନ୍ତା । ପ୍ରଥମ ଅବତାରଙ୍କୁ ଉପାସନା କରି ବ୍ୟକ୍ତି ସମସ୍ତ ସିଦ୍ଧି ପ୍ରାପ୍ତ ହୁଅନ୍ତେ । ଯେଉଁସବୁ ପ୍ରଶ୍ନ କରାଯାଇଅଛି ଏହା ପଶ୍ଚାତରେ ରହିଛି ସାମ୍ପ୍ରଦାୟିକ ସଂକୁଚିତ ମନୋଭାବ ।

ସମ୍ପ୍ରଦାୟର ଅର୍ଥ କୌଣସି ଅଧ୍ୟାତ୍ମ ସତ୍ୟ ବା ଧର୍ମକୁ କେତେକ ବ୍ୟକ୍ତି ଗ୍ରହଣ କରନ୍ତି, ସମସ୍ତ ମାନବଜାତି ତାହା ଗ୍ରହଣ କରନ୍ତି ନାହିଁ କିଂବା ସମଗ୍ର ମାନବଜାତି ସକାଶେ ତାହା ପ୍ରଯୁଜ୍ୟ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ; ଏହାହିଁ ସମଗ୍ର ମାନବ ଜାତିର ଲକ୍ଷ୍ୟ । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗରେ ସାମ୍ପ୍ରଦାୟିକ ମନୋଭାବ ଏକେବାରେ ତ୍ୟାଗ କରିବା ଉଚିତ । ସମସ୍ତ ସାମ୍ପ୍ରଦାୟିକ, ଧାର୍ମିକ, ଅଧାର୍ମିକ, ଆସ୍ତିକ, ନାସ୍ତିକ ବ୍ୟକ୍ତିଙ୍କର ଉଦ୍ଦେଶ୍ୟ ଶ୍ରୀଅରବିନ୍ଦଙ୍କ ଯୋଗରେ ପୂର୍ଣ୍ଣ ହୁଏ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ସାମ୍ପ୍ରଦାୟିକ ନ ହୋଇ ସମସ୍ତ ମାନବ-ସମାଜ ସକାଶେ ।

ପ୍ରତ୍ୟେକ ବ୍ୟକ୍ତି ଚାହେଁ ଦୁଃଖଅବିମିଶ୍ରିତ ସୁଖ, ଅଖଣ୍ଡ ଶାନ୍ତି, ପରସ୍ପର ଭ୍ରାତୃତ୍ୱ, ଦେଶ ଓ ମନୁଷ୍ୟଜାତିର ଉନ୍ନତି; ଯୁଦ୍ଧ-ହିଂସାମୁକ୍ତ ଆନନ୍ଦମୟ ଜୀବନ, ରୋଗ-ଜରା-ମୃତ୍ୟୁରହିତ ଦୁଃଖ-ଶୋକବିହୀନ ଦିବ୍ୟ-ଜୀବନ । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ । ଏହା ସଙ୍ଗେ ସଙ୍ଗେ ସଂସାରରୁ ହିଂସା, ଦ୍ୱେଷ, ଯୁଦ୍ଧ-ବିଗ୍ରହ, ଚୋରି-ଡକାୟତି, ଅନ୍ୟାୟ-ଅତ୍ୟାଚାର ଓ ଲାଞ୍ଚ-ମିଛ ଦୂର ହୁଏ । ସଂସାର ହୁଏ ସ୍ୱର୍ଗ । ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ରୂପାନ୍ତର କ୍ରିୟା କରାଉ ଅଛନ୍ତି । ଏହି ଲକ୍ଷ୍ୟକୁ କୌଣସି ବ୍ୟକ୍ତି ଗ୍ରହଣ କଲେ ତାଙ୍କ ପୂର୍ବ ଇଷ୍ଟ ବା ସମ୍ପ୍ରଦାୟର ବିରୋଧ ହୁଏ ନାହିଁ । କାରଣ ଏହି ବିରୋଧ ମନୁଷ୍ୟର ମନୋଗତ ସଂକୁଚିତ ଧାରଣା ମାତ୍ର । ତୁମେ କହୁଛ, ''ଭଗବାନ୍ ଏକ, ସେହି ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନେଇ ସଂସାରରେ ଭିନ୍ନ ଭିନ୍ନ ସମୟରେ ନୂତନ ଧର୍ମ ସ୍ଥାପନ କରୁଅଛନ୍ତି । ଅତଏବ ଆମ୍ଭେମାନେ ଆମ୍ଭମାନଙ୍କ ପୂର୍ବ ଇଷ୍ଟଦେବ ରାମ, କୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଉପାସନା କରି କାହିଁକି ଶ୍ରୀଅରବିନ୍ଦଙ୍କ ଯୋଗ-ସିଦ୍ଧ କରିପାରିବୁ ନାହିଁ ?''

ପୂର୍ବ ଇଷ୍ଟଦେବ ରାମ, କୃଷ୍ଣ, ବିଷ୍ଣୁ, ଶିବ, ଦୁର୍ଗାଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧି ଯଦି ଏତେ ସହଜ ହୋଇଥା'ନ୍ତା ତେବେ ମା'ଶ୍ରୀଅରବିନ୍ଦଙ୍କୁ ଏହି ପୃଥିବୀକୁ ଆସି ଏତେ ତପସ୍ୟା କରିବାକୁ ହୋଇ ନ ଥାଆନ୍ତା, ନିଜେ ସାଧନା କରି ବ୍ୟକ୍ତି ସମ୍ମୁଖରେ ଆଦର୍ଶ ରଖି ସାଧକମାନଙ୍କ ଭାର ପୂର୍ଣ୍ଣତଃ ବହନ କରି ସେମାନଙ୍କୁ ସାଧନା ମାର୍ଗରେ ପରିଚାଳିତ କରିବାକୁ ହୋଇ ନ ଥାଆନ୍ତା । ପ୍ରତ୍ୟେକ ବ୍ୟକ୍ତି ପୂର୍ବ ଇଷ୍ଟଦେବଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ପ୍ରାପ୍ତ ହୋଇଥାଆନ୍ତେ । ସଂସାରର ଦୁଃଖ-ଦ୍ୱନ୍ଦ୍ୱ ନିବୃତ୍ତି ହୋଇ ତାହା ସ୍ୱର୍ଗରେ ପରିଣତ ହୋଇଥାଆନ୍ତା । ଆମ୍ଭେମାନେ ପୃଥିବୀରେ ଗୋଟିଏ ନୂତନ ଅତିମାନବ ଜାତି ଦେଖୁଥା'ନ୍ତୁ । କିନ୍ତୁ ଏହା ହୋଇ ନାହିଁ ।

ଭଗବାନ୍ ଏକ । ସେ ମନୁଷ୍ୟଜାତିକୁ ତା'ର ସମୟୋପଯୋଗୀ ଶିକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ସମୟରେ ପୃଥିବୀରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି । ସେହି ସମୟୋପଯୋଗୀ କର୍ମ ସ୍ୱୟଂ ଆଚରଣ କରନ୍ତି ତଥା ନିଜ ଆଦର୍ଶ ମନୁଷ୍ୟଜାତି ସମ୍ମୁଖରେ ରଖନ୍ତି । ସେହି ଶିକ୍ଷାକୁହିଁ ବ୍ୟକ୍ତିମାନେ ଆଦର୍ଶ ରୂପେ ଗ୍ରହଣ କରି ଚେତନାର ଗୋଟିଏ ଅଗ୍ରଗାମୀ ସ୍ତରରେ ଉପନୀତ ହୁଅନ୍ତି । ଶ୍ରୀରାମ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ଶିକ୍ଷା ଦେଇଥିଲେ । ସେତେବେଳେ ତାହାହିଁ ଆବଶ୍ୟକ ଥିଲା । ସେହି ସମୟରେ ତାଙ୍କୁହିଁ ଲୋକେ ଉପାସନା କରି ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ପ୍ରାପ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ଅବତାର ସମୟରେ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ପ୍ରତିଷ୍ଠା ହୋଇ ସାରିଥିଲା ଏବଂ ସେ ସମୟ ଅତୀତର ବହୁ ପଛରେ ପଡ଼ି ଥିଲା । ଶ୍ରୀକୃଷ୍ଣ ଯୋଗଯୁକ୍ତ ହୋଇ କର୍ମ କରିବା ଶିକ୍ଷା ଦେଲେ । ଯଦି ପୂର୍ବ ଇଷ୍ଟ ଉପାସନାରେ ଯୋଗଯୁକ୍ତ କର୍ମ ସମାଜରେ ପ୍ରତିଷ୍ଠିତ ହୋଇଥାଆନ୍ତା ତେବେ ଶ୍ରୀକୃଷ୍ଣଙ୍କୁ ଅବତାର ନେବାକୁ ପଡ଼ି ନ ଥା'ନ୍ତା । ବର୍ତ୍ତମାନ ପକ୍ଷେ ସେସମୟ ବହୁତ ଅତୀତରେ । ଏସମୟରେ ସେହିସବୁ ପୁରାତନ ଶିକ୍ଷା ଦ୍ୱାରା ସଂସାର-ସମସ୍ୟାର ସମାଧାନ ହୋଇପାରିବ ନାହିଁ କିଂବା ପୂର୍ବ ଅବତାରଙ୍କୁ ଉପାସନା କରି ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସହଜ ହେବ ନାହିଁ । ବର୍ତ୍ତମାନ ଆମୂଳଚୂଳ ପରିବର୍ତ୍ତିତ ଗୋଟିଏ ନୂତନ ଜଗତ ଆବଶ୍ୟକ । ସେହି ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥବୀକୁ ଆସି ସ୍ୱୟଂ କର୍ମ ଆଚରଣ କରି ସାଧକମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ଏବଂ ମା' ସ୍ୱୟଂ ସେହି କାର୍ଯ୍ୟଭାର ବହନ କରିଅଛନ୍ତି । ମା' ସ୍ଥୂଳ ଶରୀର ଧାରଣ କରିଅଛନ୍ତି ସାଧକର ସାଧନା ମାର୍ଗ ସହଜ ତଥା ବିପଦଶୂନ୍ୟ କରିବା ସକାଶେ । ସେ ଆମ୍ଭମାନଙ୍କ ଜନନୀ, ଗୁରୁ, ଇଷ୍ଟ । ସେ ଆମ୍ଭର ସ୍ୱଜାତୀୟ ଥିବାରୁ ତାଙ୍କ ସହିତ

ସମ୍ବନ୍ଧ ସ୍ଥାପନ ଆମ୍ଭମାନଙ୍କ ପକ୍ଷେ ସହଜ ହୋଇଅଛି । ଏହାହିଁ ଅବତାରମାନଙ୍କର ବିଶେଷତ୍ୱ । ଭଗବାନ୍ ସବୁ ସମୟରେ ବ୍ୟାପକ ରୂପେ ବିଦ୍ୟମାନ, କିନ୍ତୁ ସଂସାରର ବିଶେଷ କାର୍ଯ୍ୟ କରିବାକୁ ହେଲେ ଅବତାର ନିଅନ୍ତି । ଅବତାରମାନେହିଁ ମନୁଷ୍ୟ ସହିତ ସହଜରେ ସମ୍ବନ୍ଧ ସ୍ଥାପନ କରିପାରନ୍ତି । ଅବତାରଙ୍କ ସମୟରେ କୋଟି କୋଟି ନରନାରୀ ଅଳ୍ପ ପ୍ରୟାସରେ ଉଦ୍ଧାର ହୋଇଯାଆନ୍ତି । ଏହି କାରଣରୁ ପଥପ୍ରଦର୍ଶିକା ରୂପେ ମା'ଙ୍କୁ ଗ୍ରହଣ କଲେ ସାଧକର ସାଧନା ବହୁତ ସହଜ ହୁଏ ।

ଭଗବାନ୍ ଏକ । ଧର୍ମର ହ୍ରାସ ସମୟରେ ସେ ବାରଂବାର ଅବତାର ନେଇ ନୂତନ ଚେତନା ଜଗତରେ ସ୍ଥାପନ କରନ୍ତି; ତାଙ୍କର ସଂକଳ୍ପରେ ବ୍ୟକ୍ତି ନୂତନ ଚେତନାରେ ଆରୋହଣ କରେ । ସଂସାରରେ ନୂତନ ଧର୍ମ ସ୍ଥାପନ ହେଲା ଭଗବାନଙ୍କ କାର୍ଯ୍ୟ । ଏହି ରୂପାନ୍ତର କାର୍ଯ୍ୟ କରି ମନୁଷ୍ୟ ଜାତିକୁ ଗୋଟିଏ ନୂତନ ଚେତନାରେ ଉପନୀତ କରାଇବା ସକାଶେ ମା' ଏହି ପୃଥିବୀକୁ ଆସିଅଛନ୍ତି । ମା'ଙ୍କୁ ସମର୍ପଣ କରିବାରେ ପୂର୍ବ ଇଷ୍ଟନିଷ୍ଠାରେ କୌଣସି ବିରୋଧ ନାହିଁ । ଯଦି ଆମ୍ଭେମାନେ ଭଗବାନ୍ ଏକ ବୋଲି ମାନୁ ଏବଂ ସେହି ଏକହିଁ ଭଗବାନ୍ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସୁଥିବାର ସ୍ୱୀକାର କରୁ ତେବେ ଏହି କାର୍ଯ୍ୟ କରିବା ସକାଶେ ମା'ଙ୍କ ରୂପରେ ଭଗବାନ୍ ଆବିର୍ଭାବ ହୋଇ ଥିବାରୁ ତାଙ୍କ ଆନୁଗତ୍ୟ ସ୍ୱୀକାର କରିବାରେ କୌଣସି ଦୋଷ ନାହିଁ । ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି, ଏହା ସ୍ୱୀକାର କରିବା ସତ୍ତ୍ୱେ ଯଦି ବ୍ୟକ୍ତିର ମନରେ ଦ୍ୱନ୍ଦ୍ୱ ଥାଏ ତେବେ ଏହା ସ୍ପଷ୍ଟ ଯେ ଏହି ଧାରଣା କେବଳ ଭୌତିକ ସୀମିତ ମନର । ଏହା ବ୍ୟକ୍ତିର ଆନ୍ତର ଚେତନାକୁ ସ୍ପର୍ଶ କରି ନାହିଁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗର ସମନ୍ୱୟ ହୋଇଅଛି । କିନ୍ତୁ ପୁରାତନ ସମସ୍ତ ଯୋଗର ବିରୋଧୀ ମତବାଦ ବ୍ୟକ୍ତିର ସଂସ୍କାରଗତ ହୋଇଥିବାରୁ ବ୍ୟକ୍ତି ସେହି ଧାରଣାକୁ ଶ୍ରୀଅରବିନ୍ଦ ଯୋଗରେ ଆରୋପ କରି ଇଷ୍ଟନିଷ୍ଠାର ପ୍ରବଞ୍ଚନାରେ ଶ୍ରୀଅରବିନ୍ଦଙ୍କ ଯୋଗରେ ବିରୋଧୀ ଭାବ ରଖୁଅଛି । ସେହିମାନେ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟ ଯୋଗ ବୁଝି ନ ପାରି ମା'ଙ୍କ ପ୍ରତି ବିଶ୍ୱାସ ରଖିବାରେ ଅସମର୍ଥ ହେଉଅଛନ୍ତି ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନେ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ, ଦୁର୍ଗା ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରିବେ କି ନାହିଁ, ଏମାନଙ୍କ ପ୍ରସାଦ ସେବନ କରିବେ କି ନାହିଁ, ବ୍ରତ-ଉପବାସ କରିବେ କି ନାହିଁ ?

ଉତ୍ତର : ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ତଥା ଶ୍ରୀଅରବିନ୍ଦଙ୍କ ଯୋଗରେ ଲକ୍ଷ୍ୟ ମହାନ୍, ବିଶାଳ । ପରମ ଜ୍ଞାନ, ପରମାନନ୍ଦ, ପରାଶକ୍ତି, ପରମ ଶାନ୍ତି ସ୍ୱରୂପ ସଚ୍ଚିଦାନନ୍ଦ ପ୍ରାପ୍ତି ତଥା ତାଙ୍କ ସହିତ ପୂର୍ଣ୍ଣ ଏକତ୍ୱ । ଭଗବାନଙ୍କ ସହିତ ସାଧକ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ ହେବାରୁ ଭଗବାନଙ୍କର ସମସ୍ତ ଦିବ୍ୟ ଗୁଣ ସାଧକ ମଧ୍ୟରେ ପ୍ରତିଷ୍ଠିତ ହୁଏ । ଏକହିଁ ଭଗବାନ୍ ସମସ୍ତ ସଂସାରରେ ନାନା ପ୍ରାଣୀ, ଦେବଦେବୀ ରୂପରେ ପ୍ରଘଟ ହୋଇଛନ୍ତି ବୋଲି ସେ ଉପଲବ୍ଧି କରେ । ଏହା ପୂର୍ବରୁ ସେ ଏହି ସିଦ୍ଧାନ୍ତକୁ ଆଦର୍ଶ ରୂପେ ଗ୍ରହଣ କରି ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ । ଏହି ଜ୍ଞାନରେ ଯୁକ୍ତ ହୋଇ କିଂବା ଆଦର୍ଶ ମାନି ବ୍ୟକ୍ତି ସମସ୍ତ ଦେବଦେବୀଙ୍କୁ ନିଜ ଇଷ୍ଟଦେବ ପରାତ୍ପର ପୁରୁଷୋତ୍ତମ ଭଗବାନଙ୍କ ରୂପ ମାନି ପୂଜା କରିପାରେ, ସମସ୍ତ ଦେବଦେବୀଙ୍କ ପ୍ରସାଦକୁ ନିଜ ଇଷ୍ଟଦେବଙ୍କ ପ୍ରସାଦ ବୋଲି ଅନୁଭବ କରିପାରେ, ସମସ୍ତ ବ୍ରତ, ଉପବାସ କେବଳ ନିଜ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ କରେ । ଏହି ସିଦ୍ଧାନ୍ତରେ ସାଧକ ସମସ୍ତ ଦେବଦେବୀଙ୍କୁ ପୂଜା କରି ସେ କିଛି କରେ ନାହିଁ ଅଥବା କେବଳ ଇଷ୍ଟଦେବଙ୍କ ପୂଜାରେ ସମସ୍ତ ଦେବଦେବୀଙ୍କ ପୂଜନ କରେ ।

ସାଧକମାନଙ୍କର ପୂର୍ବ ପ୍ରତିଷ୍ଠିତ ଭଗବାନଙ୍କର ଅଥବା ଦେବଦେବୀଙ୍କ ମନ୍ଦିରରେ ପୂଜା କରିବାରେ ତଥା ପ୍ରସାଦ ସେବନ କରିବାରେ ସିଦ୍ଧାନ୍ତିକ ବିରୋଧ ନାହିଁ । କାରଣ ସମସ୍ତ ବିଗ୍ରହ ଭଗବାନଙ୍କର ରୂପ । ତଥାପି ବ୍ୟକ୍ତି ନିଜ

ଆନ୍ତରିକ ପ୍ରବୃତ୍ତି, ନିଷ୍ଠା ଅନୁସାରେ ସମସ୍ତ ଦେବ ପୂଜନ, ବ୍ରତ, ଉପବାସ କରିପାରେ ଅଥବା ତ୍ୟାଗ କରିପାରେ । ଏହା ନିର୍ଭର କରେ ବ୍ୟକ୍ତି ଉପରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧନା ଆରମ୍ଭରୁ ସାଧକମାନେ ପୂର୍ଣ୍ଣତଃ ସ୍ୱତନ୍ତ୍ର । ସେମାନଙ୍କ ଉପରେ କୌଣସି ସିଦ୍ଧାନ୍ତ ଲଦି ଦିଆ ହୁଏ ନାହିଁ । ସେମାନେ ନିଜ ଆନ୍ତର ପ୍ରେରଣା ଅନୁସାରେ ଆଚରଣ କରିପାରନ୍ତି ।

*

ପ୍ରଶ୍ନ : ଲୋକ-କଲ୍ୟାଣ ଯଦି ଜୀବନର ପରମ ଲକ୍ଷ୍ୟ ହୁଏ, ତେବେ ସତ୍ୟ, ଶାନ୍ତି, ଦୟା, କ୍ଷମା – ଏହି ଚତୁର୍ବିଧ ଗୁଣପ୍ରାପ୍ତି ସକାଶେ ସ୍ୱତନ୍ତ୍ର ସାଧନାର ଆବଶ୍ୟକତା କ'ଣ ?

ଉତ୍ତର : ମାନବ-ଜୀବନର ପରମ ଲକ୍ଷ୍ୟ ଲୋକ-କଲ୍ୟାଣ କରିବା କିଂବା ସତ୍ୟ, ଶାନ୍ତି, ଦୟା, କ୍ଷମାଦି ଗୁଣପ୍ରାପ୍ତି କରିବା ନୁହେଁ । ତାହାର ପରମ ଲକ୍ଷ୍ୟ – ଭଗବାନଙ୍କୁ ପୂର୍ଣ୍ଣରୂପେ ମନ, ପ୍ରାଣ, ଶରୀରରେ ଅଭିବ୍ୟକ୍ତ କରିବା; ଅର୍ଥାତ୍ ଏହି ସଂସାରରେ ତାଙ୍କୁ ପ୍ରକଟ କରିବା ।

ମନୁଷ୍ୟ ଯେବେ ଭଗବାନଙ୍କୁ ପ୍ରାପ୍ତ ହେବାକୁ ଅଗ୍ରସର ହୁଏ, ଅର୍ଥାତ୍ ସାଧନା କରେ, ତେବେ ସତ୍ୟ, ଶାନ୍ତି, ଦୟା, କ୍ଷମା ଆଦି ଗୁଣ ସ୍ୱତଃ ପ୍ରାପ୍ତ ହୁଏ ଏବଂ ତାହା ଦ୍ୱାରା ଲୋକ-କଲ୍ୟାଣ ମଧ୍ୟ ସାଧିତ ହୁଏ । କାରଣ ଭଗବାନ୍ ସମସ୍ତ ଦିବ୍ୟଗୁଣର ମୂଳସ୍ରୋତ ଓ କଲ୍ୟାଣସ୍ୱରୂପ । ଭଗବାନଙ୍କୁ ପ୍ରାପ୍ତ ହେଲେ ମନୁଷ୍ୟର ସମସ୍ତ ଅଂଶ ଭଗବାନଙ୍କ ସଙ୍ଗେ ଯୁକ୍ତ ହୁଏ । ଭଗବାନଙ୍କ ସଙ୍ଗେ ମନୁଷ୍ୟର ମନ, ପ୍ରାଣ, ଶରୀର ଏକ ହୋଇଗଲେ ତାଙ୍କର ଦିବ୍ୟଗୁଣ ମନୁଷ୍ୟ ମଧ୍ୟରେ ପ୍ରକାଶିତ ହୁଏ ଏବଂ ତାଙ୍କ ଦିବ୍ୟଶକ୍ତି ତାକୁ ପରିଚାଳନା କରେ । ତେବେ ସେ ଅହଂକାର ଓ ସ୍ୱାର୍ଥପରତା ଆଦି ଦୁର୍ଗୁଣରୁ ମୁକ୍ତ ହୁଏ ଆଉ ଲୋକସେବା ସକାଶେ ଉପଯୁକ୍ତ ହୁଏ । ସେତେବେଳେ ତା'ର ବ୍ୟକ୍ତିଗତ ଅଭିରୁଚି କିଛି ନ ଥାଏ । ସେ ଚାଳିତ ହୁଏ ଭଗବାନଙ୍କ ଦ୍ୱାରା, ହୁଏ ଭଗବତ୍ ଯନ୍ତ୍ର । ଲୋକସେବାଦି ସାଂସାରିକ କର୍ମରେ ତାହାର ଅହଂକାର ହୁଏ ନାହିଁ । ସେ ସ୍ପଷ୍ଟରୂପେ ଦେଖେ ଓ ଜାଣେ ଯେ ଏହି ଲୋକସେବା କର୍ମ ଭଗବାନଙ୍କର ଏବଂ ସମସ୍ତ ଦିବ୍ୟଗୁଣ ତା' ମଧ୍ୟରେ ଭଗବାନଙ୍କଠାରୁ ଆସୁଛି ଓ ସେ ଭଗବାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ଭଗବାନଙ୍କୁ ପ୍ରାପ୍ତ ହେବା ଲକ୍ଷ୍ୟ ନ ରଖି ଯଦି କେବଳ ଲୋକସେବା ଲକ୍ଷ୍ୟ ରଖାଯାଏ, ତେବେ ଏହି କାର୍ଯ୍ୟ ହୁଏ ମନ-ନିର୍ମିତ ଓ ପ୍ରାଣ ଦ୍ୱାରା ପରିଚାଳିତ । ଏଥିରେ ଅହଂକାର ଓ ସ୍ୱାର୍ଥପରତା ଆସି କାର୍ଯ୍ୟକୁ ବିକୃତ କରେ ଓ ନଷ୍ଟ କରିଦିଏ । କେବେ କେବେ ଭଗବାନଙ୍କ ଅଭିପ୍ରେତ ଦେଶସେବାଦି କାର୍ଯ୍ୟ ମନୁଷ୍ୟ କରେ, ସେ ଅଜ୍ଞାତଭାବେ ଭଗବାନଙ୍କ ପ୍ରେରଣା ମଧ୍ୟ ପାଏ । କିନ୍ତୁ ଯଦି ସେ ଏ ବିଷୟରେ ସଚେତ ହୁଏ ଏବଂ ଭଗବତ୍ ନିର୍ଦ୍ଦେଶ ପାଇବାକୁ ସତତ ଅଭୀପ୍ସା କରେ, ତେବେ ସେ ଭଗବତ୍ ନିର୍ଦ୍ଦେଶ ବରାବର ପାଏ, ଭଗବାନଙ୍କୁ ମଧ୍ୟ ପ୍ରାପ୍ତ ହୁଏ । ସମସ୍ତ କ୍ଷେତ୍ରରେ ଏପରି ହୁଏ ନାହିଁ । ଅଧିକାଂଶ ସମୟରେ ନିଜ ଭିତରେ ଥିବା ଅଶୁଦ୍ଧ ଗତିବୃତ୍ତି, ପ୍ରବୃତ୍ତି ଓ ଦୁର୍ଗୁଣ ଆସି ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ବାଧା ରୂପ ଧାରଣ କରି ଛିଡ଼ା ହୁଏ, ତାଙ୍କୁ ଜାଣିବାକୁ ଦିଏ ନାହିଁ । ସୁତରାଂ ଯଥାର୍ଥରେ ଦେଶସେବା କାର୍ଯ୍ୟ ହୁଏ ଭଗବାନଙ୍କୁ ପ୍ରାପ୍ତ ହେବା ପରେ ।

ଉଦାହରଣ ସ୍ୱରୂପ ଭାରତ ସ୍ୱତନ୍ତ୍ର ହେବା ଭଗବାନଙ୍କ ନିର୍ଦ୍ଧାରିତ କାର୍ଯ୍ୟ ଥିଲା । ସେଥିରେ କାର୍ଯ୍ୟ କରୁଥିବା କେତେକ ବ୍ୟକ୍ତି ଅଜ୍ଞାତ ରୂପେ ମଧ୍ୟ ଭଗବାନଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ । କିନ୍ତୁ ସେମାନେ ଭଗବାନଙ୍କ ନିର୍ଦ୍ଦେଶକୁ ଜାଣିବାକୁ, ସେହି ଅନୁସାରେ ପରିଚାଳିତ ହେବାକୁ ପ୍ରଯତ୍ନ କଲେ ନାହିଁ କିଂବା ସଚେତ ହେଲେ ନାହିଁ । ସୁତରାଂ ଭଗବାନଙ୍କ ସଂକଳ୍ପ ଥିବାରୁ ସ୍ୱରାଜ୍ୟ ମିଳିଗଲା । କିନ୍ତୁ ଖୁବ୍ କମ୍ ଲୋକଙ୍କ ସମ୍ବନ୍ଧେ କହିବା କଠିନ, ସେମାନଙ୍କ ଛଡ଼ା ଅନେକ ବ୍ୟକ୍ତିଙ୍କର ହୃଦୟ, ମନ ଓ ପ୍ରାଣ କିଛି ମାତ୍ର ପରିବର୍ତ୍ତିତ ହେଲା ନାହିଁ । ଶେଷରେ ମନୁଷ୍ୟର ଦୁର୍ବଳତା, ଦୁର୍ଗୁଣ ଆସି କାର୍ଯ୍ୟକୁ ଏକେବାରେ ବିକୃତ କରିଦେଲା ।

*

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହେବା ସକାଶେ ଦେଶସେବାଦି କାର୍ଯ୍ୟ

ତ୍ୟାଗ କରି ସାଧନା ଦ୍ୱାରା ପ୍ରଥମେ ଭଗବାନଙ୍କୁ ପ୍ରାପ୍ତ କରିବେ, ପରେ ଭଗବାନଙ୍କ ନିର୍ଦ୍ଦେଶ ହେଲେ ଦେଶର ମଙ୍ଗଳ ସକାଶେ କାର୍ଯ୍ୟ କରିବେ ।

ଉତ୍ତର : ଯେଉଁମାନଙ୍କର ଜୀବନର ଏକମାତ୍ର ଲକ୍ଷ୍ୟ ଭଗବାନଙ୍କୁ ପ୍ରାପ୍ତ ହେବା ଆଉ ସେଥିରେହିଁ ଜଗତର କଲ୍ୟାଣ, ସେମାନଙ୍କ ସକାଶେ ଏହା ଠିକ୍; ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ଏହା ଠିକ୍ ନୁହେଁ । କାରଣ ପ୍ରତ୍ୟେକଙ୍କର ସ୍ୱଭାବ ଓ ରୁଚି ଭିନ୍ନ ।

ଯେଉଁମାନେ ଦେଶସେବା ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହେବାକୁ ଚାହାନ୍ତି, ସେମାନଙ୍କୁ ଦେଶସେବା କାର୍ଯ୍ୟକୁ ସାଧନା ରୂପେ ଗ୍ରହଣ କରିବାକୁ ହେବ ଏବଂ ତାହାର ଫଳ ଭଗବତ୍ ପ୍ରାପ୍ତି ବୋଲି ମାନିବାକୁ ହେବ । ତେବେ ସେ ଅହଂକାର, ସ୍ୱାର୍ଥପରତା ଆଦି ଦୁର୍ଗୁଣରୁ ମୁକ୍ତ ହେବେ । ତାଙ୍କର ମନ-ପ୍ରାଣ-ଶରୀର ଶୁଦ୍ଧ ହେବ, ଶେଷରେ ସେ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବେ ।

*

ପ୍ରଶ୍ନ : ମୋ ମତରେ 'ଈଶ୍ୱର'ଙ୍କର କୌଣସି ଆବଶ୍ୟକତା ନାହିଁ । ମନୁଷ୍ୟର ଲକ୍ଷ୍ୟ ସୁଖ-ଶାନ୍ତିମୟ ଜୀବନ ଯାପନ କରିବା । ଭୋଜନ-ବସ୍ତ୍ରପ୍ରାପ୍ତିର ଉପାୟ କରିବା; ପରିବାର, ଗ୍ରାମ, ଜାତି ଓ ଦେଶର ପ୍ରତ୍ୟେକ ବ୍ୟକ୍ତି ସହିତ ଭଲଭାବେ ବ୍ୟବହାର କରିବା; ହିଂସା ଓ ଅନ୍ୟର ଅନିଷ୍ଟସାଧନରୁ ନିବୃତ୍ତ ହୋଇ ପରସ୍ପର ଭ୍ରାତୃତ୍ୱସ୍ଥାପନ କରିବା । ଏହାହିଁ ସୁଖମୟ ଜୀବନ । କ'ଣ ମନୁଷ୍ୟର ଏହା ଲକ୍ଷ୍ୟ ହେବା ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଏହା ଯୁକ୍ତିଯୁକ୍ତ, କିନ୍ତୁ ପ୍ରାପ୍ତ ହୋଇଛି କେଉଁଠି ? ଏହି ଲକ୍ଷ୍ୟ ଭଗବତ୍ ଉପଲବ୍ଧି ଛଡ଼ା ଅନ୍ୟ କୌଣସି ଉପାୟରେ ପ୍ରାପ୍ତ ହୁଏ ନାହିଁ । ଏହି ସକାଶେ ଈଶ୍ୱରଙ୍କର ଆବଶ୍ୟକତା । ସୁଖ-ଶାନ୍ତିମୟ ଜୀବନ, ଗ୍ରାମ, ଜାତି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ସହିତ ଭଲ ବ୍ୟବହାର, ଭୋଜନ-ବସ୍ତ୍ରପ୍ରାପ୍ତି ଏବଂ ଦେଶର ଉନ୍ନତି ଉଦ୍ଦେଶ୍ୟରେ କର୍ମ ହୁଏ ନିଃସ୍ୱାର୍ଥପର । ଏହା ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସମସ୍ତ କର୍ମର ଅର୍ଥ ଅଧ୍ୟାତ୍ମ । ଅଧ୍ୟାତ୍ମ ଏବଂ କର୍ମ ଏହି ଉଭୟର ସଂଯୋଗରେ ହୁଏ ନିଜର, ସମାଜର, ଜାତିର, ଦେଶର ଏବଂ ସମସ୍ତ ସଂସାରର ସ୍ଥାୟୀ ଉନ୍ନତି । ଅଧ୍ୟାତ୍ମ ବା ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ବାଦ୍ ଦେଇ ସୃଷ୍ଟି ଆରମ୍ଭରୁ ଏହି ଉନ୍ନତି ସକାଶେ କର୍ମ ହୋଇଆସୁଛି ଏବଂ ବ୍ୟର୍ଥରେ ପରିଣତ ହେଉଅଛି । ତୁମେ ଜୀବନର ଯେଉଁ ଲକ୍ଷ୍ୟ ସମ୍ବନ୍ଧେ କହୁଛ ତାହାର ଶୁଦ୍ଧ ସ୍ୱରୂପ ହେଲା ଏହି – ଦ୍ୱନ୍ଦ୍ୱରୁ ମୁକ୍ତି, ପରମାନନ୍ଦ, ପରମ ଶାନ୍ତିମୟ ଜୀବନ-ଯାପନ । ଏହି ପରମାନନ୍ଦ, ଭୋଜନ-ବସ୍ତ୍ର ପ୍ରାପ୍ତ ହେଲେ, ପରିବାର ପ୍ରସନ୍ନତାରେ ରହିଲେ ବା ନାମ-ଯଶଃର ବୃଦ୍ଧି ହେଲେ ପ୍ରାପ୍ତ ହୁଏ ନାହିଁ । ସାଂସାରିକ ସକଳ ବସ୍ତୁ ନଶ୍ୱର; ସେଥିରେ ମନୁଷ୍ୟକୁ ସ୍ଥାୟୀ ସୁଖ କେବେ ବି ମିଳେ ନାହିଁ, ସର୍ବଦା ସୁଖ ସଙ୍ଗେ ଦୁଃଖ ମିଶି ଥାଏ । କିନ୍ତୁ ମନୁଷ୍ୟ ଚାହେଁ, କେବଳ ସୁଖ ଓ ଅବିମିଶ୍ର ଆନନ୍ଦ । ମନୁଷ୍ୟ ଅଜ୍ଞାନତାବଶତଃ ଯେଉଁ ଆନନ୍ଦ ଚାହେଁ, ତାହାର ଶୁଦ୍ଧ ସ୍ୱରୂପହିଁ ପରମାନନ୍ଦ; ସେହି ପରମାନନ୍ଦହିଁ ଭଗବାନ୍ । କିନ୍ତୁ ସେ ଭ୍ରମରେ ସେହି ପରମାନନ୍ଦଙ୍କୁ ସଂସାର ବିଷୟରେ ଚାହେଁ, ସେହି ସକାଶେ ତାକୁ ମିଳେ ନାହିଁ । ଭଗବାନଙ୍କ ସ୍ୱରୂପ ହେଲା ସତ୍-ଚିତ୍-ଆନନ୍ଦ, ପରମ ଆନନ୍ଦ, ବ୍ରହ୍ମନ୍; ଯେଉଁ ବ୍ରହ୍ମ ସେହି ରାମ, କୃଷ୍ଣ, ବିଷ୍ଣୁ ରୂପେ ଅବତାର ନିଅନ୍ତି । ନାମରେ କିଛି ଯାଏ ଆସେ ନାହିଁ । ଭଗବାନ୍ ଶବ୍ଦକୁ ବାଦ୍ ଦିଅ । ପରମାନନ୍ଦ ପ୍ରାପ୍ତି ମନୁଷ୍ୟର ଚରମ ଲକ୍ଷ୍ୟ, ଏହା ତୁମେ ସ୍ୱୀକାର କରୁଛ, ଏଥିରେ କାହାରି ପ୍ରତିବାଦ କରିବାର କିଛି ନାହିଁ । କିନ୍ତୁ ମନୁଷ୍ୟ ସଂସାରରେ ଯେଉଁ କାର୍ଯ୍ୟ କରୁଛି ସେହି କାର୍ଯ୍ୟ ତାହାର ଲକ୍ଷ୍ୟ ନୁହେଁ, ପରମାନନ୍ଦହିଁ ଲକ୍ଷ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ପରମାନନ୍ଦକୁ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ଜନ୍ମ-ମରଣଦ୍ୱନ୍ଦ୍ୱରୁ ମୁକ୍ତ ହେବ ନାହିଁ । ଭଗବାନ୍ ଅଛନ୍ତି କି ନାହିଁ,– ଏ ବିଷୟରେ ବାଦବିବାଦ କରିବାର ଆଉ ଆବଶ୍ୟକତା ନାହିଁ । ସର୍ବସମ୍ମତ ସିଦ୍ଧାନ୍ତ ହେଲା ମନୁଷ୍ୟକୁ ଅବିମିଶ୍ର ଆନନ୍ଦ ପ୍ରାପ୍ତି କରିବାକୁ ହେବ । ଏହି ଆନନ୍ଦ କୌଣସି ସାଂସାରିକ ବସ୍ତୁରେ ପ୍ରାପ୍ତ ହେବ ନାହିଁ, ହେବ ନିଜ ମଧ୍ୟରେ । ଏହି ଆନନ୍ଦ ପ୍ରାପ୍ତି କରିବାକୁ ପ୍ରଯତ୍ନ କଲେ ସ୍ୱୟଂ ବୁଝିପାରିବେ ଭଗବାନ୍ ସତ୍ୟ ଅଥବା ଅସତ୍ୟ । ସେତେବେଳେ କାହାରିକୁ ପଚାରିବାକୁ ପଡ଼ିବ ନାହିଁ । ଯେଉଁମାନେ ନିଜ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ କିଂବା ଜାଣିବାକୁ ଚାହାନ୍ତି ନାହିଁ,

ସେମାନେ ଶୁଖିଲା ଯୁକ୍ତି କରନ୍ତି । ନିଜ ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ଭଗବତ୍ ଜ୍ଞାନ ଅବଶ୍ୟ ହୁଏ । କାରଣ ଅବିମିଶ୍ର ସୁଖପ୍ରାପ୍ତ କରିବାକୁ ହେଲେ ତାହାର ସାଧନ ହେବ — ସତ୍ୟ, ସନ୍ତୋଷ, ଦୟା ନିଃସ୍ୱାର୍ଥ ଆଚରଣ ଏବଂ ହିଂସା-ଦ୍ୱେଷ-ଈର୍ଷ୍ୟା-ବିରୋଧ-ସ୍ୱାର୍ଥ ଆଦି ଦୁର୍ଗୁଣ ତ୍ୟାଗ । ଏହିପରି ଆଚରଣରେ ହୃଦୟ ଶୁଦ୍ଧ ହୁଏ, ସତ୍ୟାସତ୍ୟର ଜ୍ଞାନ ହୁଏ । ଜ୍ଞାନ ଦ୍ୱାରାହିଁ ଭଗବାନଙ୍କୁ ଜାଣି ହୁଏ ।

*

ପ୍ରଶ୍ନ : ଏହି ଯେଉଁ ସଦ୍‌ଗୁଣ ଆଚରଣ ଓ ଅସଦ୍‌ଗୁଣ ତ୍ୟାଗ ଦ୍ୱାରା ପରମାନନ୍ଦ ପ୍ରାପ୍ତି ବୋଲି କହିଲେ, ତାହାର ଉପାୟ କ'ଣ ?

ଉତ୍ତର : ଏହାର ଉପାୟ ପୁରାତନ ଯୋଗରେ ଭିନ୍ନ ଭିନ୍ନ ରୂପେ ଯଦିଓ ନିର୍ଦ୍ଦେଶିତ ହୋଇଅଛି ତଥାପି ଏପର୍ଯ୍ୟନ୍ତ ମନୁଷ୍ୟ ପୂର୍ଣ୍ଣ ରୂପେ ଏହାକୁ ସମସ୍ତ ସତ୍ତାରେ ଉପଲବ୍ଧି କରିପାରି ନାହିଁ; ଏହା ପୂର୍ଣ୍ଣ ରୂପେ, ସମସ୍ତ ସତ୍ତାରେ ମନୁଷ୍ୟ ଉପଲବ୍ଧି କରେ 'ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗ'ରେ ।

*

ପ୍ରଶ୍ନ : ବୈଦିକ ଯୁଗରେ ଏତେ ବଡ଼ ବଡ଼ ଋଷି, ମୁନି ଆଧୁନିକ ଯୁଗରେ କେତେ ବଡ଼ ବଡ଼ ମହାତ୍ମା, ମହାପୁରୁଷ ଆସି ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କଲେ, ସେମାନଙ୍କର ଯଦି ପୂର୍ଣ୍ଣତା ପ୍ରାପ୍ତି ହୋଇପାରିଲା ନାହିଁ, କେବଳ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହେବ କିପରି ?

ଉତ୍ତର : ଘରର ନକ୍‌ସା ବା କୌଣସି ବଡ଼ ବଡ଼ କଳକାରଖାନାର ନକ୍‌ସା ତିଆରି କରନ୍ତି ବଡ଼ ଇଞ୍ଜିନିୟର୍ । ସେହି ନିର୍ଦ୍ଦେଶ ଦିଅନ୍ତି; କିନ୍ତୁ ଦିନକରେ କିଂବା ଏକ ସମୟରେ ତାହା ପୂର୍ଣ୍ଣ ହୁଏ ନାହିଁ । ଭିନ୍ନ ଭିନ୍ନ ବ୍ୟକ୍ତି କାର୍ଯ୍ୟ କରନ୍ତି ଏବଂ ଶେଷରେ ଯେଉଁ ବ୍ୟକ୍ତି କାର୍ଯ୍ୟ ସମାପ୍ତ କରନ୍ତି ତାଙ୍କରି ଦ୍ୱାରା କାର୍ଯ୍ୟ ପୂର୍ଣ୍ଣ ହୁଏ । ଠିକ୍ ସେହିପରି ଏହି ସଂସାର ଭଗବାନଙ୍କର । ଏହି ସଂସାରରେ ଯେଉଁ ସମୟରେ ଯେଉଁ ସତ୍ୟ ମନୁଷ୍ୟ-ସମାଜ ପାଇଁ ଯେପରି ଆବଶ୍ୟକ ହୁଏ ସେହି ଅନୁସାରେ ଭଗବାନ୍ ବ୍ୟବସ୍ଥା କରନ୍ତି । ନିଜେ ଅବତାର ନେଇ ଅଥବା ବିଭୂତି-ମହାପୁରୁଷଙ୍କୁ ପଠାଇ ସମୟୋପଯୋଗୀ ସତ୍ୟର ଶିକ୍ଷା ମନୁଷ୍ୟକୁ ଦିଅନ୍ତି । ଏଥିରେ ବଡ଼ସାନର ପ୍ରଶ୍ନ ନାହିଁ, ଏପରି ଧାରଣା ସଂକୁଚିତ, ଅଶୁଦ୍ଧ ଓ ସୀମିତ ମନର । ବୁଦ୍ଧଦେବଙ୍କ ସମୟୋପଯୋଗୀ ଶିକ୍ଷାର ପରେ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଆସି ସେହି ସମୟର ମାନବ ଚେତନାର ଅନୁକୂଳ ଶିକ୍ଷା ଦେଲେ । ବର୍ତ୍ତମାନ ସେହି ପୁରାତନ ଅଧ୍ୟାତ୍ମ-ଶିକ୍ଷା ମନୁଷ୍ୟ-ଚେତନାର ଅନୁକୂଳ ନୁହେଁ, ସେଥିରେ ପୂର୍ଣ୍ଣତା ମଧ୍ୟ ନାହିଁ । ସେଥିପାଇଁ ମା'ଶ୍ରୀଅରବିନ୍ଦ ଆସି ଏହି ଯୁଗୋପଯୋଗୀ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଶିକ୍ଷା ମାନବସମାଜ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି ।

*

ପ୍ରଶ୍ନ : ପୁରାତନ ଅଧ୍ୟାତ୍ମ ଶିକ୍ଷାରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହୁଏ, ଏହି ଉଭୟ ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ମନୁଷ୍ୟର ଯେଉଁ ଲକ୍ଷ୍ୟ ପରମାନନ୍ଦ, ତାହା ସେ ଚାହେଁ ମନରେ, ପ୍ରାଣରେ, ଶରୀରରେ, ସମାଜରେ, ଦେଶରେ ଓ ସକଳ କ୍ଷେତ୍ରରେ, ଖାଲି ଆତ୍ମାରେ ନୁହେଁ । ପୁରାତନ ସମସ୍ତ ଯୋଗ ମନୁଷ୍ୟର ଏହି ଚାହିଦା ପୂରା କରେ ନାହିଁ; ଶରୀର-ମନ-ପ୍ରାଣର ଚାହିଦାକୁ ବାଦ୍ ଦେଇ, ଘର-ପରିବାର-ସମାଜକୁ ତ୍ୟାଗ କରି, କେବଳ ଆତ୍ମାକୁ ପରମାନନ୍ଦ ପ୍ରାପ୍ତ କରାଏ । ସେଥିପାଇଁ ମନୁଷ୍ୟର ଉପଲବ୍ଧି ଅପୂର୍ଣ୍ଣ ରହେ । ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ଆତ୍ମା, ମନ, ପ୍ରାଣ, ଶରୀର ସମସ୍ତ ଆସିଛି ଭଗବାନଙ୍କଠାରୁ । ସଂସାର ହେଲା ଭଗବାନଙ୍କ ରୂପ, ''ଏକୋଽହଂ ବହୁସ୍ୟାମ୍'' । ଆତ୍ମା ଶୁଦ୍ଧସ୍ୱରୂପରେ ଅଛି; ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ତା'ର ମୂଳ-ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି । ଏସବୁକୁ ତ୍ୟାଗ କରିବାକୁ ହୁଏ ନାହିଁ । ଆତ୍ମା ଯେପରି ପରମାନନ୍ଦ ଉପଲବ୍ଧି କରେ, ଏସବୁ ବି ସେହିପରି ପରମାନନ୍ଦ ଉପଲବ୍ଧି କରନ୍ତି ।

*

ପ୍ରଶ୍ନ : ମନ-ପ୍ରାଣ-ଶରୀରରେ ପୂର୍ଣ୍ଣତା ଏବଂ ପରମାନନ୍ଦ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ କାମ୍ୟ । ଯେଉଁମାନେ ପୁରାତନ ଯୋଗର ସାଧକ, ଯେଉଁମାନଙ୍କର ଗୁରୁ ଅଛନ୍ତି, ସେମାନେ ନିଜର ସାଧନା, ନିଜ ଗୁରୁଙ୍କୁ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ଅନ୍ୟ ଗୁରୁଙ୍କୁ ଗ୍ରହଣ କରିବେ କିପରି ? ଶାସ୍ତ୍ରରେ ଗୁରୁନିଷ୍ଠାର ବହୁତ ମହତ୍ତ୍ୱ, ଗୁରୁତ୍ୟାଗର ବହୁତ ଅପରାଧ କୁହାହୋଇଛି । ଏହାର ସମାଧାନ କ'ଣ ?

ଉତ୍ତର : ମନୁଷ୍ୟ ଯେଉଁ ସାଧନା କରେ, ଯେଉଁ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିଥାଏ ତାକୁ ଏକେବାରେ ତ୍ୟାଗ କରି ଅନ୍ୟ ଏକ ନୂତନ ବସ୍ତୁ ଗ୍ରହଣ କଲେ ସାଧନା ତ୍ୟାଗ ବା ଗୁରୁତ୍ୟାଗ ହୁଏ । କିଛି ବି ଛାଡ଼ି ଅଧିକ କିଛି ଗ୍ରହଣ କରିବାରେ ପୁରାତନ ଯୋଗ ଛାଡ଼ିବା ହୁଏ ନାହିଁ କିଂବା ଗୁରୁଙ୍କୁ ପରିତ୍ୟାଗ କରାହୁଏ ନାହିଁ ।

ପିଲା ନିମ୍ନ ପ୍ରାଇମେରୀରେ ଯାହା ଶିକ୍ଷା ଲାଭ କରିଥାଏ, ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ ପୂର୍ବ ଶିକ୍ଷାକୁ ତ୍ୟାଗ କରି ନୂତନ ଶିକ୍ଷା ଗ୍ରହଣ କରେ ନା ପୂର୍ବ ଶିକ୍ଷାକୁ ଆଧାର କରି ତାହାରି ସାହାଯ୍ୟରେ ନୂତନ ଶିକ୍ଷା ଗ୍ରହଣ କରେ ? ଏଥିରେ ଯଦି ପୂର୍ବ ଶିକ୍ଷା ତ୍ୟାଗ ହୁଏ ନାହିଁ, ତେବେ ପୂର୍ବ ଶିକ୍ଷକ ତ୍ୟାଗର ପ୍ରଶ୍ନ ଉଠେ ନାହିଁ । ଏହିପରି ସମସ୍ତ ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ସାଧକ ତାହାର ପୁରାତନ ଶିକ୍ଷାକୁ ତ୍ୟାଗ ନ କରି ଶ୍ରୀଅରବିନ୍ଦଙ୍କ ଯୋଗକୁ ନୂତନ ରୂପେ ଗ୍ରହଣ କରେ ଏବଂ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ । ପ୍ରତ୍ୟେକ ମନୁଷ୍ୟର ପୂର୍ଣ୍ଣତା ହେଲା କାମ୍ୟ । ସେଥିପାଇଁ ସମସ୍ତ ସଂପ୍ରଦାୟର ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ସେମାନଙ୍କର ପୂର୍ବ ସାଧନା ଏବଂ ଲକ୍ଷ୍ୟ ପୂର୍ଣ୍ଣ ହୁଏ ।

*

ପ୍ରଶ୍ନ : ଛାତ୍ରର ଯେଉଁ ଉଦାହରଣ ଦେଲେ, ଏହା ନୂତନ ନୁହେଁ, ପୁରାତନ । ଏହି ଉଦାହରଣ ଥିବା ସତ୍ତ୍ୱେ ଶାସ୍ତ୍ର ଏବଂ ଶ୍ରେଷ୍ଠ ବ୍ୟକ୍ତିମାନେ ଗୁରୁତ୍ୟାଗ ଓ ସାଧନା ମାର୍ଗ ତ୍ୟାଗକୁ ନିଷେଧ ଘୋଷଣା କଲେ କାହିଁକି ?

ଉତ୍ତର : ସେତେବେଳେ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟାତ୍ମକ ପୂର୍ଣ୍ଣଯୋଗର ଆବିଷ୍କାର ହୋଇ ନ ଥିଲା । ସେ ସମୟରେ ପ୍ରତ୍ୟେକ ଯୋଗ, ଏକ ଅନ୍ୟର ବିରୋଧୀ ଥିଲା । ଗୋଟିଏ ସାଧନା ମାର୍ଗ ଛାଡ଼ି ଯଦି ଅନ୍ୟ ସାଧନା ମାର୍ଗ ଗ୍ରହଣ କରିବାକୁ ହେଉଥିଲା ତେବେ ପଶ୍ଚିମ ଦିଗର ଯାତ୍ରୀ ସଦୃଶ ପଶ୍ଚିମ ଦିଗରୁ ଫେରି ପୂର୍ବ ଦିଗକୁ ଯାତ୍ରାରମ୍ଭ କରିବାକୁ ହେଉଥିଲା, ଅର୍ଥାତ୍ ପୂର୍ବ ସାଧନା ଏକେବାରେ ଛାଡ଼ି ନୂତନ ସାଧନା ପ୍ରଣାଳୀ ଗ୍ରହଣ କରିବାକୁ ହେଉଥିଲା ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଏପରି ନୁହେଁ । ପୂର୍ବ ଯୋଗ ପରି ଭଗବାନଙ୍କର ଗୋଟିଏ ଗୋଟିଏ ଦିଗ ସାକାର, ନିରାକାର ବା ଭକ୍ତି ଅଥବା ଜ୍ଞାନ ଆଦି ମଧ୍ୟରୁ ଗୋଟିକୁ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ କରାଯାଏ ନାହିଁ, ପ୍ରାପ୍ତ କରାଯାଏ ଭଗବାନଙ୍କର ସାକାର, ନିରାକାର, ଜ୍ଞାନ, ଭକ୍ତି, ସତ୍-ଚିତ୍-ଆନନ୍ଦ ପୂର୍ଣ୍ଣ ସ୍ୱରୂପକୁ । ଯେଉଁ ସଚ୍ଚିଦାନନ୍ଦଙ୍କର ଗୋଟିଏ ଦିଗ ସାକାର, ଅନ୍ୟ ଗୋଟିଏ ଦିଗ ନିରାକାର; ଏକ ସଙ୍ଗେ ସେ ଉଭୟର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ତତ୍ତ୍ୱ ରୂପେ ବିଦ୍ୟମାନ । ତାଙ୍କର ସ୍ୱରୂପହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଭକ୍ତି ଓ ପୂର୍ଣ୍ଣଶାନ୍ତି ।

''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗରେ ଭଗବାନଙ୍କ ଅସ୍ତିତ୍ୱ, ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ପାର୍ଥକ୍ୟ କ'ଣ, ଏବଂ ପୂର୍ଣ୍ଣତା କ'ଣ, ସମସ୍ତ ପୁରାତନ ଯୋଗର ସାଧକମାନଙ୍କୁ ଶ୍ରୀଅରବିନ୍ଦ ଯୋଗ-ଗ୍ରହଣର ଆବଶ୍ୟକତା, ପୂର୍ବ ଗୁରୁଙ୍କୁ ତ୍ୟାଗ ନ କରି କିପରି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରାଯାଏ,— ଏସବୁ ବିଷୟରେ ଶାସ୍ତ୍ରାନୁକୂଳ ଯୁକ୍ତିତର୍କ ଦ୍ୱାରା ଆଲୋଚନା ହୋଇଅଛି । ଏଠାରେ କଳେବର ବୃଦ୍ଧି ନ କରିବା ପାଇଁ ଏହିସବୁ ବିଷୟ ବହୁତ ସଂକ୍ଷେପରେ ଆଲୋଚିତ ହେଲା ।

*

ପ୍ରଶ୍ନ : ସଂସାରର କାର୍ଯ୍ୟ, ଚାକିରି ଅଧ୍ୟାତ୍ମ ସାଧନାରେ ବାଧକ ବୋଲି ପ୍ରତୀତ ହେଉଛି, ଏହାକୁ କ'ଣ ତ୍ୟାଗ କରିବାକୁ ହେବ ?

ଉତ୍ତର : ନା, ତ୍ୟାଗ କରିବାକୁ ହେବ ନାହିଁ, ଏହି ସାଂସାରିକ କର୍ମ ଓ ଚାକିରି-କର୍ମରେ ଭଗବାନଙ୍କୁ ପ୍ରଘଟ

କରିବାକୁ ହେବ । ଅର୍ଥାତ୍ ପ୍ରଥମରେ ପ୍ରତ୍ୟେକ କର୍ମ କରି ଭଗବାନଙ୍କୁ ଅର୍ପଣ କରନ୍ତୁ । ପରେ ସାଧନାରେ ଆଉ କିଛି ଦୂର ଅଗ୍ରସର ହେଲେ ଭାଗବତୀ ଶକ୍ତି ଆପଣଙ୍କ ମଧ୍ୟରେ କର୍ମ କରୁଛନ୍ତି ବୋଲି ଅନୁଭୂତିରେ ପ୍ରାପ୍ତ ହେବ । ଏହି ବିଷୟ ଅନେକ ସ୍ଥାନରେ ଆଲୋଚିତ ହୋଇଛି ।

*

ପ୍ରଶ୍ନ : ନିଜକୁ ଅସହାୟ ମନେ କରୁଛି, ମା'ଙ୍କ ପାଖରୁ ଦୂର ହୋଇଯିବା ପରି ମନେହେଉଛି, ସାଧନା ଦୁଃସାଧ୍ୟ ପ୍ରତୀତ ହେଉଛି, ଏହାର ପ୍ରତିକାର କ'ଣ ?

ଉତ୍ତର : ଏହିସବୁ ବିଚାର ଏବଂ ଧାରଣାକୁ ତ୍ୟାଗ କରିବାହିଁ ଏହାର ପ୍ରତିକାର । ଏହିସବୁ ଧାରଣା ବିରୋଧୀ ଶକ୍ତିର । ମନୁଷ୍ୟ ମଧ୍ୟରେ ବହୁତ ଭାଗ ଅଛି; ବ୍ୟକ୍ତି ସାଧନାରେ ପ୍ରବୃତ୍ତ ହେଲେ ସାଧନାର ଚାପ, ଭାଗବତୀ ଶକ୍ତି ଓ ଜ୍ୟୋତିଃର ପ୍ରଭାବ ସମସ୍ତ ଭାଗରେ ପଡ଼େ । ଯେଉଁ ଭାଗକୁ ଭାଗବତୀ ଶକ୍ତି ରୂପାନ୍ତର କରିବାକୁ ଚାହେଁ, ତାହାରି ଉପରେ ଅଧିକ ଚାପ ଦିଏ । ସେହି ଭାଗ ବହୁତ ଦିନରୁ ନିଜ ବାସନା, କାମନାର ତୁଷ୍ଟି କରିବାରେ ଅଭ୍ୟସ୍ତ ହୋଇଯାଇଥାଏ; ଭାଗବତୀ ଶକ୍ତିର ଚାପରେ ନିଜ ବାସନା, କାମନା, ପୂର୍ବ ଅଭ୍ୟାସ ଓ ସ୍ୱଭାବ ଛାଡ଼ିବାକୁ ପ୍ରସ୍ତୁତ ନ ହୋଇ ରୂପାନ୍ତରର ବିରୋଧ କରେ, ଆଉ ନାନା ପ୍ରକାର ବିରୋଧୀ ପରାମର୍ଶ ସାଧକକୁ ଦିଏ । ଏହିସବୁ ପରାମର୍ଶ ପ୍ରାଣଗତ ମନର । ଏହାକୁ ବରାବର ତ୍ୟାଗ କରିବାକୁ ହେବ । ସେହି ବିରୋଧୀ ପରାମର୍ଶର ଉତ୍ତରରେ କହିବାକୁ ହେବ, ''ମା' କେବେ ବି ଦୂରକୁ ଯାଆନ୍ତି ନାହିଁ, ତାଙ୍କ ଉପସ୍ଥିତି ସର୍ବଦା ଅବିଚ୍ଛିନ୍ନ ରୂପେ ରହିଛି । କାରଣ ଅନ୍ତରାତ୍ମା (Psychic Being)ର ମା'ଙ୍କ ସଙ୍ଗେ ନିତ୍ୟ ସମ୍ବନ୍ଧ, ତାଙ୍କୁ ଛାଡ଼ି ସେ ରହିପାରେ ନାହିଁ, ଅନ୍ତରାତ୍ମାଙ୍କ ମଧ୍ୟରେ ମା' ନିତ୍ୟ ବାସ କରନ୍ତି, ଅନ୍ତରାତ୍ମା ଶରୀର ମଧ୍ୟରେ ନିବାସ କରେ ।'' ସାଧନା କରନ୍ତି ଭାଗବତୀ ଶକ୍ତି, ସାଧକକୁ କେବଳ ମା'ଙ୍କ ଚରଣରେ ସମର୍ପଣ କରିବାକୁ ହୁଏ, ଅତଏବ ସାଧକ ଯଦି ନିଜେ ସାଧନା କରନ୍ତା ତେବେ ତାହା ଦୁଃସାଧ୍ୟ ହୋଇପାରନ୍ତା । ଭାଗବତୀ ଶକ୍ତି ସାଧନା କରୁଥିବାରୁ ତାଙ୍କ ସକାଶେ କିଛି ବି ଦୁଃସାଧ୍ୟ ନୁହେଁ । ସାଧକ କେବେ ବି ଅସହାୟ ନୁହେଁ, ମା' ବରାବର ସାଧକ ସଙ୍ଗେ ରହିଥା'ନ୍ତି । ସାଧକର ମନ, ପ୍ରାଣ ଯେତେ ଶୁଦ୍ଧ ହୁଏ ସେ ସେତେ ପରିମାଣରେ ମା'ଙ୍କ ଉପସ୍ଥିତି ବୁଝିପାରେ ।

ଆପଣ ନିୟମିତ ରୂପେ ଧ୍ୟାନ କରୁଥା'ନ୍ତୁ । ମନୁଷ୍ୟ ଭଗବାନଙ୍କ ଆଶ୍ରୟ ନେଲେ ତା' ସକାଶେ ଅସମ୍ଭବ ବୋଲି କିଛି ରହେ ନାହିଁ । ସାଧନାର ଚାବିକାଠି ହେଲା ଦୁଇଟି ବସ୍ତୁ : ଗୋଟିଏ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ, ପୂର୍ଣ୍ଣ ନିର୍ଭରତା ରଖିବା, ଅନ୍ୟଟି ଧୈର୍ଯ୍ୟ ରଖି, ହତୋତ୍ସାହ ନ ହୋଇ, ସଫଳତା ଓ ବିଫଳତା, ସକଳ ଅବସ୍ଥାରେ ସାଧନା କରିଚାଲିବା । ଏହି ଦୁଇଟି ବସ୍ତୁ ଥିଲେ ସାଧକର ଲକ୍ଷ୍ୟରେ ପହଞ୍ଚିବା ଧ୍ରୁବ ନିଶ୍ଚିତ ।

ସାଧନା ସଫଳତା ଓ ବିଫଳତା ମଧ୍ୟ ଦେଇ ଗତି କରେ । ଏକେବାରେ ସଫଳତା ହୁଏ ନାହିଁ । ସାଧନାରେ ବିଫଳତାର ଆବଶ୍ୟକତା ଥାଏ । ଏହି ବିଫଳତା ଦ୍ୱାରା ସାଧକର ଅଭୀପ୍ସା ବଢ଼େ, ସାଧନାରେ ତୀବ୍ରତା ଆସେ, ବିଫଳତାର କାରଣ ଜାଣିବାର ଜ୍ଞାନ ପ୍ରାପ୍ତ ହୁଏ, ଭଗବାନଙ୍କ ଶକ୍ତିର ସାହାଯ୍ୟ ଅଧିକାଧିକ ଚାହେଁ ଏବଂ ଏହିସବୁ ଦ୍ୱାରା ତାହା ମଧ୍ୟରେ କ୍ଷେତ୍ର ପ୍ରସ୍ତୁତ ହୁଏ । କିନ୍ତୁ ବିଫଳତାକୁ ଚାହିଁବା ଭୁଲ୍ ।

ଯେଉଁ ସ୍ଥାନରେ ପାଠଚକ୍ର ଖୋଲା ହେଉଛି ସେଠାରେ ଲୋକଙ୍କ ପାଖରେ ''ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ'' ଏବଂ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟମାଳା'' ପହଞ୍ଚିବା ଉଚିତ । ଏସବୁ ସାଧନାରେ ବିଶେଷ ସାହାଯ୍ୟ କରେ ।

*

ପ୍ରଶ୍ନ : ଶାସ୍ତ୍ରରେ ଅଛି ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' । ତେବେ ପାର୍ଥିବ ଶରୀର ରୂପାନ୍ତର ହେବ କିପରି ଓ କାହିଁକି ? ମିଥ୍ୟା ବସ୍ତୁର ରୂପାନ୍ତରର ଅର୍ଥ କ'ଣ ?

ଉତ୍ତର : ଯଦି ସବୁ ମିଥ୍ୟା, ତେବେ ତୁମ ଶରୀର ମିଥ୍ୟା, ତୁମ ବାକ୍ୟ ମିଥ୍ୟା, ତୁମ ପ୍ରଶ୍ନ ମିଥ୍ୟା; ଫେର୍ ଉତ୍ତରର ଆବଶ୍ୟକତା କ'ଣ ? ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା''– ଯଦି ଜଗତ୍ ଯଥାର୍ଥରେ ମିଥ୍ୟା ହୁଏ ତେବେ ଜଗତର

ସମସ୍ତ କାର୍ଯ୍ୟ ମିଥ୍ୟା ହେବ, ସୁତରାଂ ଶାସ୍ତ୍ର ସତ୍ୟ ହେବ କିପରି ? ସତ୍ୟ ବସ୍ତୁ ଶାଶ୍ୱତ, ବ୍ରହ୍ମ ସତ୍ୟ ହେବାରୁ ସେ ଅନାଦି; ତାଙ୍କ ଛଡ଼ା ଅନ୍ୟ କିଛି ନ ଥିଲା । ତେବେ ''ଏ ସଂସାର ମିଥ୍ୟା''– ଏକଥା କହିଲା କିଏ ? ଯଦି ସଂସାର ସତ୍ୟ ନୁହେଁ, ମିଥ୍ୟା; ତେବେ ମିଥ୍ୟାକୁ ମିଥ୍ୟା ବୋଲି ଘୋଷଣା କରିବାର ଆବଶ୍ୟକତା କ'ଣ ଥିଲା ? ଫେର୍ ସଂସାର ଆସିଲା କେଉଁଠୁ ? ଏହା କ'ଣ ଶୂନ୍ୟରୁ ଖସି ପଡ଼ିଲା ? ''ସଂସାର ଅସତ୍ ଏହା ଭଗବାନଙ୍କର ରଚନା ନୁହେଁ, ସେ ପାଳନ ଓ ସଂହାର କରନ୍ତି ନାହିଁ ।'' ଯଦି ଏହା ଠିକ୍ ହୁଏ ତେବେ ଭଗବାନ୍ ନିରାକାର ନିଷ୍କ୍ରିୟ ସତ୍ତା, ନିଷ୍କ୍ରିୟ ସତ୍ତା ଦ୍ୱାରା କୌଣସି ସର୍ଜନା ହୋଇପାରେ ନାହିଁ, ଏହି ସିଦ୍ଧାନ୍ତ ମାନି ନେଲେ ଏହା ସ୍ୱୀକାର କରିବାକୁ ହେବ ଯେ ସଂସାର, ଶାସ୍ତ୍ର, ତୁମେ, ଆମେ ସମସ୍ତ ମିଥ୍ୟା । ପେଟ ଟାଣିବା, ଆଖିରେ ବାଲି ରଗଡ଼ି ହେବା, କଙ୍କଡ଼ା ବିଛା କାମୁଡ଼ିଲେ ବିନ୍ଧିବା, ତୀବ୍ର ପିପାସାରେ ଜଳ ଚାହିଁବା – ସବୁ ମିଥ୍ୟା । ସବୁ ମିଥ୍ୟା ହେଲେ ତୁମେ, ଆମେ, ତୁମର ପ୍ରଶ୍ନ, ଆମର ଉତ୍ତର – ଏସବୁ ମିଥ୍ୟା । ମୁହଁରେ କହୁ ଥାଇଁ ସଂସାର ମିଥ୍ୟା, କିନ୍ତୁ କରୁଥାଇଁ କ'ଣ ? ନଈ ପହଁରିବା ସମୟରେ ବୁଡ଼ିଯାଇ ଶ୍ୱାସ ବନ୍ଦ ହେବା ସମୟରେ ସଂସାର ମିଥ୍ୟା ବୋଲି ମନେ ପଡ଼େ କି ?

କେହି ଯଦି ଅପମାନ କରି ଗାଳି ଦିଏ, ତେବେ ରାଗରେ ରାତିରେ ନିଦ ହୁଏ ନାହିଁ । ପେଟରେ ବ୍ୟଥା ହେଲେ ଡାକ୍ତରଖାନାରେ ଅପରେସନ୍ ନ କରାଇବା ଯାଏ ନିଃଶ୍ୱାସ ମାରି ହୁଏ ନାହିଁ । କେହି କେହି ଅନ୍ୟର ଗଳାକାଟି ତାହାର ସମ୍ପତ୍ତି ନିଜ ପିଲାମାନଙ୍କ ଉଦର-ପୋଷଣରେ ଲାଗାଇବାରେ ଲେଶମାତ୍ର ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଦିନରାତି ଖଟି, ମିଛ କହି, କଳିକଜିଆ କରି କେବଳ ନିଜ ସୁଖ-ସୁବିଧା ପାଇଁ ଯତ୍ନ କରନ୍ତି; ଆଉ କହିଥା'ନ୍ତି – ସଂସାର ମାୟା ଓ ସ୍ୱପ୍ନ । ସମସ୍ତ ସଂସାରରେ ଦେଶ ଦେଶ ପ୍ରତି, ଜାତି ଜାତି ପ୍ରତି, ସଂଘ ସଂଘ ପ୍ରତି, ପିତା ପୁତ୍ର ପ୍ରତି ଏବଂ ସ୍ତ୍ରୀ ସ୍ୱାମୀ ପ୍ରତି ବିଶ୍ୱାସ ରଖିବାରେ ଅସମର୍ଥ । ଏକ ସମ୍ଭ୍ରାନ୍ତ ପରିବାରରେ ମୁଁ ସ୍ୱୟଂ ଦେଖିଛି – ସ୍ୱାମୀ ସ୍ତ୍ରୀ ମଧ୍ୟରେ ମୋକଦ୍ଦମା ଲାଗିଥାଏ, ଦୁଇଜଣଙ୍କୁ ଦେଖି ମନେହୁଏ ଯେପରି ଶରୀର ଦୁଇଟି, କିନ୍ତୁ ଆତ୍ମା ଏକ । କିନ୍ତୁ କୌଣସି କାଗଜରେ ଦସ୍ତଖତ୍ କରିବା ସମୟ ଆସିଲେ ସ୍ତ୍ରୀ ନିଜ ଓକିଲକୁ ନ ପଚାରି ଦସ୍ତଖତ୍ କରେ ନାହିଁ । ସ୍ୱାମୀଠାରୁ ଓକିଲ ଅଧିକ ବିଶ୍ୱାସର ପାତ୍ର ! ଏହି ମାୟା ଓ ଅସତ୍ୟ ସଂସାରରେ ସୁଖରେ ରହିବା ସକାଶେ ପଢୁଥାଇ, ଚାକିରି କରୁଥାଇ, ପରସ୍ପର ସାମଞ୍ଜସ୍ୟରେ ଜୀବନଯାପନ କରିବା ପାଇଁ ନୈତିକ ଓ ସାମାଜିକ ଜୀବନକୁ ପାଳନ କରୁଥାଇ । ଯଦି ସଂସାର ଅସତ୍ୟ ତେବେ ଏହିସବୁ କରିବା ଆବଶ୍ୟକ ନ ଥିଲା । ମନୁଷ୍ୟ ଜୀବନରେ ସୁଖଶାନ୍ତି ପ୍ରାପ୍ତ ହେବା ଅନିବାର୍ଯ୍ୟ । କ୍ଷୁଧାର୍ତ୍ତକୁ କେତେ ପ୍ରକାର ବୁଝାନ୍ତୁ – ଏ ସଂସାର ଏବଂ କ୍ଷୁଧା ମିଥ୍ୟା; ସେ ଯେପର୍ଯ୍ୟନ୍ତ ଭୋଜନ ନ କରେ, ସେପର୍ଯ୍ୟନ୍ତ ତାକୁ ସନ୍ତୋଷ ଆସେ ନାହିଁ । ସେହିପରି ଏହି ସଂସାରକୁ କେତେ ମିଥ୍ୟା କୁହ, ଯେପର୍ଯ୍ୟନ୍ତ ଯଥାର୍ଥ ସୁଖଶାନ୍ତି ନ ପାଇଛ ସେପର୍ଯ୍ୟନ୍ତ ଉତ୍‌ଥାନପତନ ଦେଇ ଗତି କରୁଥିବ, ସନ୍ତୁଷ୍ଟ ହୋଇ ବସି ରହିବ ନାହିଁ । ଯଥାର୍ଥରେ ଏସଂସାର ଅସତ୍ୟ ନୁହେଁ, ସତ୍ୟ; ଭଗବାନଙ୍କ ଦ୍ୱାରା ଉତ୍ପନ୍ନ । ଭଗବାନ୍ ସକ୍ରିୟ ଓ ନିଷ୍କ୍ରିୟ, ଏକ ସଙ୍ଗେ ପୁରୁଷୋତ୍ତମ । ଭଗବାନହିଁ ସତ୍ୟ ସ୍ୱରୂପ । ସେହି ଭଗବାନ୍ ସଂସାର ରୂପେ ଭିନ୍ନ ଭିନ୍ନ ଆକାରରେ ପ୍ରକଟ ହୋଇଅଛନ୍ତି ।

ଶ୍ରୀଅରବିନ୍ଦ ନିଜ ଜ୍ଞାନ-ଦୃଷ୍ଟିରେ ଦେଖିଲେ ଯେ ଯେପର୍ଯ୍ୟନ୍ତ ମନୁଷ୍ୟର ମନ, ପ୍ରାଣ, ଶରୀର ତାହାର ମୂଳ ସତ୍ୟ-ତତ୍ତ୍ୱରେ ରୂପାନ୍ତରିତ ନ ହୋଇଛି, ସେପର୍ଯ୍ୟନ୍ତ ମନୁଷ୍ୟ ଯଥାର୍ଥ ଏବଂ ସ୍ଥାୟୀ ସୁଖ ପାଇପାରିବ ନାହିଁ । କଥାରେ ଏସଂସାର ମିଥ୍ୟା ହେଉ ବା ସତ୍ୟ ହେଉ ସେ ଦୁଃଖରୁ ନିବୃତ୍ତ ହେବା ହେଲା ଏକମାତ୍ର ଧ୍ୟେୟ । ଏଥିରୁ ନିବୃତ୍ତ ହେବାର ଏକମାତ୍ର ଅମୋଘ ଔଷଧ ହେଲା – ମନ, ପ୍ରାଣ ଓ ଶରୀରର ରୂପାନ୍ତର । ଏହା ମନୁଷ୍ୟର ସ୍ଥୂଳ ଆବଶ୍ୟକତା ସମ୍ବନ୍ଧେ କୁହାଗଲା । ଏବେ ଶାସ୍ତ୍ର ବିଷୟରେ ବିଚାର କରିବା ।

ଶାସ୍ତ୍ର କହିଛି, ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' । ସେହି ଶାସ୍ତ୍ର ମଧ କହିଛି, ''ଏକୋଽହଂ ବହୁସ୍ୟାମ୍'' । ଏହି ଉଭୟ ସିଦ୍ଧାନ୍ତ ପରସ୍ପର ବିରୋଧୀ ଏବଂ ଏହି ବିରୋଧୀ ସିଦ୍ଧାନ୍ତ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଚାଲି ଆସୁଅଛି । ଆଧୁନିକ ଯୁଗରେ ''ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା'' ସିଦ୍ଧାନ୍ତକୁ ଶଙ୍କର ମାନନ୍ତି ଏବଂ ''ଏକୋଽହଂ ବହୁସ୍ୟାମ୍'' ସିଦ୍ଧାନ୍ତକୁ ରାମାନୁଜ ମାନନ୍ତି । ଉଭୟ ସିଦ୍ଧାନ୍ତ ବର୍ତ୍ତମାନ ଭାରତବର୍ଷରେ ପ୍ରଚଳିତ ଆଉ ଏହାକୁ ଅନୁସରଣ କରି ବହୁ ସନ୍ଥ,

ମହାତ୍ମା ସମାଜକୁ ସୁଧାରୁ ଅଛନ୍ତି, ନୀତି ସ୍ଥାପନ କରୁଅଛନ୍ତି ଏବଂ ଲକ୍ଷ ଲକ୍ଷ ମୋହଗ୍ରାସିତ ନରନାରୀଙ୍କୁ ମୁକ୍ତିରେ ପହୁଞ୍ଚାଇ ଦେଉଅଛନ୍ତି । ସେମାନଙ୍କୁ ସମାଜ ଆଜି ବି ଗୁରୁ ବା ଆଚାର୍ଯ୍ୟ ରୂପେ ବନ୍ଦନା କରୁଅଛି । ଅତଏବ ଏକ ଅନ୍ୟର ବିରୋଧୀ ହେଲେ ମଧ୍ୟ ଆମ୍ଭେ କାହାରିକୁ ମିଥ୍ୟା ବୋଲି କହି ପାରିବା ନାହିଁ । ତଥାପି ଏହାର ସମାଧାନ କରିପାରୁ ନ ଥାଇଁ, ଏଥିରେ ସାମଞ୍ଜସ୍ୟ ସ୍ଥାପନ କରିପାରୁ ନ ଥାଇଁ ।

ଏହାର ସମାଧାନ ଶ୍ରୀଅରବିନ୍ଦ ତାଙ୍କର ଦର୍ଶନ ଶାସ୍ତ୍ରରେ କରିଅଛନ୍ତି ଏବଂ ଯୋଗ ଦ୍ୱାରା ତାଙ୍କ ଲକ୍ଷ୍ୟରେ ପହୁଞ୍ଚି ସେଥିରେ ସାମଞ୍ଜସ୍ୟ ଦେଖି ଅଛନ୍ତି । ସେ ନିଜେ ଉପଲବ୍ଧି କଲେ ଭଗବାନ୍ ସତ୍‌-ଚିତ୍‌-ଆନନ୍ଦ-ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ । ଏହି ଏକହି ପୁରୁଷୋତ୍ତମ ତତ୍ତ୍ୱକୁ ବେଦୋପନିଷଦ୍ ବା ଗୀତା ବର୍ଣ୍ଣନା କରିଅଛି – ଏହାର ଗୋଟିଏ ଦିଗ ନିର୍ବିଶେଷ ସତ୍ତା, ନିରାକାର, ଅନ୍ୟ ଦିଗଟି ସାକାର, ସୃଷ୍ଟିର ସ୍ରଷ୍ଟା, ପାଳନକର୍ତ୍ତା ଓ ସଂହାର କର୍ତ୍ତା ରୂପେ । ବ୍ରହ୍ମତତ୍ତ୍ୱ ହେଉଛି – ନିରାକାର, ସାକାର, ଏକହି ସଙ୍ଗେ ଉଭୟର ଧାରକ ପୁରୁଷୋତ୍ତମ ତତ୍ତ୍ୱ । ଏହି ତତ୍ତ୍ୱକୁ ଶାସ୍ତ୍ର ଅନ୍ୟାନ୍ୟ ସ୍ଥାନରେ ଗୋଟିଏ ଦିଗକୁ ସକ୍ରିୟ ଏବଂ ଅନ୍ୟ ଦିଗକୁ ନିଷ୍କ୍ରିୟ ବୋଲି ବର୍ଣ୍ଣନା କରିଅଛି ଏବଂ ସାଧକମାନେ ମଧ୍ୟ ଗୋଟିଏ ଗୋଟିଏ ଦିଗକୁ ଉପଲବ୍ଧି କରିଅଛନ୍ତି । ବ୍ରହ୍ମଙ୍କ ପୂର୍ଣ୍ଣରୂପ ଚତୁଷ୍ପାଦ ବିଭୂତିକୁ ଉପଲବ୍ଧି କଲେ, ପୂର୍ବ ବିରୋଧୀ ସିଦ୍ଧାନ୍ତରେ ସାମଞ୍ଜସ୍ୟ ଅଣାଯାଇପାରେ । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପ ଉପଲବ୍ଧ ହୁଏ କେବଳ ଅତିମାନସ ଚେତନାରେ । ସେହି ଚେତନାକୁ ଶ୍ରୀଅରବିନ୍ଦ ପ୍ରାପ୍ତ ହୋଇ ବ୍ରହ୍ମଙ୍କ ପୂର୍ଣ୍ଣ ସ୍ୱରୂପକୁ ଉପଲବ୍ଧି କରିଅଛନ୍ତି । ଏହି ବିରୋଧୀ ସିଦ୍ଧାନ୍ତର ସମାଧାନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

*

ପ୍ରଶ୍ନ : ଯଦି ଜଗତ୍ ସତ୍ୟ ତେବେ ''ବ୍ରହ୍ମ ସତ୍ୟ ଜଗନ୍ମିଥ୍ୟା ଜୀବ-ବ୍ରହ୍ମୈବ ନାପରଃ'' ଉପନିଷଦ୍ ଏହି ବାକ୍ୟରେ ଜଗତକୁ ମିଥ୍ୟା କାହିଁକି କହିଲା ?

ଉତ୍ତର : ଉପନିଷଦର ଏହି ବାକ୍ୟ ଜଗତ୍ ସମ୍ପୂର୍ଣ୍ଣ ମିଥ୍ୟାକୁ ସମର୍ଥନ କରୁ ନାହିଁ, ସେ କହିଛି ଜୀବ ବ୍ରହ୍ମ ଛଡ଼ା ଅନ୍ୟ କିଛି ନୁହେଁ । ଅର୍ଥାତ୍ ଗୋରୁ, ମନୁଷ୍ୟ, ପଶୁପକ୍ଷୀ ଆଦିର ଏହି ଯେଉଁ ପୃଥକ୍ ବିକୃତ ରୂପ ଏହା ମିଥ୍ୟା ଏବଂ ମାୟା । ଏହି ରୂପର ସତ୍ୟ ସ୍ୱରୂପ ହେଉଛି ବ୍ରହ୍ମ । ଅର୍ଥାତ୍ ବ୍ରହ୍ମ ସ୍ୱୟଂ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ମାୟାର ଆଶ୍ରୟରେ ବିକୃତ ରୂପେ ପୃଥକ୍ ଆକାରରେ ପ୍ରକଟ ହୋଇଅଛି । ଏହା ହୋଇଛି ମାୟାର ସୃଷ୍ଟି ଅହଂ ଦ୍ୱାରା । ଏହି ଅହଂ ଏବଂ ପୃଥକ୍‌ବୋଧର ନାମ ବା ଅର୍ଥ ଜଗତ୍ । ଅତଏବ ଏହି ବିକୃତ ରୂପହିଁ ମାୟା ଏବଂ ମିଥ୍ୟା । ଏହି ବିକୃତ ରୂପ ଅହଂ ଅତିମାନସ ଶକ୍ତି ଦ୍ୱାରା ଏହାର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ରହ୍ମର ଯଥାର୍ଥ ସ୍ୱରୂପ ପ୍ରକାଶିତ ହେବ ।

*

ପ୍ରଶ୍ନ : ଶିବ ମୃତ୍ୟୁଞ୍ଜୟ ହୋଇ ଅମର ନୁହନ୍ତି, ମନୁଷ୍ୟ ଅମର ହେବ କିପରି ?

ଉତ୍ତର : ଶିବ ଯଦି ଅମର ନୁହନ୍ତି, ତେବେ ତାଙ୍କ ନାମ ମୃତ୍ୟୁଞ୍ଜୟ ହେବା ଉଚିତ ନ ଥିଲା । ମୃତ୍ୟୁକୁ ଜୟ କରିବାରୁ ସେ ମୃତ୍ୟୁଞ୍ଜୟ ହେଲେ ।

ମନୁଷ୍ୟ ଯେଉଁ ତତ୍ତ୍ୱରୁ ଉତ୍ପନ୍ନ ହୋଇଅଛି, ସେହି ତତ୍ତ୍ୱ ସତ୍ ଏବଂ ଅବିନାଶୀ । ତାହାର ସେହି ତତ୍ତ୍ୱରେ ରୂପାନ୍ତର ହୋଇଗଲେ ସେ ଅମର ହେବ । 'ଅମର' ଅର୍ଥ ଏହା ନୁହେଁ ଯେ ସେ ତାହାର ଶରୀରକୁ ତ୍ୟାଗ କରିପାରିବ ନାହିଁ । ସେ ନିଜ ଦେହତ୍ୟାଗ କରିବ ନିଜ ଇଚ୍ଛାରେ ଏବଂ ଗ୍ରହଣ କରିବ ନିଜ ସଂକଳ୍ପରେ; ମୃତ୍ୟୁର ଅଧୀନ ହେବ ନାହିଁ କିଂବା ମାତାଗର୍ଭରେ ଆସିବ ନାହିଁ । ସେ ସ୍ୱୟଂ ନ ଚାହିଁଲେ ଶରୀର ତ୍ୟାଗ କରିବ ନାହିଁ ।

ଜଡ଼ରୁ ଉଦ୍ଭିଦ, ପଶୁ, ପକ୍ଷୀ ଆଦି ସ୍ତରକୁ ଅତିକ୍ରମ କରି ପ୍ରାଣୀ ବର୍ତ୍ତମାନ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଅଛି । ଏହିଠାରେ ଅଟକି ଯିବ କାହିଁକି ? ଏହାକୁ ଅତିକ୍ରମ କରି ଅତିମାନସ ସ୍ତରରେ ପହଞ୍ଚିବ । ଏ ସମ୍ବନ୍ଧେ 'ନବଜ୍ୟୋତି'ରେ ବହୁ ପ୍ରବନ୍ଧ ପ୍ରକାଶିତ ହୋଇଛି । ଶ୍ରୀଅରବିନ୍ଦଙ୍କ ଦର୍ଶନରେ ମଧ୍ୟ ଏବିଷୟ ବିଷଦଭାବେ ବର୍ଣ୍ଣିତ ହୋଇଅଛି ।

*

ପ୍ରଶ୍ନ : ନିଜ ଜୀବନର ଦୁଃଖକଷ୍ଟ ଏବଂ ସଂସାରର ବିପରୀତ ପରିସ୍ଥିତିରୁ ଉଦ୍ଧାର ପାଇବାର କୌଣସି ଉପାୟ ନ ଦେଖି ମୃତ୍ୟୁ ବରଣ କରିବାକୁ ଇଚ୍ଛା କରୁଛି । ଏହା କ'ଣ ଠିକ୍ ?

ଉତ୍ତର : ଆପଣ ଜୀବନରେ କେବଳ ଦୁଃଖ ଅନୁଭବ କରିଛନ୍ତି, ସେଥିପାଇଁ ଏହି ସଂସାର ଦୁଃଖମୟ ବୋଧ ହେଉଅଛି । ବାସ୍ତବରେ ତାହା ନୁହେଁ । ଯେଉଁଠାରେ ଦୁଃଖର ଚରମ ସୀମା, ସେହିଠାରେ ଥାଏ ସୁଖର ଅସୀମତାର ଉପଲବ୍ଧି । କିନ୍ତୁ ମାର୍ଗ ହେଲା ଦୁଇଟି । ଗୋଟିଏ ଦୁଃଖର ମାର୍ଗ, ଅନ୍ୟଟି ପରମ ସୁଖ, ପରମ ଶାନ୍ତି ତଥା ପରମ ଆନନ୍ଦର ମାର୍ଗ । ଆନନ୍ଦ ପାଇବାକୁ ହେଲେ ଦୁଃଖ ସଙ୍ଗେ ଯୁଦ୍ଧ କରିବାକୁ ହେବ, ତାକୁ ଅତିକ୍ରମ କରିପାରିଲେ ପରମାନନ୍ଦ ପାଇ ପାରିବେ । ଦୁଃଖକୁ ଭୟ କରି ସେଥିରୁ ପଳାୟନ କଲେ କେବଳ ସେହି ଦୁଃଖ ଭୋଗ କରିବାକୁ ହେବ, ତହିଁରୁ ମୁକ୍ତି ମିଳିବ ନାହିଁ ।

ମୃତ୍ୟୁ ପରେ ମନୁଷ୍ୟ ଶାନ୍ତି ପାଏ, ଏ ଧାରଣା ଏକେବାରେ ଭ୍ରମ । ଏହି ପୃଥିବୀ ହେଉଛି କର୍ମଭୂମି; ଏଠାରେ ଯଦି ସେ ଶାନ୍ତି ପାଇପାରେ ତେବେ ମୃତ୍ୟୁ ପରେ ଶାନ୍ତି ପାଇପାରେ । ଏଠାରେ ଦୁଃଖ ଭୋଗୁଥିବା ଲୋକ ମୃତ୍ୟୁ ପରେ ଅଧିକ ଦୁଃଖ ଭୋଗେ । ଜାଗ୍ରତ ଅବସ୍ଥାରେ ଯେ ଅଶାନ୍ତ ଥାଏ, ନିଦ୍ରାରେ ମଧ୍ୟ ସେ ଅଶାନ୍ତି ଅନୁଭବ କରେ, ଅର୍ଥାତ୍ ଦୁଃଖପୂର୍ଣ୍ଣ ସ୍ୱପ୍ନ ଦେଖେ; ଜାଗ୍ରତ ଅବସ୍ଥାରେ ସୁଖଶାନ୍ତିରେ ଥିଲେ ସ୍ୱପ୍ନରେ ମଧ୍ୟ ଆନନ୍ଦ ଅନୁଭବ କରେ । ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବା ପାଇଁ ମୃତ୍ୟୁ ବରଣ କରିବା ମହା ଭ୍ରମ । ମୃତ୍ୟୁ ପରେ ସ୍ଥୂଳ ଶରୀରକୁ ତ୍ୟାଗ କରାହୁଏ, ମାତ୍ର ସୂକ୍ଷ୍ମ ଶରୀର ପ୍ରାପ୍ତ ହୁଏ । ସେଥିରେ ଈର୍ଷା, ଦ୍ୱେଷ, ଭୟ, କ୍ରୋଧ – ସବୁକିଛି ରହିଥାଏ । ଏହିସବୁ ରିପୁଙ୍କର ସୂକ୍ଷ୍ମ ଶରୀର ଥାଏ । ବ୍ୟକ୍ତିର ସ୍ଥୂଳ ଶରୀର ନଷ୍ଟ ହୋଇଥିବା ଯୋଗୁଁ ତା'ର ରକ୍ଷାକବଚ ନ ଥାଏ । ବ୍ୟକ୍ତିର ସୂକ୍ଷ୍ମ ଶରୀରରେ ସୂକ୍ଷ୍ମ ଶରୀରଧାରୀ ରିପୁମାନେ ସିଧାସଳଖ ଅବାଧରେ ଆକ୍ରମଣ କରନ୍ତି । ସ୍ଥୂଳ ଶରୀର ଥିବା ସମୟରେ ଯେପରି କଷ୍ଟ ହୁଏ, ସୂକ୍ଷ୍ମ ଶରୀରରେ ମଧ୍ୟ ଠିକ୍ ସେହିପରି କଷ୍ଟ ହୁଏ, ମାତ୍ର ସ୍ଥୂଳ ଶରୀରରେ କ୍ରିୟାରେ ପରିଣତ ନ ହେଲେ କଷ୍ଟ ହୁଏ ନାହିଁ, ସୂକ୍ଷ୍ମ ଶରୀରରେ କଳ୍ପନା ମାତ୍ରେ କ୍ରିୟାରେ ପରିଣତ ହୁଏ ।

ସ୍ଥୂଳ ଶରୀରରେ କୌଣସି ବ୍ୟକ୍ତି ମାରିବାକୁ ଇଚ୍ଛା କରେ, କିନ୍ତୁ ପାଖକୁ ଆସି ସ୍ଥୂଳରୂପେ ନ ମାରିଲେ କଷ୍ଟ ଅନୁଭୂତ ହୁଏ ନାହିଁ । କିନ୍ତୁ ସୂକ୍ଷ୍ମ ଶରୀରରେ ସ୍ଥୂଳାବରଣ ନ ଥାଏ, ଅନ୍ୟ ସତ୍ତାସବୁ ସୂକ୍ଷ୍ମରୂପେ ଅବାଧରେ ବିଚରଣ କରନ୍ତି, ଇଚ୍ଛା କରିବାମାତ୍ରେ ଆକ୍ରମଣ କରନ୍ତି । ଏହି ସୂକ୍ଷ୍ମ ଶରୀରର ଦୁଃଖକଷ୍ଟକୁ ପୁରାଣରେ 'ନରକ ଯନ୍ତ୍ରଣା' ନାମ ଦିଆଯାଇଅଛି । ଅତଏବ ଦୁଃଖକଷ୍ଟରୁ ରକ୍ଷା ପାଇବା ସକାଶେ ମୃତ୍ୟୁ ବରଣ କରିବା ଏକେବାରେ ଭୁଲ୍ । ସେଥିରେ ସମସ୍ୟାର ସମାଧାନ ହୁଏ ନାହିଁ, ହୁଏ ଶରୀରରେ, ଉତ୍ତମ କର୍ମ କରିବାରେ ।

ମନୁଷ୍ୟ-ଶରୀରରେ ବହୁ ଶକ୍ତି ରହିଅଛନ୍ତି ଏବଂ ସେମାନେ କର୍ମର ପ୍ରେରଣା ଦିଅନ୍ତି । ସାଧାରଣତଃ ମନୁଷ୍ୟ ମଧ୍ୟରେ ପ୍ରତିକୂଳ ଶକ୍ତି – କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା, ଦ୍ୱେଷ, ଦୁଃଖ, ଦ୍ୱନ୍ଦ୍ୱ, ଭୟ ଆଦି କ୍ରିୟାଶୀଳ ହୋଇଥା'ନ୍ତି । ଏହାର ବିପରୀତ – ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ, ଭକ୍ତି ତଥା ଅନ୍ୟାନ୍ୟ ବହୁ ଶକ୍ତି ସୁପ୍ତ ଅବସ୍ଥାରେ ଥା'ନ୍ତି । ଯଦିଓ ଏହି ଶକ୍ତିରାଜିର କ୍ରିୟା କେବେ କେବେ ପ୍ରକାଶିତ ହୁଏ, ତଥାପି ତାହାର ପରିମାଣ ବହୁତ କମ୍ । ମନୁଷ୍ୟ ଜଡ଼ରୁ କ୍ରମବିକାଶ ଧାରାରେ ଏପର୍ଯ୍ୟନ୍ତ ଆସିଛି, ସେଥିପାଇଁ ପ୍ରତିକୂଳ ଶକ୍ତି ସ୍ୱଭାବତଃ ତା' ମଧ୍ୟରେ ବିଦ୍ୟମାନ ଓ କ୍ରିୟାଶୀଳ ଥା'ନ୍ତି । ଚେତନାର ବିକାଶାନୁସାରେ ମନୁଷ୍ୟ ମଧ୍ୟରେ ଅନୁକୂଳ ଶକ୍ତି – ଶାନ୍ତି, ଆନନ୍ଦାଦିର ପ୍ରକାଶ ଘଟେ । କ୍ରମ-ବିକାଶ ଅନୁସାରେ ଏହିସବୁ ପ୍ରକାଶ ହେବାରେ ଅଧିକ ସମୟ ଲାଗେ ଏବଂ ଅତ୍ୟଧିକ ଦୁଃଖକଷ୍ଟ ଭୋଗିବାକୁ ହୁଏ । କେବଳ ଯୋଗ ଦ୍ୱାରା ଅନୁକୂଳ ଶକ୍ତିସମୂହକୁ ଅବିଳମ୍ବେ ଜାଗ୍ରତ କରାଯାଇପାରେ ।

ସୁଖଶାନ୍ତି ପ୍ରାପ୍ତ ହେବାର ଉପାୟ ମୃତ୍ୟୁ ନୁହେଁ, ଏକମାତ୍ର ଉପାୟ ଯୋଗ ।

ବିଲ୍ୱମଙ୍ଗଳ, ଗୋସ୍ୱାମୀ ତୁଳସୀ ଦାସ, ବୁଦ୍ଧଦେବ, ବିବେକାନନ୍ଦ, ନିଗମାନନ୍ଦ, ପରମହଂସ ରାମକୃଷ୍ଣ, ସମର୍ଥ ରାମଦାସ ଓ ବହୁ ମହାପୁରୁଷ ଜଗତର ଦୁଃଖକଷ୍ଟ ଦେଖିଥିଲେ, ଅନୁଭବ କରିଥିଲେ; ସେଥିରୁ ମୁକ୍ତ ହେବାକୁ ନିଜ ମଧ୍ୟରେ ସୁପ୍ତ ଆନନ୍ଦ, ଜ୍ଞାନ, ଶାନ୍ତି ଓ ଶକ୍ତିକୁ ଜାଗ୍ରତ କରାଇଥିଲେ ଏବଂ ନିଜେ ଆନନ୍ଦ ଅନୁଭବ କରିଥିଲେ ତଥା

ଅଗଣିତ ନରନାରୀଙ୍କୁ ମଧ୍ୟ ଆନନ୍ଦ ପ୍ରଦାନ କରିଥିଲେ । ଅଗ୍ନି ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେଲେ ଭୟଙ୍କରଭାବେ ମନୁଷ୍ୟର କ୍ଷତି କରେ, ଜଳ ବନ୍ୟା ରୂପେ ଆସି ସର୍ବନାଶ କରେ; କିନ୍ତୁ ସେହି ଅଗ୍ନିର ପ୍ରୟୋଗରେ ମନୁଷ୍ୟର ଖାଦ୍ୟ ପ୍ରସ୍ତୁତ ହୁଏ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସାଧିତ ହୁଏ, ସେହି ଜଳ ମଧ୍ୟ ମନୁଷ୍ୟର ଜୀବନ ରକ୍ଷା କରିଥାଏ । ବସ୍ତୁର ଦୋଷଗୁଣ ଥାଏ, ପ୍ରୟୋଗର ତାରତମ୍ୟରେ ତାହା ମନୁଷ୍ୟର ସର୍ବନାଶ କରିପାରେ କିଂବା ସର୍ବସ୍ୱ ଦେଇପାରେ । ଠିକ୍ ସେହିପରି ଜୀବନ । ଜୀବନରେ ଯଥାର୍ଥ ଏବଂ ଉଚିତ କର୍ମ କଲେ ଜୀବନ ଆନନ୍ଦମୟ ହୁଏ, ଏହାର ବିପରୀତ କର୍ମାଚରଣରେ ଜୀବନ ଦୁଃଖଯାତନାମୟ ହୁଏ । ଏହି ପୃଥିବୀରେ, ଏହି ମନୁଷ୍ୟ ଶରୀରରେ ବ୍ୟକ୍ତି କେବଳ ଦୁଃଖ ବା ସୁଖ ପାଇବାର ଉପାୟ କରିପାରେ, ଅନ୍ୟ କୌଣସି ଭୂମି ବା ଶରୀରରେ ନୁହେଁ ।

କେବଳ ମନୁଷ୍ୟର ଦୁଃଖଦ୍ୱନ୍ଦ୍ୱ ଦୂର କରି ସୁଖ, ଶାନ୍ତି, ଜ୍ଞାନ, ଆନନ୍ଦ, ଭକ୍ତି ପ୍ରଦାନ କରିବା ସକାଶେ ଭଗବାନ୍ ସ୍ୱୟଂ ବାରଂବାର ଅବତାର ଗ୍ରହଣ କରି ସଂସାରକୁ ଆସନ୍ତି କିଂବା ନିଜ ବିଭୂତି ସ୍ୱରୂପ ମହାପୁରୁଷଙ୍କୁ ପଠାନ୍ତି । ସେମାନଙ୍କ ଶିକ୍ଷାକୁ ବ୍ୟକ୍ତି ଅନୁସରଣ କଲେ ଅନାୟାସରେ ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦଙ୍କୁ ପ୍ରାପ୍ତ କରିପାରେ । ମନୁଷ୍ୟ-ଶରୀର ପ୍ରାପ୍ତ ହେବାର ଅର୍ଥ — ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନ କରି ବ୍ୟର୍ଥରେ ଜୀବନ ବିତାଇ ଦେବା ନୁହେଁ କିଂବା ଦୁଃଖକଷ୍ଟକୁ ଭୟ କରି ମୃତ୍ୟୁକୁ ବରଣ କରିବା ନୁହେଁ । ତାହା ତ ଅସରନ୍ତି ଦୁଃଖ-ଯାତନା-ସମୁଦ୍ରକୁ ଡେଇଁ ପଡ଼ିବା ହେବ । ମନୁଷ୍ୟ-ଶରୀର ପ୍ରାପ୍ତ ହେବାର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଉଦ୍ଦେଶ୍ୟ ହେଲା — ପରମ ଆନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ, ପରମ ଶକ୍ତିର ସ୍ୱରୂପ ଭଗବାନଙ୍କୁ ସର୍ବତୋଭାବେ ପ୍ରାପ୍ତ ହେବା । ଭଗବାନଙ୍କ ସହିତ ମନୁଷ୍ୟ ଏକତ୍ୱପ୍ରାପ୍ତ ହେଲେ ମନୁଷ୍ୟ ମଧ୍ୟରେ ଏହିସବୁ ଦିବ୍ୟଗୁଣର ସ୍ରୋତ ପ୍ରବାହିତ ହୁଏ ।